

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୨୭ ଅଗଷ୍ଟ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 27 August 2026

Vol.No. 36 ■ No.225 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା

ସାଗରିକା

(ରଥ ସଂଖ୍ୟା)

ଡିଜିଟାଲ ଫର୍ମାଟରେ

ମଧ୍ୟ ଉପଲବ୍ଧ...

ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର

website : sagarika.in.net


# ନେପାଳରେ ପ୍ରକୃତିର ଭୟଙ୍କର କୋପ: ଭୂତିକୋଶୀରେ ପ୍ରଳୟଙ୍କରୀ ବନ୍ୟା

## ୯୫ ମୃତ, ୫୦୦ରୁ ଅଧିକ ନିଖୋଜ

## ରିଲିଫ୍ ଅପରେସନ୍‌ରେ ସାମିଲ ହେବ ବାୟୁସେନାର ସି-୧୩୦ ଜେଟ୍

## ନେପାଳ ବନ୍ୟାରେ ଇଶା ଫାଉଣ୍ଡେସନ୍‌ରୁ ୭୭ ନିଖୋଜ





ନୂଆଦିଲ୍ଲୀ,୨୬/୮ : ନେପାଳ ଏବଂ ଚୀନ୍ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ପ୍ରଳୟଙ୍କରୀ ଆକସ୍ମିକ ବନ୍ୟା ଯୋଗୁଁ ବ୍ୟାପକ ପ୍ରାଣହାନି ଏବଂ ଭୟାବହ କ୍ଷୟକ୍ଷତି ଘଟିଛି। ଚୀନ୍‌ର ତିବ୍ବତ ଏବଂ ନେପାଳକୁ ଯୋଡୁଥିବା ପ୍ରମୁଖ ଗିରୋଙ୍ଗ୍ ଲ୍ୟାଣ୍ଡ୍ ପୋର୍ଟରେ ଥିବା ଚୀନ୍ କଷ୍ଟମ୍ସ କାର୍ଯ୍ୟାଳୟର ବହୁମହଲା ଭବନଟି ବନ୍ୟାର ପ୍ରଚଣ୍ଡ ଜଳସ୍ରୋତ ଧକ୍କାରେ କିଛି ମୁହୂର୍ତ୍ତ ମଧ୍ୟରେ ଧ୍ୱସ୍ତ ହୋଇଯାଇଛି। ଚୀନ୍ ଗଣମାଧ୍ୟମ ପକ୍ଷରୁ ଏହି ଦୃଶ୍ୟର ଭିଡିଓ ସାମ୍ନାକୁ ଆସିଛି, ଯେଉଁଥିରେ ସେଠାରେ ଥିବା ଲୋକମାନେ ଆତ୍ମରକ୍ଷା ପାଇଁ ଦୌଡୁଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, ଭାରତରୁ ମାନସରୋବର ଯାତ୍ରାରେ ଯାଉଥିବା ଶ୍ରଦ୍ଧାଳୁମାନେ ଚୀନ୍‌ରେ ପ୍ରବେଶ କରିବା ପାଇଁ ଏହି ପ୍ରମୁଖ ମାର୍ଗର ହିଁ ବ୍ୟବହାର କରିଥାନ୍ତି। ରିପୋର୍ଟ ଅନୁଯାୟୀ, ଭୋଟେ କୋଶୀ ନଦୀର ଜଳସ୍ତର ହଠାତ୍ ଅହେତୁକ ଭାବେ ବୃଦ୍ଧି ପାଇବା ପରେ ଏହି ପ୍ରଳୟ ସୃଷ୍ଟି ହୋଇଛି। ପ୍ରଚଣ୍ଡ ଜଳପ୍ଲାବନ ଯୋଗୁଁ ସୀମାନ୍ତ ଅଞ୍ଚଳର ପ୍ରାୟ ୪୦ କିଲୋମିଟର ଦୀର୍ଘ ସଡ଼କ ସମ୍ପୂର୍ଣ୍ଣ ରୂପେ ନିଶ୍ଚିହ୍ନ ହୋଇଯାଇଛି ଏବଂ ମାର୍ଗରେ ଥିବା ୧୯ଟି ବଡ଼ ସେତୁ ବନ୍ୟା ଜଳରେ ଭାସିଯାଇଛି। ଚୀନ୍ ସୀମାନ୍ତରେ ଏହି ପ୍ରଳୟ ରଚିବା ପରେ ବନ୍ୟା ଜଳ ନେପାଳ ସୀମାର ରସୁୱା, ତିମୁରେ ସମେତ ୫ଟି ଜିଲ୍ଲାକୁ ମାଡ଼ିଚାଲିଛି। ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ୍ ଏହି ବିପର୍ଯ୍ୟୟକୁ ଅତ୍ୟନ୍ତ ସମ୍ବେଦନଶୀଳ ଦର୍ଶାଇ ପ୍ରଭାବିତ ଅଞ୍ଚଳରେ ସେନା ମାଧ୍ୟମରେ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଜରୁରୀ ଆଦେଶ ଦେଇଛନ୍ତି। ପାଣିପାଗ ବିଶେଷଜ୍ଞଙ୍କ ଅନୁଯାୟୀ, ଉଚ୍ଚ ହିମାଳୟ ପାର୍ଶ୍ୱରେ ଥିବା ଏକ ବିଶାଳ ଗ୍ଲେସିୟର ଓ ମାଟିର ଅଂଶ ନଦୀରେ ଖସିପଡ଼ିବା ଯୋଗୁଁ ଏହି ଆକସ୍ମିକ ବନ୍ୟା ଆସିଛି। ଭୟଙ୍କର ଆକସ୍ମିକ ବନ୍ୟାରେ ନେପାଳରେ ଅତି କମ୍‌ରେ ୯୫ ଜଣଙ୍କ ମୃତ୍ୟୁ ହୋଇଛି ଏବଂ ଶତାଧିକ ଲୋକ ନିଖୋଜ ଅଛନ୍ତି। ଏଭଳି ଏକ ଜଟିଳ ସ୍ଥିତିରେ ଭାରତ ନେପାଳକୁ ରିଲିଫ୍ ସାମଗ୍ରୀ ପଠାଇବା ପାଇଁ ପ୍ରସ୍ତୁତ ହେଉଛି। ଭାରତୀୟ ବାୟୁସେନା ନେପାଳରେ ଯେକୌଣସି ଉଦ୍ଧାର ଓ ରିଲିଫ୍ ଅଭିଯାନ କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ସୂତ୍ରରୁ କୁହାଯାଇଛି। ବାୟୁସେନାର ସି-୧୭ ଓ ସି-୧୩୦ ବିମାନ ରିଲିଫ୍ ସାମଗ୍ରୀ, ଔଷଧ ଓ ମାଟି ଖୋଳିବା ଯନ୍ତ୍ରପାତି ସହ ନେପାଳ ଯିବା ପାଇଁ ପ୍ରସ୍ତୁତ ରଖାଯାଇଛି। ମିଳିଥିବା ସୂଚନାନୁଯାୟୀ, ସି-୧୩୦ ବିମାନ ଆଜି ନେପାଳ ଯିବ ଏବଂ ସି-୧୭ ବିମାନ ଗୁରୁବାର ଅପରାହ୍ଣରେ ରିଲିଫ୍ ଅଭିଯାନର ଅଂଶ ହେବ। ଏନ୍‌ଡିଆରଏଫ୍‌କୁ ମଧ୍ୟ ନେପାଳରେ ଆବଶ୍ୟକ ହେଲେ ରିଲିଫ୍ ଓ ଉଦ୍ଧାର ଅଭିଯାନ ପାଇଁ ପ୍ରସ୍ତୁତ ରଖାଯାଇଛି। ନିଖୋଜ ଭାରତୀୟମାନଙ୍କ ସହାୟତା ଓ ସୂଚନା ପାଇଁ ନେପାଳସ୍ଥିତ ଭାରତୀୟ ଦୂତାବାସ ଜରୁରିକାଳୀନ ଫୋନ୍ ନମ୍ବର ଜାରି କରିଛି। ◆◆ପୃଷ୍ଠା ୭

## କାର୍ଟୁନ ଚଳଚ୍ଚିତ୍ର 'ମହାପ୍ରଭୁ ଜଗନ୍ନାଥ' ନିର୍ମାତା ଅପରାଧୀ: ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ




ପୁରୀ, ୨୬/୮ (ନି.ପ୍ର): ଭୁବନେଶ୍ୱରର ଏଆଇ ଆନିମେସନ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ନିର୍ମିତ 'ମହାପ୍ରଭୁ ଜଗନ୍ନାଥ' ଆନିମେଟେଡ୍ ଚଳଚିତ୍ର ଓ 'ଜୟ ଜଗନ୍ନାଥ' ଧାରାବାହିକ ଅଗଷ୍ଟରେ ମୁକ୍ତିଲାଭ କରିବା ଯୋଜନା ରହିଛି। ଏହି ପରିପ୍ରେକ୍ଷୀରେ ଗୋବର୍ଦ୍ଧନପୀଠ ଶଙ୍କରାଚାର୍ଯ୍ୟ ଜଗଦ୍‌ଗୁରୁ ନିଶ୍ଚଳାନନ୍ଦ ସରସ୍ୱତୀ ଏକ ପ୍ରେସ୍ ବିବୃତି ଜରିଆରେ ଚଳଚ୍ଚିତ୍ରକୁ କଠୋର ଭାଷାରେ ତିରସ୍କାର କରିଛନ୍ତି। ମହାପ୍ରଭୁଙ୍କୁ କାର୍ଟୁନ୍ କରି ପ୍ରଦର୍ଶିତ କରାଯିବା ଅପରାଧ ବୋଲି କହିଛନ୍ତି । ମିଳିଥିବା ସୂଚନାନୁସାରେ, ପୁରୀ ଗଜପତି ମହାରାଜାଙ୍କୁ ପତ୍ର ଲେଖି ଏହି ଚଳଚ୍ଚିତ୍ର ବାବଦରେ ଅବଗତ କରାଇଛନ୍ତି।

## ଜମି ଦୁର୍ନୀତି ମାମଲାରେ ତହସିଲଦାର ଓ ଏଆରଆଇ ସସ୍‌ପେଣ୍ଡ

ଭୁବନେଶ୍ୱର, ୨୬/୮ (ନି.ପ୍ର): ଜମି ଦୁର୍ନୀତି ମାମଲାରେ ତହସିଲଦାର ଓ ଏଆରଆଇ ସସ୍‌ପେଣ୍ଡ । କୋମନା ତହସିଲଦାର ତଥା ସବ୍ ରେଜିଷ୍ଟ୍ରାର ସର୍ବେଶ୍ୱର ଜାଲ ସସ୍‌ପେଣ୍ଡ । ତହସିଲଦାରଙ୍କୁ ନିଲମ୍ବନ କରିଛି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ । ଏଆରଆଇ ରାମନାଥ ମିଶ୍ରଙ୍କୁ ନିଲମ୍ବନ କଲେ ଜିଲ୍ଲାପାଳ । ସୂଚନା ଅନୁସାରେ, ଚାନ୍ଦୋପଲା ଗାଁର ସତ୍ୟ ନାରାୟଣ ପ୍ରଧାନୀଙ୍କ ନାଁରେ ଚାରି ଏକର ◆◆ପୃଷ୍ଠା ୭

## ୨ ଘରୋଇ ହସ୍ପିଟାଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ: ମନ୍ତ୍ରୀ

ଭୁବନେଶ୍ୱର, ୨୬ ଅଗଷ୍ଟ (ହି.ସ)- ଭୁବନେଶ୍ୱରର ଦୁଇଟି ଘରୋଇ ହସ୍ପିଟାଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ। ମନ୍ତ୍ରୀ କହିଛନ୍ତି ଭୁବନେଶ୍ୱରରେ ଥିବ କିମ୍ସ ଓ ମଣିପାଲ ହସ୍ପିଟାଲ୍ ବିରୋଧରେ ଅନିୟମିତତା ପ୍ରମାଣ ମିଳିଥିବାରୁ କାର୍ଯ୍ୟାନୁଷ୍ଠାନ ହେବ। ଆୟୁଷ୍ମାନ ଭାରତ, ଗୋପବନ୍ଧୁ ଆରୋଗ୍ୟ ଯୋଜନାରେ ଅନିୟମିତତା ଅଭିଯୋଗ ହୋଇଥିଲା। ଆମ ଟିମ୍ ଅଭିଯୋଗ ଆଧାରରରେ କିମ୍ସ, ମଣିପାଲ ଭିଜିଟ୍ କରିଥିଲେ। କାହାଠୁ ଅଧିକ ଟଙ୍କା ତ କାହାକୁ ହଇରାଣ କରିଥିବା ପ୍ରମାଣ ମିଳିଛି। ସେଥିପାଇଁ ଦୁଇଟି ହସ୍ପିଟାଲକୁ ନୋଟିସ୍ କରିଛୁ। ନୋଟିସ୍ ର ଜବାବ ନ ମିଳିଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ତୁଟୁନି ଧାନ ପଞ୍ଜୀକରଣ ଅଡୁଆ: ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ମାନୁନାହାନ୍ତି ବାବୁ

ଭୁବନେଶ୍ୱର, ୨୬/୮ (ନି.ପ୍ର): ଜମିରେ ଝାଳ ବୁହାଇ ଫସଲ ଫଳାଉଥିବା ଚାଷୀ, ଏବେ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିବାକୁ ଯାଇ ନାହିଁ ନଥିବା ହଇରାଣ ହେଉଛନ୍ତି। ରାଜ୍ୟରେ ଖରିଫ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଚାଲିଛି। କିନ୍ତୁ ହାତରେ ୪ ଦିନ ସମୟ ଥିବାରୁ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। କେଉଁଠି ସର୍ଭର ସ୍ଲୋ' ତ କେଉଁଠି ନେଟୱାର୍କ ସମସ୍ୟା। ଆଉ କେଉଁଠି ସରକାରଙ୍କ ଜଟିଳ ନିୟମ ଚାଷୀଙ୍କ ନିଦ ହଜାଇ ଦେଇଛି। ରାଜ୍ୟରେ ଖରିଫ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଚାଲିଛି। କିନ୍ତୁ ଧୀମା ପ୍ରକ୍ରିୟା ଯୋଗୁଁ ନାନା ସମସ୍ୟା ଉପୁଜିଛି। କେଉଁଠି ସର୍ଭର ତ କେଉଁଠି ନେଟୱାର୍କ ସମସ୍ୟା। ଏମିତିକି ବିଭିନ୍ନ କଟକଣା ଯୋଗୁଁ ଅନେକ ପ୍ରକୃତ ଚାଷୀ ପଞ୍ଜୀକରଣରୁ ବାଦ ପଡ଼ିବା ଆଶଙ୍କା ସୃଷ୍ଟି ହୋଇଛି। ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡ ଫାଶୀମାଲ ଲ୍ୟାମ୍ପସରେ ସର୍ଭର ସ୍ଲୋ ଏବଂ ନେଟ୍ ସମସ୍ୟା ଯୋଗୁଁ ହଜାର ହଜାର ଚାଷୀ ସକାଳୁ ରାତିଯାଏଁ ଅପେକ୍ଷା କରି ମଧ ନିରାଶ ହେଉଛନ୍ତି। ଜମନକିରା ବ୍ଲକ ୯ଟି ପଞ୍ଚାୟତର ପ୍ରାୟ ୩ ହଜାରରୁ ଅଧିକ ଚାଷୀ ପଞ୍ଜୀକରଣ ପାଇଁ ଲ୍ୟାମ୍ପସକୁ ଦୌଡୁଥିବା ବେଳେ ମାତ୍ର ହାତ ଗଣତି କିଛି ଲୋକଙ୍କର ପଞ୍ଜୀକରଣ ହୋଉଛି। ଯେଉଁମାନଙ୍କର ନହେଉଛି, ସେମାନେ ସମୟସୀମା ବଢ଼ାଇବାକୁ ଦାବି କରିଛନ୍ତି। କଳାହାଣ୍ଡି ଜିଲ୍ଲାରେ ଧାନ ବିକ୍ରି ପାଇଁ ଟୋକନ୍ ପଞ୍ଜୀକରଣ ସମୟରେ ବାଧକ ସାଜିଛି ଆଇ-ସ୍କାନ। ଅଧିକାଂଶ ଜମି ମାଲିକ ବୃଦ୍ଧ ହେଉଥିବାରୁ ସେମାନେ ନାହିଁ ନଥିବା ହଇରାଣ ହେଉଛନ୍ତି। ସବୁଠି ଚାଷୀ ପଞ୍ଜୀକରଣକୁ ନେଇ ସମାନ ସ୍ଥିତି। ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକରେ ଚାଷୀ ପଞ୍ଜୀକରଣରେ ଅନିୟମିତତା ଓ ବିଭ୍ରାଟ ଅଭିଯୋଗ ହୋଇଛି। ଚାଷୀ ପଞ୍ଜୀକରଣ ପ୍ରକ୍ରିୟାରେ କିଛି ଜମିକୁ ସାମିଲ ନକରାଯାଉଥିବା ଅଭିଯୋଗ କରି ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ବରଗଡ଼ ଜିଲ୍ଲାପାଳଙ୍କ ନିକଟରେ ଦାବିପତ୍ର ଦେଇ ତୁରନ୍ତ ସମସ୍ୟାର ସମାଧାନ ଦାବି କରିଛନ୍ତି। ◆◆ପୃଷ୍ଠା ୭

## ନୀତିନଙ୍କ ଜେନ୍-ଜି ଫର୍ମୁଲା: ଯୁବବର୍ଗଙ୍କୁ ରାଜନୀତିକୁ ଆଣିବାକୁ ରାଜ୍ୟ ବିଜେପିର କସରତ




ଭୁବନେଶ୍ୱର, ୨୬/୮ (ନି.ପ୍ର): ଯୁବପିଢ଼ିଙ୍କ ପାଇଁ ବିଜେପିର ସ୍ୱତନ୍ତ୍ର ପ୍ଲାନ୍ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ଜନ୍ମଦିନ ସେପ୍ଟେମ୍ବର ୧୭ରୁ ସେବା ସଂକଳ୍ପ ଯାତ୍ରା ମାଧ୍ୟମରେ ଯୁବବର୍ଗଙ୍କ ସହ ଯୋଡ଼ି ହେବ ଦଳ । ଏଥିପାଇଁ ଯୁବମୋର୍ଚ୍ଚାକୁ ମିଳିଛି ଗୁରୁଦାୟିତ୍ୱ । ସମ୍ଭାବ୍ୟ ଯୁବ ଶିକ୍ଷିତ ପ୍ରାର୍ଥୀ ଖୋଜିବାକୁ ବିଧାୟକ ଓ ସାଂସଦଙ୍କୁ ବି ଦିଆଯାଇଛି ଟାସ୍କ । ପଞ୍ଚାୟତ ନିର୍ବାଚନକୁ ଆଖିରେ ରଖି ଶାସକ ଦଳ ବିଜେପି ଏବେଠୁ ଆରମ୍ଭ କରିଛି ପ୍ରାର୍ଥୀ ଖୋଜା ଅଭିଯାନ । ତେବେ ଏଥରର ବିଶେଷତ୍ୱ ହେଉଛି, ବରିଷ୍ଠ ଓ ଅଭିଜ୍ଞଙ୍କ ଅପେକ୍ଷା ଶିକ୍ଷିତ ଯୁବକ ଯୁବତୀଙ୍କ ଉପରେ ରହିଛି ଦଳର ଅଧିକ ଗୁରୁତ୍ୱ। ନିଜ ନିଜ ଅଞ୍ଚଳର ଯୋଗ୍ୟ ପ୍ରାର୍ଥୀଙ୍କୁ ଖୋଜିବେ ବିଜେପି ବିଧାୟକ, ସାଂସଦ ଓ ଦଳୀୟ ନେତା । ଏଥିସହ ଦିଲ୍ଲୀରୁ ନିର୍ଦ୍ଦେଶ ମିଳିବା ପରେ ରାଜ୍ୟ ବିଜେପି କରିଛି ବଡ଼ ରଣନୀତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ସେପ୍ଟେମ୍ବର ୧୭ରୁ ଆରମ୍ଭ ◆◆ପୃଷ୍ଠା ୭

## ଆଜି ଆମ ବସ୍‌ରେ ମାଗଣାରେ ଯାତ୍ରା କରିପାରିବେ ମହିଳା

ଭୁବନେଶ୍ୱର, ୨୬/୮ (ନି.ପ୍ର): ପବିତ୍ର ରକ୍ଷା ବନ୍ଧନ ଅବସରରେ ମହିଳା ଯାତ୍ରୀଙ୍କ ପାଇଁ ୨୭ ଅଗଷ୍ଟ ୨୦୨୬ରେ ଆମ ବସ୍ ରେ ଦେୟମୁକ୍ତ ଯାତ୍ରା ସୁବିଧା ଘୋଷଣା କରିଛି କମ୍ପ୍ରେହେନ୍ସିଭ୍ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ୍) । ଭୁବନେଶ୍ୱର, କଟକ, ପୁରୀ, ରାଉରକେଲା, ସମ୍ବଲପୁର, ବ୍ରହ୍ମପୁର ଓ କେନ୍ଦୁଝର ସହରରେ ଚଳାଚଳ କରୁଥିବା ସମସ୍ତ ଆମ ବସ୍ ରେ ଏହି ସୁବିଧା ଉପଲବ୍ଧ ହେବ । ଏହାଦ୍ୱାରା ଦିନକରେ ପ୍ରାୟ ଏକ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ଯାତ୍ରୀ ଉପକୃତ ହେବେ ବୋଲି ଆଶା କରାଯାଉଛି । ◆◆ପୃଷ୍ଠା ୭


## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଁ ରୀନା ବେଉରା

କୁସୁନପୁର, କେନ୍ଦ୍ରାପଡ଼ା

ଆପଣଙ୍କର ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଆମ୍ଭମାନଙ୍କୁ ମ୍ରିୟମାଣ କରୁଛି। ଆପଣ ଆଉ ଇହଧାମରେ ନାହାନ୍ତି ବୋଲି ଭାବିଲା ବେଳକୁ ପାଦତଳୁ ମାଟି ଖସି ଗଲାଭଳି ଲାଗୁଛି। ବିଧିର ବିଧାନ ବିଚିତ୍ର। ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କୃପାରୁ ଆପଣଙ୍କ ଆତ୍ମା ଚିର ମୁକ୍ତିଲାଭ କରୁ ଓ ଆପଣଙ୍କ ଶୁଭାଶିଷ ଆମ୍ଭମାନଙ୍କ ଉପରେ ସର୍ବଦା ରହିଥାଉ। ଏହାହିଁ ଆମ୍ଭମାନଙ୍କ କାମନା।

ଶୋକସନ୍ତପ୍ତ:

ବନ୍ଧୁ ବାନ୍ଧବ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ


## ସର୍କିଟ୍ ହାଉସ୍‌ରେ ଅପରାଧୀଙ୍କ ମେଳି: ବିହାରରୁ ଧରାପଡ଼ିଲା ମାଷ୍ଟରମାଇଣ୍ଡ୍ ପ୍ରକାଶ



ରାଉରକେଲା, ୨୬/୮ (ନି.ପ୍ର): ରାଉରକେଲା ସର୍କିଟ୍ ହାଉସ୍ ବନ୍ଧୁକ ଜବତ ମାମଲାରେ ରାଉରକେଲା ପୁଲିସ୍‌କୁ ବଡ଼ ସଫଳତା ମିଳିଛି। ମୁଖ୍ୟ ଅଭିଯୁକ୍ତ କହାଯାଉଥିବା ନିଲମ୍ବିତ ବିଜେପି ଯୁବନେତା ତଥା କେନ୍ଦ୍ରମନ୍ତ୍ରୀଙ୍କ ରାଉରକେଲା ମହାନଗର ନିଗମ ପ୍ରତିନିଧି ପ୍ରକାଶ ପାଶୱାନଙ୍କୁ ବିହାର ସମସ୍ତିପୁର ଅଞ୍ଚଳରୁ ପୁଲିସ ଗିରଫ କରିଛି। ଆସନ୍ତାକାଲି ସୁଦ୍ଧା ତାଙ୍କୁ ରାଉରକେଲା ଅଣାଯିବ ବୋଲି ସୂଚନା ମିଳିଛି। ତେବେ ଏନେଇ ପୁଲିସ ପକ୍ଷରୁ ଆନୁଷ୍ଠାନିକ ଭାବେ ସୂଚନା ଦିଆଯାଇନାହିଁ। ଅପରପକ୍ଷରେ, ପ୍ରକାଶଙ୍କ ବେଆଇନ ଘରକୁ ଭାଙ୍ଗିବା ପାଇଁ ଜିଲ୍ଲା ପ୍ରଶାସନ ଓ ବନ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ କରିଦେଇଛି। ପ୍ରକାଶ ଗତ ୨୦୨୨ ମସିହାରେ ଦୀପ୍ତି ହୋଟେଲ ପାଖରେ ଏକ କମ୍ୟୁନିଟି ସେଣ୍ଟର ନିର୍ମାଣ କରିବା ନାଁରେ ପ୍ରାୟ ଅଢ଼େଇ ଡିସିମିଲ ଜମି ବନବିଭାଗଠାରୁ ନେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ନିଜର ରାଜନୈତିକ ପ୍ରଭାବ ଖଟାଇ ଜଙ୍ଗଲ ଜମି ମାଡ଼ି ବସିବା ସହ ବେଆଇନ ଭାବେ ନିଜର କାର୍ଯ୍ୟାଳୟ ନିର୍ମାଣ କରିଥିଲେ। ◆◆ପୃଷ୍ଠା ୭

## ପୁଣି ଥରେ ହେବ କି ପଶ୍ଚିମବଙ୍ଗ ନିର୍ବାଚନ ?: ଏସଆଇଆରରୁ ବାଦ୍ ଦିଆଯାଇଥିବା ୯୦% ନାମ ବୈଧ, ୩୧ ଆସନ ପ୍ରଭାବିତ




ନୂଆଦିଲ୍ଲୀ,୨୬/୮ : ପଶ୍ଚିମବଙ୍ଗରେ ପୁଣି ବିଧାନସଭା ନିର୍ବାଚନ ହେବ କି ? ସୁପ୍ରିମକୋର୍ଟରେ ସ୍ୱତନ୍ତ୍ର ସଘନ ସମୀକ୍ଷା (ଏସଆଇଆର) ସମୟରେ ବାଦ୍ ଦିଆଯାଇଥିବା ନାମ ଉପରେ ଶୁଣାଣି ସମୟରେ ଏହି ପ୍ରଶ୍ନ ଉଠିଛି। ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଖଣ୍ଡପୀଠ, ଜଣେ ଆବେଦନକାରୀଙ୍କ ଯୁକ୍ତିର ଉତ୍ତର ଦେଇ ପଚାରିଥିଲେ ଯେ କୋର୍ଟ ନିର୍ବାଚନ ପାଇଁ ନିର୍ଦ୍ଦେଶ ଦେଇପାରିବେ କି ? ଖଣ୍ଡପୀଠର ଅନ୍ୟତମ ବିଚାରପତି ଜଷ୍ଟିସ୍ ଜୟମଲ ବାଗଚୀ କହିଛନ୍ତି, ଧରନ୍ତୁ ବିଜୟର ବ୍ୟବଧାନ ୫୦% ଏବଂ ସେହି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧୦୦ ଭୋଟରଙ୍କ ନାମ କାଟି ଦିଆଯାଇଛି। ଯଦି ଶୁଣାଣି ସମୟରେ, ଟ୍ରିବ୍ୟୁନାଲ୍ ୧୦୦ ଭୋଟରଙ୍କ ମଧ୍ୟରୁ ୭୦ ଜଣଙ୍କ ନାମ କାଟିବା ଭୁଲ୍ ବୋଲି ପାଆନ୍ତି, ତେବେ ପରିସ୍ଥିତି ଭିନ୍ନ ହେବ। ଜଷ୍ଟିସ୍ ବାଗଚି କହିଛନ୍ତି, ଯଦି ୭୦ ଜଣ ଲୋକ ସେମାନଙ୍କ ନାମ ବାଦ୍ ଦେବା ବିରୋଧରେ ଟ୍ରିବ୍ୟୁନାଲରେ ଆବେଦନ କରିଛନ୍ତି ତେବେ ଏହି ପ୍ରସଙ୍ଗ ଗୁରୁତ୍ୱପୂର୍ଣ୍ଣ। ଶୁଣାଣି ସମୟରେ, ଆବେଦନକାରୀଙ୍କ ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଓକିଲ ଗୋପାଳ ଶଙ୍କରାନାରାୟଣନ ଏକ ତଥ୍ୟ ରିପୋର୍ଟ ଦାଖଲ କରିଥିଲେ। ଶଙ୍କରନାରାୟଣନଙ୍କ ଅନୁଯାୟୀ, ଟ୍ରିବ୍ୟୁନାଲ୍ ଏସଆଇଆରରୁ ବାଦ୍ ଦିଆଯାଇଥିବା ◆◆ପୃଷ୍ଠା ୭

# ଗହ୍ମା ପୂର୍ଣ୍ଣିମା, ରକ୍ଷା ବନ୍ଧନ ଓ ଜୀବନର ମୂଲ୍ୟବୋଧ



ଡଃ ଅମୂଲ୍ୟ କୁମାର ପଣ୍ଡା



ପ୍ରତ୍ୟେକ ପର୍ବର ପଛରେ ରହିଛି ଗଭୀର ସାମାଜିକ, ଧାର୍ମିକ ଓ ସାଂସ୍କୃତିକ ମହତ୍ତ୍ୱ। ଓଡ଼ିଶାର ପରମ୍ପରାରେ ଶ୍ରାବଣ ପୂର୍ଣ୍ଣିମା ଏକ ବିଶେଷ ଦିନ। ଏହି ଦିନକୁ ଓଡ଼ିଶାରେ ସାଧାରଣତଃ ଗହ୍ମା ପୂର୍ଣ୍ଣିମା ଭାବେ ପାଳନ କରାଯାଏ। ଏହି ଦିନ ସହିତ ଭାଇ-ଭଉଣୀଙ୍କ ପବିତ୍ର ସମ୍ପର୍କର ପ୍ରତୀକ ରକ୍ଷା ବନ୍ଧନ ମଧ୍ୟ ଜଡ଼ିତ। ଗହ୍ମା ପୂର୍ଣ୍ଣିମା ଓ ରକ୍ଷା ବନ୍ଧନ ଦୁଇଟି ପରମ୍ପରାର ମୂଳରେ ରହିଛି ସ୍ନେହ, ମଙ୍ଗଳକାମନା, ପରସ୍ପର ସୁରକ୍ଷା ଓ ପରିବାରିକ ଏକତା। ଓଡ଼ିଆ ଜୀବନଧାରାରେ ଗହ୍ମା ପୂର୍ଣ୍ଣିମାର ଏକ ସ୍ୱତନ୍ତ୍ର ଲୋକସାଂସ୍କୃତିକ ରୂପ ରହିଛି। ଅନ୍ୟପଟେ ରକ୍ଷା ବନ୍ଧନ ଭାଇ-ଭଉଣୀଙ୍କ ଭଲପାଇବାକୁ ସାମାଜିକ ଭାବେ ଦୃଢ଼ କରେ। ଶ୍ରାବଣ ମାସର ପୂର୍ଣ୍ଣିମା ତିଥି ଓଡ଼ିଆ ସଂସ୍କୃତିରେ ବିଶେଷ ମହତ୍ତ୍ୱ ବହନ କରେ। ଗ୍ରାମୀଣ ଓଡ଼ିଶାରେ ଏହି ଦିନକୁ ଗହ୍ମା ପୂର୍ଣ୍ଣିମା ବୋଲି କୁହାଯାଏ। ଚାଷବାସ ସହ ଜଡ଼ିତ ଓଡ଼ିଶାର ଜୀବନରେ ଗୋରୁଗାଈଙ୍କ ଗୁରୁତ୍ୱ ଅତ୍ୟଧିକ। ତେଣୁ ଏହି ଦିନ ଗୋପାଳନ ଓ କୃଷିଜୀବନ ସହ ଜଡ଼ିତ ଅନେକ ପରମ୍ପରା ପାଳନ କରାଯାଏ। ଗହ୍ମା ପୂର୍ଣ୍ଣିମାର ମୁଖ୍ୟ ଆକର୍ଷଣ ହେଉଛି ଗୋରୁପୂଜା। ଚାଷୀ ପରିବାର ପାଇଁ ଗୋରୁ କେବଳ ଏକ ପଶୁ ନୁହେଁ; ସେମାନେ କୃଷିକାର୍ଯ୍ୟର ସହଯୋଗୀ ଓ ପରିବାରର ଏକ ଅଂଶ। ଚାଷ ଜମି ପ୍ରସ୍ତୁତ କରିବା, ହଳ ଚଳାଇବା ଓ ଅନ୍ୟାନ୍ୟ କୃଷିକାର୍ଯ୍ୟରେ ପାରମ୍ପରିକ ଭାବରେ ଗୋରୁଙ୍କ ଅବଦାନ ରହିଆସିଛି। ତେଣୁ ତାଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିବାର ଏକ ପବିତ୍ର ଅବସର ହେଉଛି ଗହ୍ମା ପୂର୍ଣ୍ଣିମା।

ଏହି ପର୍ବରେ ଗୋରୁମାନଙ୍କୁ ସ୍ନାନ କରାଯାଏ। ସେମାନଙ୍କୁ ପରିଷ୍କାର କରି ଶରୀରରେ ତେଲ ଲଗାଯାଏ ଏବଂ ଶିଙ୍ଗ ଓ ଶରୀରକୁ ସୁନ୍ଦର ଭାବେ ସଜାଯାଏ। କେତେକ ଅଞ୍ଚଳରେ ଗୋରୁମାନଙ୍କୁ ନୂଆ ଦଉଡ଼ି, ମାଳା ଓ ବିଭିନ୍ନ ପ୍ରକାର ସାଜସଜ୍ଜାରେ ସଜାଯାଏ। ଘରର ଲୋକମାନେ ସେମାନଙ୍କୁ ଧୂପ, ଦୀପ, ସିନ୍ଦୂର ଆଦିରେ ପୂଜା କରନ୍ତି। ପୂଜା ପରେ ଗୋରୁମାନଙ୍କୁ ବିଶେଷ ଖାଦ୍ୟ ଦିଆଯାଏ। ଏହା ମାଧ୍ୟମରେ ଚାଷୀ ନିଜର କୃଷି ସହଯୋଗୀ ପଶୁମାନଙ୍କ ପ୍ରତି ସମ୍ମାନ ଓ କୃତଜ୍ଞତା ଜଣାଇଥାଏ। ଏହି ପରମ୍ପରା ମନୁଷ୍ୟ ଓ ପଶୁ ମଧ୍ୟରେ ଥିବା ନିବିଡ଼ ସମ୍ପର୍କକୁ ପ୍ରକାଶ କରେ। ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। ପ୍ରାଚୀନ କାଳରୁ ଚାଷୀଙ୍କ ଜୀବନ ଗୋରୁଗାଈ ଓ କୃଷିକାର୍ଯ୍ୟ ସହ ଅବିଚ୍ଛିନ୍ନ ଭାବରେ ଜଡ଼ିତ। ଗହ୍ମା ପୂର୍ଣ୍ଣିମା ଏହି କୃଷି ସଂସ୍କୃତିର ଏକ ସୁନ୍ଦର ପ୍ରତିଫଳନ। ଆଧୁନିକ ଯୁଗରେ ଟ୍ରାକ୍ଟର ଓ ବିଭିନ୍ନ ଯନ୍ତ୍ରପାତି କୃଷିକାର୍ଯ୍ୟରେ ବ୍ୟବହୃତ ହେଉଥିଲେ ମଧ୍ୟ ଗ୍ରାମୀଣ ଜୀବନରେ ଗୋରୁଙ୍କ ଗୁରୁତ୍ୱ ଆଜି ମଧ୍ୟ ରହିଛି। ଗୋରୁଠାରୁ କ୍ଷୀର, ଗୋବର ଓ ଅନ୍ୟାନ୍ୟ ଉପକାରୀ ସାମଗ୍ରୀ ମିଳିଥାଏ। ଗୋବର ଜୈବସାର ଭାବେ ମାଟିର ଉର୍ବରତା ବଢ଼ାଇବାରେ ସହାୟକ। ତେଣୁ ଗହ୍ମା ପୂର୍ଣ୍ଣିମା ଆମକୁ ପଶୁ ଓ ପ୍ରକୃତି ପ୍ରତି କୃତଜ୍ଞ ହେବାର ଶିକ୍ଷା ଦିଏ।

ଏହି ଗହ୍ମା ପୂର୍ଣ୍ଣିମାରେ ରକ୍ଷା ବନ୍ଧନ ହେଉଛି ଏକ ମୁଖ୍ୟ ଅଂଶ। ଏହି ପର୍ବରେ ଭାଇ-ଭଉଣୀଙ୍କ ସ୍ନେହ ଓ ବିଶ୍ୱାସର ପବିତ୍ର ପର୍ବ। 'ରକ୍ଷା' ଅର୍ଥ ସୁରକ୍ଷା ଏବଂ 'ବନ୍ଧନ' ଅର୍ଥ ସମ୍ପର୍କର ଡୋରି। ଭଉଣୀ ଭାଇଙ୍କ ହାତରେ ରାକ୍ଷୀ ବାନ୍ଧି ତାଙ୍କ ମଙ୍ଗଳ ଓ ଦୀର୍ଘ ଜୀବନ କାମନା କରେ। ଭାଇ ମଧ୍ୟ ଭଉଣୀଙ୍କ ସୁଖ, ସୁରକ୍ଷା ଓ ସମ୍ମାନ ପାଇଁ ସଦା ସହଯୋଗ କରିବାର ପ୍ରତିଶ୍ରୁତି ଦିଏ। ତେବେ ରକ୍ଷା ବନ୍ଧନର ଅର୍ଥ କେବଳ ଭାଇ ଭଉଣୀଙ୍କୁ ସୁରକ୍ଷା ଦେବା ନୁହେଁ। ଏହା ପରସ୍ପର ସ୍ନେହ, ସମ୍ମାନ, ବିଶ୍ୱାସ ଓ ଦାୟିତ୍ୱର ପ୍ରତୀକ। ଭାଇ ଓ ଭଉଣୀ ଉଭୟେ ପରସ୍ପରର ସୁଖଦୁଃଖରେ ସାଥୀ ହେବା ହେଉଛି ଏହି ପର୍ବର ମୂଳ ଭାବନା। ରକ୍ଷା ବନ୍ଧନ ଦିନ ଭଉଣୀମାନେ ନିଜ ଭାଇଙ୍କ ପାଇଁ ରାକ୍ଷୀ ପ୍ରସ୍ତୁତ କରନ୍ତି କିମ୍ବା ବଜାରରୁ ରାକ୍ଷୀ କିଣନ୍ତି। ଭାଇଙ୍କ ହାତରେ ରାକ୍ଷୀ ବାନ୍ଧିବା ପୂର୍ବରୁ ଅନେକ ପରିବାରରେ ଭାଇଙ୍କୁ ଚନ୍ଦନ, ସିନ୍ଦୂର ଓ ଅକ୍ଷତରେ ତିଳକ ଦିଆଯାଏ। ପରେ ଆରତି କରାଯାଇ ରାକ୍ଷୀ ବାନ୍ଧାଯାଏ। ଭାଇ ଭଉଣୀଙ୍କୁ ଉପହାର ଦେଇଥାଏ। ଏହି ଛୋଟ ଆଚାର ମଧ୍ୟରେ ଗଭୀର ଭାବନା ଲୁଚି ରହିଛି। ରାକ୍ଷୀର ସୂତା ଅତ୍ୟନ୍ତ ସରଳ ହେଲେ ମଧ୍ୟ ଏହା ଭାଇ-ଭଉଣୀଙ୍କ ମନକୁ ଭାବନାର ଏକ ଅଦୃଶ୍ୟ ବନ୍ଧନରେ ବାନ୍ଧି ରଖେ। ଭାରତୀୟ ପରମ୍ପରାରେ ରକ୍ଷା ସୂତ୍ରର ଧାରଣା ବହୁ ପୁରାତନ। ପୁରାଣ ଓ ଲୋକ ପରମ୍ପରାରେ ରକ୍ଷାସୂତ୍ର ସମ୍ପର୍କିତ ବିଭିନ୍ନ କଥା ପ୍ରଚଳିତ ଅଛି। ଏହି କଥାଗୁଡ଼ିକରେ ରକ୍ଷାସୂତ୍ରକୁ ମଙ୍ଗଳ, ସୁରକ୍ଷା ଓ ଶୁଭକାମନାର ପ୍ରତୀକ ଭାବେ ଦର୍ଶାଯାଇଛି। ଶ୍ରାବଣ ପୂର୍ଣ୍ଣିମାରେ ଓଡ଼ିଶାରେ ଗହ୍ମା ପୂର୍ଣ୍ଣିମା ପାଳିତ ହେବା ସହିତ ଅନେକ ପରିବାରରେ ରକ୍ଷା ବନ୍ଧନ ମଧ୍ୟ ପାଳନ କରାଯାଏ। ଏହି କାରଣରୁ ଏହି ଦିନଟି ଓଡ଼ିଆ ଜୀବନରେ ଦୁଇ ପ୍ରକାରର ଭାବନାକୁ ଏକତ୍ର କରେ—ପଶୁ ଓ କୃଷିଜୀବନ ପ୍ରତି କୃତଜ୍ଞତା ଏବଂ ଭାଇ-ଭଉଣୀଙ୍କ ପ୍ରତି ସ୍ନେହ। ଗୋରୁପୂଜା ଆମକୁ ଜୀବଜଗତ ପ୍ରତି ଦୟା ଓ କୃତଜ୍ଞତା ଶିଖାଏ। ରାକ୍ଷୀ ଭାଇ-ଭଉଣୀଙ୍କ ସମ୍ପର୍କର ମୂଲ୍ୟ ବୁଝାଏ। ଏହି ଦୁଇ ପରମ୍ପରା ମିଶି ଶ୍ରାବଣ ପୂର୍ଣ୍ଣିମାକୁ ଏକ ଅର୍ଥପୂର୍ଣ୍ଣ ଦିନରେ ପରିଣତ କରେ। ଗହ୍ମା ପୂର୍ଣ୍ଣିମା ଓଡ଼ିଶାର ଲୋକସଂସ୍କୃତିର ଏକ ଅଂଶ। ଗାଁଗହଳିରେ ଏହି ଦିନ ଘରଦ୍ୱାର ସଫା କରାଯାଏ, ଗୋରୁଙ୍କୁ ସଜାଯାଏ ଏବଂ ପରିବାରରେ ଉତ୍ସବର ପରିବେଶ ସୃଷ୍ଟି ହୁଏ। ନୂଆ ବସ୍ତ୍ର ପିନ୍ଧିବା, ଭଲ ଖାଦ୍ୟ ପ୍ରସ୍ତୁତ କରିବା ଓ ପରିବାରବର୍ଗ ଏକାଠି ହେବା ଭଳି ପରମ୍ପରା ଅନେକ ସ୍ଥାନରେ ଦେଖାଯାଏ। ଓଡ଼ିଆ ଲୋକଜୀବନରେ ପର୍ବପର୍ବାଣୀ କେବଳ ଧାର୍ମିକ ଆଚାର ନୁହେଁ। ଏହା ପରିବାର, ସମାଜ ଓ ପ୍ରକୃତିକୁ ଏକତ୍ର କରିବାର ମାଧ୍ୟମ। ଗହ୍ମା ପୂର୍ଣ୍ଣିମା ଏହାର ଏକ ଉତ୍କୃଷ୍ଟ ଉଦାହରଣ। ଗହ୍ମା ପୂର୍ଣ୍ଣିମା ଓ ରକ୍ଷା ବନ୍ଧନ ଉଭୟର ଏକ ବଡ଼ ସାମାଜିକ ମହତ୍ତ୍ୱ ରହିଛି। ଏହି ପର୍ବଗୁଡ଼ିକ ମଣିଷକୁ ପରସ୍ପର ସ୍ନେହ, ସହଯୋଗ ଓ ସମ୍ମାନର ମୂଲ୍ୟ ବୁଝାଇଥାଏ। ରକ୍ଷା ବନ୍ଧନ ଆମକୁ ନାରୀଙ୍କ ସମ୍ମାନ ଓ ସୁରକ୍ଷାର ମହତ୍ତ୍ୱ ମଧ୍ୟ ସ୍ମରଣ କରାଏ। ଭଉଣୀ ପ୍ରତି ଭାଇଙ୍କ ଦାୟିତ୍ୱ କେବଳ ରାକ୍ଷୀ ବାନ୍ଧିବା ଦିନରେ ସୀମିତ ନୁହେଁ। ନାରୀଙ୍କ ପ୍ରତି ସମ୍ମାନ, ସମାନ ଅଧିକାର ଓ ନିରାପଦ ପରିବେଶ ସୃଷ୍ଟି କରିବା ସମଗ୍ର ସମାଜର ଦାୟିତ୍ୱ। ସେହିପରି ରକ୍ଷା ବନ୍ଧନର ପ୍ରକୃତ ବାର୍ତ୍ତା ହେଉଛି ଯେ ପରସ୍ପରକୁ ସମ୍ମାନ କରିବା, ଆବଶ୍ୟକ ସମୟରେ ସାଥୀ ହେବା ଏବଂ ସମ୍ପର୍କର ମର୍ଯ୍ୟାଦା ରକ୍ଷା କରିବା।

ଗହ୍ମା ପୂର୍ଣ୍ଣିମା ଓ ରକ୍ଷା ବନ୍ଧନ ଆମକୁ ଅନେକ ମୂଲ୍ୟବୋଧ ଶିଖାଏ। ଗହ୍ମା ପୂର୍ଣ୍ଣିମା ଆମକୁ ପଶୁପକ୍ଷୀ ପ୍ରତି ଦୟା, କୃଷକ ଓ କୃଷିଜୀବନ ପ୍ରତି ସମ୍ମାନ ଏବଂ ପ୍ରକୃତି ସହ ସହାବସ୍ଥାନର ଶିକ୍ଷା ଦିଏ। ରକ୍ଷା ବନ୍ଧନ ଆମକୁ ପରିବାରିକ ସ୍ନେହ, ବିଶ୍ୱାସ, ସମ୍ମାନ ଓ ପରସ୍ପର ଦାୟିତ୍ୱର ଶିକ୍ଷା ଦିଏ। ଏହି ଦୁଇ ପର୍ବର ମୂଳ ସନ୍ଦେଶ ହେଉଛି ଯେ ଯେଉଁ ସମ୍ପର୍କ ଆମକୁ ଜୀବନରେ ସହାୟତା କରେ, ତାହାକୁ ସମ୍ମାନ କରିବା ଓ ତାହା ପ୍ରତି କୃତଜ୍ଞ ରହିବାଗହ୍ମା ପୂର୍ଣ୍ଣିମା ଓ ରକ୍ଷା ବନ୍ଧନ ଶ୍ରାବଣ ପୂର୍ଣ୍ଣିମାକୁ ଭାରତୀୟ ତଥା ଓଡ଼ିଆ ସଂସ୍କୃତିରେ ଏକ ଅର୍ଥପୂର୍ଣ୍ଣ ଦିନରେ ପରିଣତ କରିଛି। ଗହ୍ମା ପୂର୍ଣ୍ଣିମା ଆମ କୃଷିଭିତ୍ତିକ ଜୀବନ, ଗୋପାଳନ ଓ ପଶୁପ୍ରେମର ପ୍ରତୀକ। ରକ୍ଷା ବନ୍ଧନ ହେଉଛି ଭାଇ-ଭଉଣୀଙ୍କ ଅମୂଲ୍ୟ ସମ୍ପର୍କ, ସ୍ନେହ ଓ ବିଶ୍ୱାସର ପ୍ରତୀକ। ଆଧୁନିକତାର ପ୍ରଭାବରେ ଜୀବନଶୈଳୀ ବଦଳିଯାଉଥିଲେ ମଧ୍ୟ ଏହି ପର୍ବଗୁଡ଼ିକର ମୂଳ ମୂଲ୍ୟବୋଧକୁ ଆମେ ଭୁଲିବା ଉଚିତ ନୁହେଁ। ଗୋରୁ ଓ ଅନ୍ୟ ପଶୁପକ୍ଷୀଙ୍କ ପ୍ରତି ଦୟା, କୃଷକଙ୍କ ପ୍ରତି ସମ୍ମାନ, ଭାଇ-ଭଉଣୀଙ୍କ ପ୍ରତି ସ୍ନେହ ଏବଂ ସମାଜ ପ୍ରତି ଦାୟିତ୍ୱ ଯେ ଏସବୁ ହେଉଛି ଏହି ପର୍ବର ଅମୂଲ୍ୟ ଶିକ୍ଷା। ତେଣୁ ଗହ୍ମା ପୂର୍ଣ୍ଣିମା ଓ ରକ୍ଷା ବନ୍ଧନ କେବଳ ଆନନ୍ଦ ଓ ଉତ୍ସବର ଦିନ ନୁହେଁ, ଏହା ସ୍ନେହ, କୃତଜ୍ଞତା, ଦାୟିତ୍ୱ, ପ୍ରକୃତିପ୍ରେମ ଓ ସାମାଜିକ ଏକତାର ମହାପର୍ବ। ଏହି ମହାନ ପରମ୍ପରାକୁ ଆଗାମୀ ପିଢ଼ି ପର୍ଯ୍ୟନ୍ତ ସଠିକ୍ ମୂଲ୍ୟବୋଧ ସହ ପହଞ୍ଚାଇବା ଆମ ସମସ୍ତଙ୍କ କର୍ତ୍ତବ୍ୟ।

+ ଅରଙ୍ଗାବାଦ ବରୀ ଯାଜପୁର
ମୋ: ୮୨୪୯୫୦୨୭୭୬

# ଝୁଲଣ ଯାତ୍ରା

ଅଲେଖ ଚନ୍ଦ୍ର ସାମଲ



ଭାରତବର୍ଷର ଅଧିକାଂଶ ପର୍ବ ପୁରାଣ ବର୍ଣ୍ଣିତ ଓ କିମ୍ବଦନ୍ତୀ ଅନ୍ତରାଳରେ ସମ୍ବଳିତ ହୋଇଥିବା ହେତୁ ପ୍ରତ୍ୟେକ ଉତ୍ସବର କିଛି ଆଧ୍ୟାତ୍ମିକ ତଥା ଧାର୍ମିକ ଗୁରୁତ୍ୱ ରହିଛି। ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳାଭୂମି ବ୍ରଜଭୂମି ବୃନ୍ଦାବନରେ ଏହି ଝୁଲଣ ଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୁଏ। କୁହାଯାଏ ଆଜକୁ ପାଞ୍ଚ ହଜାର ବର୍ଷ ଧରି ବୃନ୍ଦାବନରେ ଶ୍ରୀରାଧାକୃଷ୍ଣଙ୍କର ପବିତ୍ର ଝୁଲଣ ଯାତ୍ରା ଉତ୍ସବ ଖୁବ ଜାକଜମକରେ ପାରମ୍ପରିକ ରୀତି ନୀତିରେ ପାଳିତ ହେବା ଲକ୍ଷ୍ୟ କରାଯାଏ। ବୃନ୍ଦାବନରେ ଏହି ପ୍ରସିଦ୍ଧ ଝୁଲଣ ଯାତ୍ରା ଦୀର୍ଘ ତେର ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥାଏ। ବୃନ୍ଦାବନ ଓ ତାହାର ଆଖପାଖ ଅଞ୍ଚଳରେ ଭାରତ ତଥା ବିଶ୍ୱର ବିଭିନ୍ନ ଦେଶରୁ ପର୍ଯ୍ୟଟକମାନେ ଏହି ଝୁଲଣ ଯାତ୍ରାକୁ ଆସି ବେଶ୍ ଉପଭୋଗ ମଧ୍ୟ କରିଥାନ୍ତି। ବୃନ୍ଦାବନରେ ଠାକୁରମାନେ ଝୁଲୁଥିବା ଦୋଳି ଗୁଡ଼ିକ କେଉଁଠାରେ ବିଭିନ୍ନ ପୁଷ୍ପ ଦ୍ୱାରା ତ କିଛି ମନ୍ଦିରରେ ଦୋଳି ଗୁଡ଼ିକ ରୂପା ଓ ସୁନାରେ ନିର୍ମିତ ହୋଇଥାଏ। ବୃନ୍ଦାବନରେ ଥିବା ପ୍ରସିଦ୍ଧ ଶ୍ରୀବାଙ୍କେବିହାରୀ ମନ୍ଦିର, ଶ୍ରୀରାଧାରମଣ ମନ୍ଦିର, ମଥୁରାର ଶ୍ରୀଦ୍ୱାରକାଧିଶ ମନ୍ଦିର, ଲାଡ଼ଲୀଲାଲ ଏବଂ ପୁରୀ ଶ୍ରୀମନ୍ଦିରରେ ଶ୍ରାବଣର ଏହି ପବିତ୍ର ଝୁଲଣଯାତ୍ରା ଦେଖିବାକୁ ଭକ୍ତ ମାନଙ୍କ ପ୍ରବଳ ଜନସମାଗମ ହୁଏ। ବୃନ୍ଦାବନର ଘଞ୍ଚ କୁଞ୍ଜବନର ବର୍ଷା ଭିଜା ଆକାଶ ଶ୍ରାବଣରେ ଏକ ରୋମାଞ୍ଚକର ପରିବେଶ ସୃଷ୍ଟି କରୁଥାଏ। ଭରା ଯମୁନାର କୂଳେ କୂଳେ ବର୍ଷେ ଦିନିଆ ଫୁଲମାନେ ଜୁଇ, ଜାଇ, ଚମେଲୀ, ମାଧବୀ ଫୁଲ ମଧ୍ୟରେ ଛାଇ ଯାଇଥାନ୍ତି। ସମଗ୍ର ପରିବେଶ ଜୀବନ୍ତ ହୋଇଉଠେ ଯେତେବେଳେ ବୃନ୍ଦାବନର ପ୍ରତ୍ୟେକ ମଠରେ, ଘରେ, ମନ୍ଦିରରେ ଓ କୁଞ୍ଜବନରେ ରାଧାରାଣୀ ଶ୍ରୀକୃଷ୍ଣଚନ୍ଦ୍ରଙ୍କ ସହିତ ଆକର୍ଷଣୀୟ ଝୁଲଣରେ ଦୋଳି ଖେଳନ୍ତି। ବୃନ୍ଦାବନର ସାରା ପରିବେଶ ରାଧେ ରାଧେ ଅମୃତ ନାମାମୃତରେ ପବିତ୍ର ହୋଇଉଠେ ଝୁଲଣ ଯାତ୍ରାର ଏହି ତେର ଦିନ।

ଶ୍ରାବଣ ମାସର ପୂର୍ଣ୍ଣିମା ହେଉଛି ଗହ୍ମା ପୂର୍ଣ୍ଣିମା। ଏହାକୁ ବଳରାମଙ୍କ ଜନ୍ମ ତିଥି ଭାବେ ଗ୍ରହଣ କରାଯାଇଛି। ସେ ଚାଷୀ କୁଳର ପ୍ରତୀକ ତଥା ଗୋ ଜାତିର ପାଳନ କର୍ତ୍ତା। ତେଣୁ ଏହି ଦିନରେ ଗାଈଗୋରୁଙ୍କୁ ମଧ୍ୟ ପୂଜା କରାଯାଏ। ଏକମତ ଅନୁଯାୟୀ, ଗୋପୂର୍ଣ୍ଣିମାର ଅପଭ୍ରଂଶ ହେଉଛି ଗହ୍ମା ପୂର୍ଣ୍ଣିମା। ପୁଣି ଏହାକୁ ରାଖୀ ପୂର୍ଣ୍ଣିମା ମଧ୍ୟ କୁହାଯାଏ। କିମ୍ବଦନ୍ତୀ କହେ, କୁନ୍ତୀ ମାତା, ଏହି ଦିନରେ ପଞ୍ଚପୁତ୍ରଙ୍କୁ କୌରବଙ୍କ ବିଷ ଦୃଷ୍ଟିରୁ ରକ୍ଷା କରିବା ଉଦ୍ଦେଶ୍ୟରେ, ଶ୍ରୀକୃଷ୍ଣଙ୍କ ହାତରେ ରାଖି ବାନ୍ଧି, ତାଙ୍କ ଅନୁଗ୍ରହ ଭିକ୍ଷା କରିଥିଲେ। ଏହି ଦିନର ଅନ୍ୟ ଏକ ଆକର୍ଷଣ ହେଉଛି ଝୁଲଣ ଯାତ୍ରା। ଶ୍ରାବଣ ଶୁକ୍ଳ ପକ୍ଷ ଏକାଦଶୀରେ ଆରମ୍ଭ ହୋଇଥିବା ଝୁଲଣ ଯାତ୍ରା ଗହ୍ମା ପୂର୍ଣ୍ଣିମାରେ ଶେଷ ହୁଏ। ଆମ ରାଜ୍ୟର କ୍ଷତ୍ରିୟମାନେ ଏହି ଦିନରେ ଯଜ୍ଞ ଉପବୀତ ବଦଳାନ୍ତି। ଆଗ କାଳରେ ପାଇକମାନେ ଏହି ଦିନକୁ ଅତି ଶୁଭ ମନେକରି, ପିଲାଙ୍କର ଯୁଦ୍ଧବିଦ୍ୟା ଶିକ୍ଷା ଆରମ୍ଭ କରୁଥିଲେ। ଏହି ଅବସରରେ ପାଇକ ପିଲାମାନେ ପ୍ରଥମେ ଉଚ୍ଚ ସ୍ଥାନରୁ ତଳକୁ ଡେଉଁଥିଲେ। ସୁଉଚ୍ଚ ସ୍ଥାନକୁ ତଳକୁ ଡେଇଁବାକୁ ଗହ୍ମା ଡିଅାଁ। ଯେଉଁମାନେ କୃତକାର୍ଯ୍ୟ ହେଉଥିଲେ, ସେମାନଙ୍କୁ ପାଇକ ହେବା ପାଇଁ ତାଲିମ ଦିଆଯାଉଥିଲା।

ଓଡ଼ିଶାର କୋଣ ଅନୁକୋଣରେ ଥିବା ପ୍ରାୟ ସମସ୍ତ ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଝୁଲଣ ଉତ୍ସବ ମହାସମାରୋହରେ ପାଳିତ ହୋଇଥାଏ। ପ୍ରତ୍ୟେକ ମନ୍ଦିର ପରିସରରେ ସୁସଜ୍ଜିତ ଦୋଳି ନିର୍ମାଣ କରାଯାଇ ଠାକୁର ମାନଙ୍କୁ ରୀତିନୀତିରେ ଭକ୍ତମାନେ ଝୁଲାଇ ଥାଆନ୍ତି। ଶ୍ରୀମନ୍ଦିର ତଥା ଶ୍ରୀକ୍ଷେତ୍ରରେ ଥିବା ମଠଗୁଡ଼ିକ ବ୍ୟତୀତ କଣ୍ଟିଲୋର ନୀଳମାଧବ ମନ୍ଦିର, ରେମୁଣାର କ୍ଷୀରଚୋରା ଗୋପୀନାଥ ମନ୍ଦିର, ପୁରୀ ନିକଟସ୍ଥ ସାକ୍ଷୀଗୋପାଳ ଜୀଉଙ୍କ ମନ୍ଦିର ଏବଂ ଭୁବନେଶ୍ୱରସ୍ଥ ଇସ୍କନ ଶ୍ରୀକୃଷ୍ଣ ମନ୍ଦିରରେ ଝୁଲଣ ଯାତ୍ରା ମହାସମାରୋହରେ ସାତ ଦିନ ବ୍ୟାପୀ ଭକ୍ତମାନଙ୍କ ଦ୍ୱାରା ପାଳିତ ହୋଇଥାଏ।


ଶ୍ରାବଣ ମାସ ଶୁକ୍ଳ ପକ୍ଷ ଦଶମୀ ତିଥିରୁ ଭାଦ୍ରବ ମାସ କୃଷ୍ଣପକ୍ଷ ପ୍ରତିପଦା ତିଥି ପର୍ଯ୍ୟନ୍ତ ସାତ ଦିନ ଧରି ଶ୍ରୀମନ୍ଦିରରେ ପାଳନ କରାଯାଏ। ମୁକ୍ତି ମଣ୍ଡପରେ ହୋଇଥିବା ସୁସଜ୍ଜିତ ଝୁଲଣ କୁଞ୍ଜରେ ମଦନ ମୋହନ, ଲକ୍ଷ୍ମୀ, ସରସ୍ୱତୀ ଦୋଳି ଉପରେ ବିଜେ କରନ୍ତି। ଏହା ଦ୍ୱାଦଶ ଯାତ୍ରା ଅନ୍ତର୍ଗତ ନ ହେଲେ ସୁଦ୍ଧା ଏ ଯାତ୍ରାର ଲୋକପ୍ରିୟତା ଖୁବ୍ ବେଶି। ଶ୍ରୀମନ୍ଦିରର କୁଞ୍ଜବନରେ ଅନୁଷ୍ଠିତ ଝୁଲଣ ଯାତ୍ରାରେ କିନ୍ତୁ ସ୍ୱକୀୟା ପ୍ରେମକୁ ପ୍ରାଧାନ୍ୟ ଦେଇ ପତି ପତ୍ନୀଙ୍କ ପ୍ରେମ ପ୍ରଣୟ ଏହି ପର୍ବରେ ପ୍ରତିଫଳିତ ହୋଇଥାଏ। ପୁରୀ ମନ୍ଦିରରେ ଝୁଲଣ ପରମ୍ପରା ଅଷ୍ଟାଦଶ ଶତକର ଶେଷ ଭାଗରୁ ଅଦ୍ୟାବଧି ଚଳି ଆସୁଥିବାର ବିଭିନ୍ନ ଲିଖିତ ବିବରଣୀରୁ ମିଳିଥାଏ। ପୁରୀର ଶୋଲ ଶିଳ୍ପୀ ମାନଙ୍କର କରାମତି ସବୁଠୁ ଅଧିକ ଫୁଟି ଉଠେ ଝୁଲଣ କୁଞ୍ଜରେ। ଶ୍ରୀମନ୍ଦିର କୁଞ୍ଜବନର ଅନ୍ୟତମ ବିଶେଷତ୍ୱ ହେଲା ଯେ, ଏହାର ଦୁଇ ପାର୍ଶ୍ୱରେ ପ୍ରକାଣ୍ଡକାୟ ଦୁଇ ଜଣ ଦ୍ୱାରପାଳ ରହନ୍ତି। ଏ ଦୁଇଟି ଦ୍ୱାରପାଳଙ୍କ ଉଚ୍ଚତା ପ୍ରାୟ ଚଉଦ ଫୁଟ। ମୂର୍ତ୍ତି ଦ୍ୱୟର ଗୋଟେ ଲେଖାଏଁ ହାତ ଉତ୍ତୋଳିତ ହୋଇଥାଏ ଏବଂ ସେଥିରେ ସେମାନେ ଧରିଥାଆନ୍ତି ଗୋଟିଏ ଗୋଟିଏ ଗଦା। ଏହି ପ୍ରକାଣ୍ଡକାୟ ମୂର୍ତ୍ତିଗୁଡ଼ିକ ଶୋଲରେ ହିଁ ତିଆରି ହୋଇଥାଏ। ସାତଦିନ ଯାଏଁ ଝୁଲଣ କୁଞ୍ଜରେ ଦେବତାମାନେ ଝୁଲନ୍ତି। ଅବଶ୍ୟ ରତ୍ନସିଂହାସନରେ ବିରାଜୁଥିବା ଶ୍ରୀଜଗନ୍ନାଥଙ୍କ ବିଗ୍ରହ ଏହି ଝୁଲଣରେ ଶୋଭା ନପାଇଲେ ମଧ୍ୟ ଅଷ୍ଟଧାତୁରେ ନିର୍ମିତ ହୋଇଥିବା ତାଙ୍କର ଚଳନ୍ତି ପ୍ରତିମା ଶ୍ରୀମଦନମୋହନ, ଲକ୍ଷ୍ମୀ ସାଆନ୍ତାଣୀ ତଥା ମା'ସରସ୍ୱତୀଙ୍କ ପିତୁଳା ଦ୍ୱୟ ଝୁଲଣରେ ଝୁଲିଥାନ୍ତି। ପ୍ରତି ଝୁଲଣରେ ସୁନ୍ଦର ଭାବେ ବିଗ୍ରହ ଗୁଡ଼ିକୁ ବିଶେଷ ବେଶରେ ସଜାଇ ଦିଆଯାଏ। ଯଥାରୀତି ଭୋଗ ଅର୍ପଣ କରିବା ପରେ ସେବାୟତ ବସିରହି ଧିରେ ଧିରେ ଦଉଡି ଟାଣି ଦୋଳିକୁ ଝୁଲାନ୍ତି। ଏହି ଝୁଲଣ ଯାତ୍ରା ଯେ, କେବଳ ଶ୍ରୀମନ୍ଦିରରେ ନୁହେଁ ବରଂ ଶ୍ରୀମନ୍ଦିରକୁ ବେଢ଼ି ରହିଥିବା କୋଡିଏରୁ ଅଧିକ ମଠରେ। ମହାନନ୍ଦରେ ପାଳିତ ହେବା ଦେଖାଯାଏ। ଏମାର ମଠର ଆକର୍ଷଣୀୟ କୁଞ୍ଜବନରେ ବାଇଶି ଫୁଟର କୁଞ୍ଜ ନିର୍ମାଣ କରାଯାଇ ଶୋଲରେ ସଜ୍ଜିତ କରାଯାଇଥାଏ। ପ୍ରତିମଠରେ ଏକା ଦେବତା ଝୁଲନ୍ତି ନାହିଁ। ଏମାର ମଠରେ ଝୁଲନ୍ତି ଶ୍ରୀରାମ, ଲକ୍ଷ୍ମଣ ଓ ଦେବୀ ସୀତା। ଶ୍ରୀଜଗନ୍ନାଥ ବଲ୍ଲଭ ମଠରେ ଝୁଲନ୍ତି ଶ୍ରୀରାଧାକୃଷ୍ଣ। ସେହିପରି ଅନ୍ୟାନ୍ୟ ମଠ ଯଥା ଓଡ଼ିଆ ମଠ, ଗୌଡ଼ିୟ ମଠ, ଶ୍ରୀଚୈତନ୍ୟ ମଠ ପ୍ରଭୃତିରେ ପୁଷ୍ପ ଓ ଶୋଲରେ ନିର୍ମିତ ଆକର୍ଷଣୀୟ କୁଞ୍ଜ ଶ୍ରୀରାଧାକୃଷ୍ଣ ଦୋଳି ଖେଳନ୍ତି। ଓଡ଼ିଆ ଆଧ୍ୟାତ୍ମିକ ଜୀବନ ଚେତନାରେ ଝୁଲଣ ଯାତ୍ରାର ସ୍ଥାନ ସ୍ୱତନ୍ତ୍ର ଓ ଅନନ୍ୟ।

+ ପୂର୍ବତନ ଡିଏଫଓ, ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର,
ମୋ : ୯୪୩୭୨୫୭୧୨୩

# ଓଡ଼ିଆ ସଂସ୍କୃତିର ମହାନ୍ ଉତ୍ସବ ଗହ୍ମା ପୂର୍ଣ୍ଣିମା

ଡକ୍ଟର ନିହାର ରଞ୍ଜନ ସାବତ





ଓଡ଼ିଶାର ମାଟି, ଯେଉଁଠି ନଦୀ ଓ ପାହାଡ଼, ସମୁଦ୍ର ଓ ମନ୍ଦିର, କୃଷି ଓ ସଂସ୍କୃତି ଏକାଠି ମିଶି ଏକ ଅପୂର୍ବ ସଙ୍ଗୀତ ସୃଷ୍ଟି କରେ, ସେଠି ଗହ୍ମା ପୂର୍ଣ୍ଣିମା କେବଳ ଏକ ପର୍ବ ନୁହେଁ। ଏହା ଏକ ଜୀବନ୍ତ ସ୍ମୃତି, ଏକ ଅଦୃଶ୍ୟ ସୂତା ଯାହା ଭାଇ-ଭଉଣୀ, କୃଷକ, ଗୋସମ୍ପଦ ଏବଂ ସମାଜକୁ ଏକାଠି ବାନ୍ଧି ରଖିଛି। ରକ୍ଷାବନ୍ଧନ ବା ରାକ୍ଷୀ ପୂର୍ଣ୍ଣିମା ଯେତେବେଳେ ଓଡ଼ିଆ ଭୂମିରେ ଗହ୍ମା ପୂର୍ଣ୍ଣିମା ରୂପେ ପାଳିତ ହୁଏ, ସେତେବେଳେ ଏହା କେବଳ ସହୋଦର ପ୍ରେମର ଉତ୍ସବ ନ ରହି ଏକ ଗଭୀର ସାଂସ୍କୃତିକ, ଧାର୍ମିକ, କୃଷିଭିତ୍ତିକ ଏବଂ ସାମାଜିକ ଦର୍ଶନର ମହାକାବ୍ୟ ପାଲଟିଯାଏ।

ଯେତେବେଳେ ଏକ ଭଉଣୀ ତା'ର ଭାଇର ହାତରେ ରାକ୍ଷୀ ବାନ୍ଧେ, ସେତେବେଳେ କେବଳ ଏକ ରଙ୍ଗୀନ ସୂତାକୁ ବାନ୍ଧେ ନାହିଁ, ସେ ବାନ୍ଧେ ଆଶୀର୍ବାଦ, ପ୍ରେମ ଓ ସୁରକ୍ଷାର ଅଙ୍ଗୀକାର। ଭାଇ ପ୍ରତିଦାନରେ ଉପହାର ଦେଇ ପ୍ରତିଜ୍ଞା କରେ ଯେ ସେ ସବୁବେଳେ ତା'ର ଭଉଣୀର ରକ୍ଷକ ରହିବ। ଏହି ଦୃଶ୍ୟ ଓଡ଼ିଶାର ପ୍ରତିଟି ଘରେ, ସମାନ ଉତ୍ସାହ ଓ ଭାବନାରେ ପାଳିତ ହୁଏ। ଏହା କେବଳ ପାରିବାରିକ ସ୍ନେହ ନୁହେଁ; ଏହା ଏକ ସାମାଜିକ ଚୁକ୍ତି ଯାହା ମନୁଷ୍ୟକୁ ମନୁଷ୍ୟ ସହିତ ଯୋଡ଼ି ରଖେ।

କିନ୍ତୁ ଓଡ଼ିଆ ସଂସ୍କୃତିରେ ଗହ୍ମାପୂର୍ଣ୍ଣିମାର ଗୁରୁତ୍ୱ ଅନେକ। ଏହା ହେଉଛି ଭଗବାନ ବଳଭଦ୍ରଙ୍କ ଜନ୍ମଦିନ। ସେ ଓଡ଼ିଆ ଜାତିର ଆରାଧ୍ୟ ମହାପ୍ରଭୁ ଜଗନ୍ନାଥଙ୍କ ବଡ଼ ଭାଇ, କୃଷିର ଅଧିଷ୍ଠାତା ଦେବତା ଭାବେ ପୂଜିତ। ଏହି ଦିନ ଗୋରୁ ଓ ବଳଦମାନଙ୍କୁ ସ୍ନାନ କରାଇ, ଫୁଲ, ଚନ୍ଦନ, ସିନ୍ଦୂର ଓ ଅଳତାରେ ସଜାଇ ପୂଜା କରାଯାଏ। ଏହା ଓଡ଼ିଶାର କୃଷିଭିତ୍ତିକ ସମାଜରେ ପଶୁମାନଙ୍କ ପ୍ରତି ଥିବା ଗଭୀର କୃତଜ୍ଞତାର ପରିପ୍ରକାଶ, ଯେଉଁମାନେ ଚାଷ ଓ ଅର୍ଥନୀତିର ମେରୁଦଣ୍ଡ। ଏହି ଦୃଶ୍ୟ ଦେଖିଲେ ମନେ ହୁଏ ଯେ ଓଡ଼ିଆ ସଂସ୍କୃତି ପ୍ରକୃତି ଓ ପଶୁଙ୍କୁ ନିଜର ପରିବାର ଭାବେ ଗ୍ରହଣ କରିଛି। ଯେଉଁ ସମାଜ ଆଜି ଜଳବାୟୁ ପରିବର୍ତ୍ତନ ଓ ପରିବେଶ ପ୍ରଦୂଷଣ ସହିତ ସଂଘର୍ଷ କରୁଛି, ସେଠି ଏହି ପ୍ରାଚୀନ ପରମ୍ପରା ଏକ ଆଧୁନିକ ବାର୍ତ୍ତା ବହନ କରେ ଯେ ପ୍ରକୃତିକୁ ଶୋଷଣ ନକରି ସମ୍ମାନ କରିବା ଉଚିତ୍।

ଶ୍ରାବଣ ପୂର୍ଣ୍ଣିମା ଜଗନ୍ନାଥ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ, ଯାହା ରାଜ୍ୟର ଧାର୍ମିକ ଓ ସାଂସ୍କୃତିକ ପରିଚୟର ମୂଳ ସ୍ତମ୍ଭ। ପୁରୀର ଶ୍ରୀମନ୍ଦିର ଓଡ଼ିଶାର ଧାର୍ମିକ ଓ ସାଂସ୍କୃତିକ ଜୀବନର କେନ୍ଦ୍ରବିନ୍ଦୁ, ଏବଂ ଗହ୍ମାପୂର୍ଣ୍ଣିମା ଦିନ ଏହି ମନ୍ଦିରରେ ରକ୍ଷାବନ୍ଧନ ଏକ ଦିବ୍ୟ ରୂପ ଧାରଣ କରେ। ପାଟରା ବିସୋଇ ସେବକମାନେ ଭଗବାନ ଜଗନ୍ନାଥ ଓ ବଳଭଦ୍ରଙ୍କ ପାଇଁ ବିଶେଷ ରାଖି ପ୍ରସ୍ତୁତ କରନ୍ତି। ଦେବୀ ସୁଭଦ୍ରା ଏହି ରାଖିଗୁଡ଼ିକୁ ତାଙ୍କ ଭାଇମାନଙ୍କ ମଙ୍ଗଳ କାମନାରେ ବାନ୍ଧନ୍ତି। ଶ୍ରୀ ଜଗନ୍ନାଥଙ୍କ ଠାରେ ଲାଲ ଓ ହଳଦିଆ ରଙ୍ଗର ରାଖି ଏବଂ ଶ୍ରୀ ବଳଭଦ୍ରଙ୍କ ଠାରେ ନୀଳ ଓ ବାଇଗଣୀ ରଙ୍ଗର ରାଖି ବନ୍ଧାଯାଏ। ଏହି ରାଖିଗୁଡ଼ିକ ବିଶ୍ୱରେ ସବୁଠାରୁ ବଡ଼ ରାଖି ଭାବେ ବିବେଚିତ ହୁଏ, ଯାହା ଜଗନ୍ନାଥ ସଂସ୍କୃତିର ମହାନତାକୁ ପ୍ରତିଫଳିତ କରେ। ଶ୍ରାବଣ ପୂର୍ଣ୍ଣିମାରେ ଓଡ଼ିଶାର ମନ୍ଦିରମାନଙ୍କରେ ଶ୍ରୀକୃଷ୍ଣଙ୍କୁ ଜଗନ୍ନାଥ ରୂପେ ପୂଜା କରାଯାଏ। ଏହି ଦିନ ଝୁଲଣ ଯାତ୍ରା ଆୟୋଜନ କରାଯାଏ, ଯେଉଁଠାରେ ରାଧାକୃଷ୍ଣଙ୍କ ମୂର୍ତ୍ତିକୁ ଫୁଲରେ ସଜ୍ଜିତ ଦୋଳିରେ ବସାଯାଇ ଝୁଲାଯାଏ। ପୁରୀ ଶ୍ରୀମନ୍ଦିରରେ ଓ ରାଜ୍ୟର ଅନ୍ୟାନ୍ୟ ମନ୍ଦିରମାନଙ୍କରେ ଶ୍ରୀଜଗନ୍ନାଥଙ୍କୁ ଶ୍ରୀକୃଷ୍ଣ ରୂପେ ପୂଜା କରାଯାଏ, ଯାହା ଓଡ଼ିଶାର ବୈଷ୍ଣବୀୟ ଭାବନାର ପୁନର୍ଜାଗରଣ କରେ। ଏହି ଉତ୍ସବ ଓଡ଼ିଆ ଜାତିର ଆଧ୍ୟାତ୍ମିକ ପରିଚୟକୁ ସୁଦୃଢ଼ କରେ, ଯାହା ଶ୍ରୀଚୈତନ୍ୟ ମହାପ୍ରଭୁ, ଜୟଦେବଙ୍କ ଗୀତଗୋବିନ୍ଦ ଓ ଅତିବଡ଼ି ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତରେ ନିହିତ। ଓଡ଼ିଶାରେ ବ୍ରାହ୍ମଣମାନେ ଏହି ଦିନ ପଇତା ପରିବର୍ତ୍ତନ କରନ୍ତି, ଯାହା ଏକ ପାରମ୍ପରିକ ରୀତି ଭାବେ ପାଳନ କରାଯାଏ। ଏହା ଏକ ଆଧ୍ୟାତ୍ମିକ ନବୀକରଣର ପ୍ରତୀକ, ଯାହା ବ୍ୟକ୍ତିକୁ ନିଜର ଧାର୍ମିକ ଓ ନୈତିକ ଦାୟିତ୍ୱକୁ ମନେ ପକାଇଦିଏ।

ଦକ୍ଷିଣ ଓଡ଼ିଶାର କେତେକ ଅଞ୍ଚଳରେ ଗହ୍ମା ଡିଅାଁ ଖେଳ ଏହି ପର୍ବକୁ ଆହୁରି ଜୀବନ୍ତ କରିତୋଳେ। ଏହା ଓଡ଼ିଆ ଯୁବକଙ୍କ ଶାରୀରିକ ଶକ୍ତି, ସାହସ ଓ ସାମୂହିକ ଉଲ୍ଲାସର ପ୍ରତୀକ। ଏହି ଉତ୍ସବ ଓଡ଼ିଶାର ଗ୍ରାମାଞ୍ଚଳରେ ଏକ ଉତ୍ସାହଜନକ ପରିବେଶ ସୃଷ୍ଟି କରେ। ଗହ୍ମା ପୂର୍ଣ୍ଣିମା ଓଡ଼ିଶାର ଗ୍ରାମୀଣ ଜୀବନର ସରଳତା ଓ ସୌନ୍ଦର୍ଯ୍ୟକୁ ପ୍ରତିବିମ୍ବିତ କରେ। ଏହା ସହିତ ଗହ୍ମା ପୂର୍ଣ୍ଣିମାରେ ତିଆରି ହେଉଥିବା ପାରମ୍ପରିକ ଖାଦ୍ୟ, ଓଡ଼ିଶାର ଖାଦ୍ୟ ସଂସ୍କୃତିର ସୌନ୍ଦର୍ଯ୍ୟକୁ ପ୍ରତିଫଳିତ କରେ। ଏହି ଖାଦ୍ୟଗୁଡ଼ିକ ପରିବାର ଓ ପଡ଼ୋଶୀଙ୍କ ମଧ୍ୟରେ ବଣ୍ଟାଯାଏ ଯାହା ସାମାଜିକ ସମ୍ପର୍କକୁ ଦୃଢ଼ କରେ, ସାମାଜିକ ଏକତାର ଭାବନାକୁ ପ୍ରୋତ୍ସାହିତ କରେ।

ଆଜିର ଯୁଗରେ, ଯେତେବେଳେ ସହରୀକରଣ, ବ୍ୟସ୍ତବହୁଳ ଜୀବନ ଓ ବ୍ୟକ୍ତିବାଦ ପରିବାର ଓ ସମାଜକୁ ବିଖଣ୍ଡିତ କରିଦେଉଛି, ଗହ୍ମା ପୂର୍ଣ୍ଣିମା ଏକ ଆଧ୍ୟାତ୍ମିକ ଚେତନାର ବିକାଶ ତଥା ସାମାଜିକ ଏକତା ସୃଷ୍ଟିର ମାଧ୍ୟମ ପାଲଟିଛି। ଯୁବପିଢ଼ି ଯେଉଁମାନେ ଜଗତୀକରଣର ନକାରାତ୍ମକ ପ୍ରଭାବରେ ନିଜ ମୂଳ ପରିଚୟ ତଥା ସଂସ୍କୃତିକୁ ଭୁଲିଯାଉଛନ୍ତି, ସେମାନଙ୍କଠାରେ ଏହି ପର୍ବ ହିନ୍ଦୁ ଧର୍ମର ମୂଲ୍ୟବୋଧ ଓ ଓଡ଼ିଆ ସାଂସ୍କୃତିକ ଗାରିମାର ପୁନର୍ଜାଗରଣ କରେ। ସାମାଜିକ ସ୍ତରରେ ରାକ୍ଷୀ କେବଳ ଭାଇ-ଭଉଣୀ ମଧ୍ୟରେ ସୀମିତ ରହେ ନାହିଁ। ପଡ଼ୋଶୀ, ଅଟୋ ଚାଳକ, ପୋଲିସ୍, ସମୁଦାୟ କର୍ମୀ-ସମସ୍ତଙ୍କ ହାତରେ ରାକ୍ଷୀ ବାନ୍ଧି ସାର୍ବଜନୀନ ଭାତୃତ୍ୱର ବାର୍ତ୍ତା ଦିଆଯାଏ। ପୂର୍ବେ ଭାଇ ଭଉଣୀକୁ "ରକ୍ଷା" କରୁଥିଲେ ବୋଲି ଧାରଣା ଥିଲା। ଆଜି ଯେତେବେଳେ ମହିଳାମାନେ ଶିକ୍ଷା, କର୍ପୋରେଟ୍, ଶାସନ ଓ ସମାଜର ପ୍ରତିଟି କ୍ଷେତ୍ରରେ ନେତୃତ୍ୱ ନେଉଛନ୍ତି, ରକ୍ଷା ବନ୍ଧନ ପାରସ୍ପରିକ ସମ୍ମାନ ଓ ସହଯୋଗର ପ୍ରତୀକ ହୋଇଛି। ଭଉଣୀ କେବଳ ସୁରକ୍ଷିତ ହେବା ନୁହେଁ, ସେ ମଧ୍ୟ ପରିବାର ଓ ସମାଜର ରକ୍ଷକ।

କୃଷକଙ୍କ ପ୍ରତି ସମ୍ମାନ ଏହି ପର୍ବର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା। ବଳଭଦ୍ରଙ୍କ ପୂଜା ହେଉଛି କୃଷକଙ୍କ ପ୍ରତି ସମାଜର କୃତଜ୍ଞତା। ସର୍ବୋପରି, ଏହି ପର୍ବ ବ୍ୟକ୍ତିବାଦରୁ ସାମୂହିକତା ଆଡ଼କୁ ଫେରାଇ ଆଣେ। ରାକ୍ଷୀର ସୂତା ହେଉଛି ସେହି ଅଦୃଶ୍ୟ ଚୁକ୍ତିର ପ୍ରତୀକ ଯାହା ମନୁଷ୍ୟକୁ ମନୁଷ୍ୟ ସହିତ, ପ୍ରକୃତି ସହିତ ଓ ସମାଜ ସହିତ ଯୋଡ଼ି ରଖେ। ମାନବିକ ସମ୍ପର୍କ, ପଶୁ ପ୍ରତି ସହାନୁଭୂତି ଓ ପରିବେଶ ପ୍ରତି ସମ୍ମାନରେ ପ୍ରକୃତ ସୁରକ୍ଷା ନିହିତ।

ଏହିପରି ଗହ୍ମାପୂର୍ଣ୍ଣିମା ଓଡ଼ିଆ ସଂସ୍କୃତିର ଏକ ପ୍ରବହମାନ ନଦୀ। ଯେତେବେଳେ ଆମେ ରାକ୍ଷୀ ବାନ୍ଧୁ, ଗୋରୁଙ୍କୁ ପୂଜୁ କିମ୍ବା ଗହ୍ମା ଡିଅାଁରେ ଲମ୍ଫ ଦେଉ, ସେତେବେଳେ ଆମେ କେବଳ ଏକ ପର୍ବ ପାଳନ କରୁନାହୁଁ, ଆମେ ନିଜ ଆତ୍ମାକୁ, ନିଜ ସମାଜକୁ ଏବଂ ନିଜ ସଂସ୍କୃତିକୁ ପୁନର୍ଜୀବିତ କରୁଛୁ। ପ୍ରେମ, କୃତଜ୍ଞତା ଓ ଏକତାର ବନ୍ଧନରେ ଏହି ପର୍ବ ସମସ୍ତଙ୍କୁ ବାନ୍ଧି ରଖିବା ସହ ଓଡ଼ିଆ ସଂସ୍କୃତିକୁ ଅମର ରଖିବାରେ ସହାୟକ ହୋଇଥାଏ।

+ ମଞ୍ଚେଶ୍ୱର ଶିକ୍ଷାଞ୍ଚଳ,
ଭୁବନେଶ୍ୱର-୭୫୧୦୧୦
ମୋ: ୯୭୭୭୦୧୧୯୬୮

# ଧାରାବାହିକ:

ଭାଗ-୫୪

# ସଂକ୍ଷିପ୍ତ ଭାଗବତ କଥାମୃତ

## ଏକାଦଶ ସ୍କନ୍ଧ




ଡ. ଶ୍ରୀହରି ପଣ୍ଡା




ସେ କେବଳ ଏକମାତ୍ର ମୋତେ ହିଁ ତାର ସବୁ ମନେ କରିଥାଏ ସେଥିପାଇଁ ତ ସେ ମଧ୍ୟ ମୋର ସବୁକିଛି ଏପରିକି ମୋ ବକ୍ଷସ୍ଥଳରେ ଧାରଣ କରିଥିବା ଲକ୍ଷ୍ମୀଙ୍କଠାରୁ ମଧ୍ୟ ସେ ମୋର ପ୍ରିୟ । ଏଣୁ ତା ପାଇଁ ମୋର କିଛି ଅଦେୟ ନାହିଁ । ହେ ଉଦ୍ଧବ ତୁମେ ସେହି ଭକ୍ତର ପ୍ରତୀକ, ମୁଁ ତୁମ ଭିତରେ ଓ ବାହାରେ ସର୍ବଦା ରହୁଛି, ମୁଁ ତୁମକୁ ଯାହା କହୁଛି ଏହା କେବଳ ଲୋକଶିକ୍ଷା ନିମିତ୍ତ । ସର୍ବ ଭେଦଭାବ, କାମନାବାସନା, ରାଗ ଦ୍ୱେଷ-ବିବର୍ଜିତ ମୋର ଚିନ୍ତାରେ ନିମଗ୍ନ ଭକ୍ତର ପାଦଧୂଳି ଟିକିଏ ପାଇବାକୁ ମୁଁ ସର୍ବଦା ଭିନ୍ନ ଭିନ୍ନ ରୂପରେ ତା ପଛରେ ଧାଇଁଥାଏ । ଯେ ସର୍ବ ପ୍ରାଣୀରେ ମୋତେ ଦେଖେ, କାମନାକୁ ଜୟ କରିଥାଏ, ବସ୍ତୁ ଗ୍ରହଣ ବା ରକ୍ଷା କରେନାହିଁ, ସର୍ବଦା ଶାନ୍ତ ଓ ସଂଯତ, ଯାହା ମନରେ ଅଭିମାନ ନଥାଏ ଏବଂ ସମସ୍ତଙ୍କୁ ଭଲ ପାଏ ତା କଥାରୁ ଅମୃତ ଝରୁଥାଏ । ତାକୁ ଦେଖିଲେ ସମସ୍ତେ ଆନନ୍ଦିତ ହୁଅନ୍ତି ସେ ବ୍ୟକ୍ତି ଯଦି କେତେବେଳେ ବାସନାରେ ଆବଦ୍ଧ ହୋଇଯାଏ ମୋର ଭକ୍ତି ଅନଳରେ ସମିଧ ଦଗ୍ଧ ହେବାପରି ବିଷୟ ରସଭୋଗ ବା ତାର ଶରୀରସ୍ଥ ପୂର୍ବ ପାପତାପ, ଭକ୍ତି ରୂପକ ଅଗ୍ନିରେ ଦଗ୍ଧ ହୋଇଯାଏ । ହେ ଉଦ୍ଧବ, ମୋ ପ୍ରତି ପ୍ରଗାଢ ଭକ୍ତି ମୋତେ ଯେପରି ବଶ କରିପାରେ ଯୋଗ, ଜ୍ଞାନ, ଧର୍ମସାଧନ, ସ୍ୱାଧ୍ୟାୟ, ତପସ୍ୟା, ଦାନ, ଯଜ୍ଞ, କେଉଁଟି ହେଲେ ମୋତେ ସେପରି ବଶୀଭୂତ କରିପାରେନାହିଁ । ମୋ ପ୍ରତି ଐକାନ୍ତିକ ଭକ୍ତି ଚାଣ୍ଡାଳକୁ ମଧ୍ୟ ପରମ ପବିତ୍ର, ବ୍ରାହ୍ମଣ-ବୈଷ୍ଣବରେ ପରିଣତ କରିପାରେ । ମୁଁ ବିଶ୍ୱବ୍ରହ୍ମାଣ୍ଡକୁ ଛନ୍ଦିଥିଲେ ମଧ୍ୟ କେବଳ ମୋ ଭକ୍ତ ମୋତେ ଛନ୍ଦିପାରେ । ଯେଉଁ ବ୍ୟକ୍ତି ପରମ ଦୟାଳୁ, ସତ୍ୟବନ୍ତ, ତପସ୍ୱୀ, ଧାର୍ମିକ କିନ୍ତୁ ମୋ ପ୍ରତି ତାର ଭକ୍ତିଭାବ ନାହିଁ ତାର ଶରୀର ଅପବିତ୍ର କାରଣରୁ ସେ ସଂସାରରୁ ତରିପାରେ ନାହିଁ । ନୈରାଶ୍ୟ ଓ ବିଫଳତା ଦିନେ ନା ଦିନେ ତାକୁ କବଳିତ କରେ ଓ ସେ ଅତୃପ୍ତ ଆତ୍ମା ରୂପରେ ଜନ୍ମ ମରଣ ଚକ୍ରରେ ଘୁରିବୁଲେ । ଯେ ସର୍ବାନ୍ତକରଣରେ ମୋତେ ଅନୁଭବ କରେ ଓ ମୋ ପ୍ରତି ଭକ୍ତି ଭାବାପନ୍ନ ହୁଏ ସେ ତ ମୁକ୍ତି ପାଏ ତା ସଂସ୍ପର୍ଶରେ ଆସିଥିବା ପତିତ, ପାମର, ମ୍ଳେଛ, ଅଧମ, ଦୁରାଚାର ସମସ୍ତେ ଉଦ୍ଧାର ପାଇଯାନ୍ତି । ତାର ଦର୍ଶନ, ସ୍ପର୍ଶନ, ବାଣୀ ଶ୍ରବଣରେ ସୂର୍ଯ୍ୟ ନିକଟରେ ଅନ୍ଧକାର ଦୂର ହେବାପରି ସମସ୍ତ ପାପତାପ ଦୂର ହୋଇଯାଏ । ମୋ ଭକ୍ତର ଲକ୍ଷଣ ହେଲା, ସର୍ବଦା ମୋର ଭାବରେ ତନୁମନ ପୁଲକିତ ହେଉଥିବ, ଅପୂର୍ବ ଆହ୍ଲାଦର ଅନୁଭୂତି ହେତୁ ତାର ଚକ୍ଷୁରୁ ଅଶ୍ରୁଜଳ ନିର୍ଗତ ହେଉଥିବ, ମୋ ପ୍ରତି ପ୍ରଗାଢ ପ୍ରେମ ହେତୁ କଣ୍ଠ ବାଷ୍ପରୁଦ୍ଧ ହେଉଥିବ ଓ ହୃଦୟ ନବନୀତ କୋମଳ ହେଉଥିବ, ସେ କେତେବେଳେ ହସୁଥିବ ତ ପୁଣି କାନ୍ଦୁଥିବ, ଲଜ୍ଜା ତ୍ୟାଗ କରି ଉଚ୍ଚ କଣ୍ଠରେ ଗାଉଥିବ ତ କେତେବେଳେ ନୃତ୍ୟ କରୁଥିବ, ନିଜର ମଧୁର ବ୍ୟବହାରରେ ସଭିଙ୍କ ମନ କିଣିନେଉଥିବ, ପ୍ରାଣୀ ମାତ୍ରକେ ଦୟା କରୁଥିବ ଓ ସମସ୍ତଙ୍କ ବିଶ୍ୱାସ ଭାଜନ ହେଉଥିବ । ମୋର ଏପରି ଭକ୍ତ ପୃଥିବୀକୁ ପବିତ୍ର କରେ । ମୋର ମଙ୍ଗଳପୂର୍ଣ୍ଣ କଥାକୁ ସ୍ମରଣ, ଚିନ୍ତନ ଓ ଶ୍ରବଣ କୀର୍ତ୍ତନ କରି ତାର ସମସ୍ତ ଭବ-ବ୍ୟଥା ଖଣ୍ଡନ ହୁଏ । ତାହାର କୌଣସି ବାସ୍ତବ ଅଭାବବୋଧ ରହେନାହିଁ କାରଣ ଅଷ୍ଟନିଧିର ଅଧିକାରୀ ମୁଁ ସର୍ବଦା ତା ନିକଟରେ ଥାଏ । ହେ ଉଦ୍ଧବ, ମୋତେ ମନ ପ୍ରାଣ ଅର୍ପଣ ପୂର୍ବକ ସର୍ବତ୍ର ମୋତେ ହିଁ ଦର୍ଶନ କର । କାମନା ଉଦ୍ରେକକାରୀ ସ୍ତ୍ରୀ ସଙ୍ଗ ଓ ସ୍ତ୍ରୀବଶ କାମୁକ ସଙ୍ଗ ପରିହାର କର, ନିରୋଳା ସ୍ଥାନରେ ଆସନ ପକାଇ ନିଶ୍ଚିନ୍ତରେ ଉପବେଶନ କରି ମୋର ଚରଣ ସ୍ନିଗ୍ଧ ମଧୁର ରୂପକୁ ଧ୍ୟାନ କର ।

ଉଦ୍ଧବ ପଚାରିଲେ, ପ୍ରଭୁ! ତୁମର ଦାସତ୍ୱ ମୋର ଇହକାଳ ଓ ପରକାଳର କାମନା । ମୋର ଧ୍ୟାନର ଆବଶ୍ୟକତା ନାହିଁ ତଥାପି ଯୋଗୀଜନ କିପରି ଜ୍ଞାନଲାଭ କରି କେଉଁ ରୂପରେ ତୁମକୁ ଧ୍ୟାନ କରନ୍ତି ଦୟାକରି ମୋତେ କୁହ । ଭଗବାନ କହିଲେ ଧ୍ୟାନ ବା ଜ୍ଞାନ ଗୋଟାଏ ପକ୍ଷୀର ଦୁଇ ଡେଣା ପରି ଭକ୍ତିଠାରୁ ପୃଥକ ନୁହେଁ । ଚିତ୍ତରେ ଭଗବତ୍ ସ୍ୱରୂପତା ପ୍ରାପ୍ତିକୁ ଜ୍ଞାନ କୁହାଯାଏ । ଭକ୍ତିମାର୍ଗରେ ହିଁ ଭଗବତ୍ ସ୍ୱରୂପତା ପ୍ରାପ୍ତି ହୁଏ । ତେଣୁ ଭକ୍ତି ମାର୍ଗରେ ହିଁ ଜ୍ଞାନ ଆହରଣ ସହଜ ଲଭ୍ୟ, ଅନ୍ୟ ଚେଷ୍ଟାର ପ୍ରୟୋଜନ ନାହିଁ । ମୁଁ ତୁମକୁ ଧ୍ୟାନରେ କହୁଛି । ପ୍ରଥମେ ସମ ଆସନରେ ସ୍ଥିର ରହି ଶରୀରକୁ ସ୍ୱଚ୍ଛନ୍ଦ ଭାବେ ରଖି ଦୁଇ ବାହୁକୁ ଜାନୁ ଉପରେ ରଖିବ । ଦୃଷ୍ଟିକୁ ନାସାର ଉପରିଭାଗ ବା ଭ୍ରୂଲତା ମଧ୍ୟରେ ସ୍ଥିର କରି ପୂରକ, କୁମ୍ଭକ ଓ ରେଚକ ପ୍ରାଣାୟମ ଦ୍ୱାରା ଧୀରେ ଧୀରେ ସାଧନା ଅଭ୍ୟାସ କରି ଚିତ୍ତକୁ ସ୍ଥିର ସଂଯତ କରି ପ୍ରାଣର ସଂଚାର ପଥକୁ ଶୋଧନ କରିବ । ପ୍ରାଣାୟମ ଦୁଇ ପ୍ରକାର-ପ୍ରଣବ ସଂଯୁକ୍ତ ସଗର୍ଭ ଓ ସାଧାରଣ ପ୍ରାଣନିରୋଧକ ଅଗର୍ଭ । ମୁଁ ତୁମକୁ ଶ୍ରେଷ୍ଠ ସଗର୍ଭ ପ୍ରାଣାୟମର ସୂଚନା ପ୍ରଦାନ କରୁଛି । ପଦ୍ମନାଳ ବା ମୃଣାଳକୁ ଦୁଇଖଣ୍ଡ କରି ତାହାର ଦୁଇ ଅଂଶକୁ ଧୀରେ ଧୀରେ ବିପରୀତ ଦିଗରେ ଟାଣିଲେ ଯେଉଁ ସୂକ୍ଷ୍ମ ସୂତ୍ର କ୍ରମାଗତ ବାହାରେ ସେହିପରି ହୃଦ ମଧ୍ୟରେ ଯେଉଁ ପ୍ରଣବ ନିରବଚ୍ଛିନ୍ନ ଭାବରେ ଧ୍ୱନିତ ହେଉଛି ସେହି ମୃଣାଳ ସୂତ୍ରରୂପୀ ପ୍ରଣବକୁ ପ୍ରାଣବାୟୁର ସାହାଯ୍ୟରେ ଊର୍ଦ୍ଧ୍ୱକୁ ସହସ୍ରାର ପର୍ଯ୍ୟନ୍ତ ଉତ୍ତୋଳିତ କରିବ । ପରେ ଏହା ସହିତ ଘଣ୍ଟା ଧ୍ୱନି ସଦୃଶ ଉଦାତ୍ତ ନାଦକୁ ସଂଯୁକ୍ତ କରି ଅଷ୍ଟ ଦିଗକୁ ପ୍ରସାରିତ କରି ଅଷ୍ଟଦଳ ହୃଦପଦ୍ମର ମଧ୍ୟ ଭାଗରେ ନେଇ ସ୍ଥାପନ କରିବ । ଏହି ପ୍ରକାର ପ୍ରଣବ ସଂଯୁକ୍ତ ପ୍ରାଣାୟମକୁ ପ୍ରତି ତ୍ରିସଂନ୍ଧ୍ୟାରେ ଦଶବାର କରି ଅଭ୍ୟାସ କଲେ ଏକମାସ ମଧ୍ୟରେ ପ୍ରାଣବାୟୁକୁ ଆୟତ୍ତ କରିହେବ । କଦଳୀ ପୁଷ୍ପପ୍ରାୟ ନିମ୍ନମୁଖୀ ହୃଦୟ କମଳର ଊର୍ଦ୍ଧ୍ୱମୁଖ ଅଷ୍ଟଦଳ ଏବଂ ଗୋଲାକୃତ ବୀଜକୋଷ ମଧ୍ୟରେ କ୍ରମଶଃ ଗୋଲାକାର ସୂର୍ଯ୍ୟ, ଚନ୍ଦ୍ର ଓ ଅଗ୍ନିର ଚିନ୍ତା କରିବ । ପରେ ଅଗ୍ନିମଣ୍ଡଳ ମଧ୍ୟସ୍ଥ ସ୍ୱର୍ଣ୍ଣ ସିଂହାସନରେ ଆସୀନ ମୋର ସ୍ୱରୂପ ( ଯେ କୌଣସି ଏକ ରୂପକୁ) ଧ୍ୟାନ କରିବ । ଦୃଢମନ ଦ୍ୱାରା ଇନ୍ଦ୍ରିୟ ଭୋଗ ବିଷୟରୁ ଇନ୍ଦ୍ରିୟମାନଙ୍କୁ ନିବାରଣ କରିବ । ସେହି ସଂକଳ୍ପ ବିକଳ୍ପାତ୍ମକ ମନକୁ ସାରଥି ରୂପକ ବୁଦ୍ଧି ଦ୍ୱାରା ଚାଳିତ କରି ମୋର ଏହି ଧ୍ୟାନ ରୂପକୁ ନିଶ୍ଚଳ ଭାବେ ଦର୍ଶନ କରିବେ । ମୋର ସମ୍ପୂର୍ଣ୍ଣ ରୂପର ଧ୍ୟାନ ସହଜ ହୋଇ ଆସିଲେ ମୋର ଏକମାତ୍ର ଅଙ୍ଗ ଅର୍ଥାତ ମୋର ଦରସ୍ମିତ ମୁଖକୁ ଧ୍ୟାନ କରିବ । ତାପରେ ଚିତ୍ତ ସ୍ଥିର ହୋଇଗଲେ ଆକାଶ ରୂପରେ ମୋତେ ଧ୍ୟାନକରି ଶେଷରେ ଶୁଦ୍ଧ ବ୍ରହ୍ମ ସ୍ୱରୂପ ସର୍ବଭୁତରେ ମୋତେ ଦର୍ଶନ କରିବେ । ସେତେବେଳେ ଧ୍ୟାପ ଓ ଧ୍ୟେୟ ମଧ୍ୟରେ ଅଭେଦ ହିଁ ପ୍ରତିଷ୍ଠିତହେବ ।

### ୧୫ଶ ଅଧ୍ୟାୟ, ବିଭିନ୍ନ ସିଦ୍ଧିର ନାମ ଓ ଲକ୍ଷଣ

ଭଗବାନ କହିଲେ ଉଦ୍ଧବ, ଏହି ପ୍ରକାର ଯୋଗସିଦ୍ଧ ଜ୍ଞାନୀ ପୁରୁଷ ନାନା ପ୍ରକାର ଅଲୌକିକ ସିଦ୍ଧିର ଅଧିକାରୀ ହୋଇଥାଏ ମାତ୍ର ସେହି ସକଳ ସିଦ୍ଧିର ତାର ଭଗବତ ପ୍ରାପ୍ତିର ଅନ୍ତରାୟ ହୋଇଯାଏ । ତେଣୁ ତାର ପ୍ରୟୋଗରେ ଆସକ୍ତ ହେବା ଅନୁଚିତ । ଉଦ୍ଧବ ପଚାରିଲେ, ପ୍ରଭୁ ସିଦ୍ଧି କେତେ ପ୍ରକାର ଓ କ'ଣ କ'ଣ ଏବଂ କେଉଁ ପ୍ରକାର ଧ୍ୟାନ ଓ ଧାରଣା କଲେ କେଉଁ ସିଦ୍ଧି ଲାଭ ହୁଏ ? ଉତ୍ତରରେ ଭଗବାନ କହିଲେ ସିଦ୍ଧି ଅଠର ପ୍ରକାର ଓ ଧାରଣା ମଧ୍ୟ ଅଠର ପ୍ରକାର । ତ୍ରିକାଳଜ୍ଞ ହେବା ଆଦି କ୍ଷୁଦ୍ରସିଦ୍ଧି ତ ଅନେକ ବ୍ୟକ୍ତି ଲାଭ କରନ୍ତି ମାତ୍ର ଅଠରଟି ସିଦ୍ଧି ମଧ୍ୟରୁ ଅଣିମାଦି ଆଠଟି ବିଶେଷ ସିଦ୍ଧି ମୋ ଠାରେ ଆଶ୍ରୟ ନେଇଥାଏ । କେବଳ ଯୋଗ ଦ୍ୱାରା ମୋର ରୂପଲାଭକାରୀ ଯୋଗୀ କିଛି ପରିମାଣରେ ଏହାର ଅଧିକାରୀ ହୋଇପାରେ । ଅବଶିଷ୍ଟ ଦଶ ଗୋଟି ସତ୍ୱ ଗୁଣର ଉତ୍କର୍ଷ ସାଧନ ଦ୍ୱାରା ହୋଇପାରେ । ଦେହକୁ ଇଚ୍ଛାନୁସାରେ କ୍ଷୁଦ୍ର, ପୁଣି ବିଶାଳ ଏବଂ ଅତ୍ୟନ୍ତ ଉଶ୍ୱାସ କରିବାକୁ ଅଣିମା, ମହିମା ଓ ଲଘିମା ସିଦ୍ଧି କୁହାଯାଏ । ସକଳ ପ୍ରାଣୀ ସହ ନିଜ ଇନ୍ଦ୍ରିୟ ଦ୍ୱାରା ସମ୍ବନ୍ଧ ସ୍ଥାପନ ଶକ୍ତିକୁ ପ୍ରାପ୍ତି ସିଦ୍ଧି, ଶାସ୍ତ୍ର ବା ଅନ୍ୟ ଲୋକ ମୁଖରୁ ଶୁଣି ପାରଲୌକିକ ବିଷୟ ସମୂହର ଉପଭୋଗ ଏବଂ ଚକ୍ଷୁ ଦ୍ୱାରା ଦୃଶ୍ୟମାନ ଅଥଚ ଗୁପ୍ତ ଗହନ ସ୍ଥାନରେ ଅବସ୍ଥିତ ସାଧାରଣ ଅଲଭ୍ୟ ବିଷୟ ଭୋଗର ସାମର୍ଥ୍ୟକୁ ପ୍ରାକାମ୍ୟ ସିଦ୍ଧି ଏବଂ ମାୟା ବା ତାହାର ଅଙ୍ଗୀଭୂତ ଶକ୍ତି ପ୍ରେରଣର ଅଧିକାରକୁ ଈଶିତା ସିଦ୍ଧି କୁହାଯାଏ । ମାୟା ଶକ୍ତିର ଅଧିକାରୀ କେବଳ ମୁଁ ସ୍ୱୟଂ ଭଗବାନ, ଯୋଗୀ କେବଳ ଯୋଗ ବଳରେ ଏହାର କେତାକାଂଶରେ ଏହାକୁ ଲାଭ କରିପାରେ । ବିଷୟ ଭୋଗର ଅନାସକ୍ତ ନାମ ବଶିତା, ସୁଖର ଚରମ ସୀମା ପ୍ରାପ୍ତିର ସାମର୍ଥ୍ୟକୁ କାମବସାୟିତା କହନ୍ତି । ଏହି ଅଷ୍ଟସିଦ୍ଧି ସ୍ୱଭାବ ସିଦ୍ଧି ଭାବେ ମୋଠାରେ ଆଶ୍ରିତ । କ୍ଷୁଧା, ପିପାସା, ଜରା, ମୃତ୍ୟୁ, ଲୋଭ, ମୋହ ଏହି ଷଡଉର୍ମିର ନିବାରଣ ଦୂରସ୍ଥ ଶବ୍ଦ ସ୍ମରଣ, ଦୂରବସ୍ତୁ ଦର୍ଶନ, ମନଠାରେ ଚଞ୍ଚଳ, ଦେହର ଗତିଶକ୍ତି, ଯଥେଚ୍ଛା ରୂପଧାରଣ, ପରକାୟାରେ ପ୍ରବେଶ ଶକ୍ତି, ଇଚ୍ଛା ମରଣ, ଦେବଅପସରା ସଙ୍ଗଲାଭ, ଇଚ୍ଛାନୁରୂପ ବସ୍ତୁପ୍ରାପ୍ତି, ଆଦେଶରେ ଅନ୍ୟଥା ନହେବା -ଏହି ଦଶ ଗୋଟି ଯୋଗୀ ଲଭ୍ୟ ସିଦ୍ଧି । ତ୍ରିକାଳଜ୍ଞ ହେବା,ଅନ୍ୟର ମନକଥା ଜାଣିବା,ଶୀତ, ବର୍ଷା, ଘର୍ମ, ବାତ ଗ୍ରସ୍ତ ନହେବା, ସୂର୍ଯ୍ୟ, ଜଳ, ବିଷ, ଶସ୍ତ୍ର ପ୍ରଭୃତି ଦ୍ୱାରା ଆଘାତ ପ୍ରାପ୍ତ ନହେବା ଏବଂ ସର୍ବତ୍ର ବିଜୟ ହେବା ଏହି ପାଞ୍ଚଗୋଟି ସାମାନ୍ୟ ସିଦ୍ଧି । ଏବେ କେଉଁ ଧାରଣାରେ କେଉଁ ସିଦ୍ଧିଲାଭ ହୁଏ ତାହା କହୁଛି । ମୋର ଭୂତ ସୂକ୍ଷ୍ମାକାର ରୂପକୁ ଧାରଣା ଦ୍ୱାରା ଅଣିମା, ମହତ ରୂପେ ଧାରଣା ଦ୍ୱାରା ମହିମା, ସକଳ ଭୂତରେ ମୋର ଲଘୁ ରୂପରେ ଧାରଣ ଦ୍ୱାରା ଲଘିମା, ସାତ୍ୱିକ ଅହଂକାର ସ୍ୱରୂପ ରୂପେ ଧାରଣା କଲେ ପ୍ରାପ୍ତି ସିଦ୍ଧି ଲାଭ ହୁଏ । ଏହା ଦ୍ୱାରା ସକଳ ପ୍ରାଣୀର ଇନ୍ଦ୍ରିୟକୁ ନିୟନ୍ତ୍ରଣ କରିହୁଏ । ମହତତ୍ତ୍ୱରୂପୀ ମୋଠାରେ ଚିତ୍ତ ସ୍ଥିର ରହିଲେ ସର୍ବୋତ୍କୃଷ୍ଟ ପ୍ରାକାମ୍ୟ ସିଦ୍ଧି ପ୍ରାପ୍ତି ହୁଏ ଯାହା ଫଳରେ ସକଳ କାମ୍ୟ ବସ୍ତୁ ଚାହିଁବା ମାତ୍ରେ ଲାଭ ହୁଏ । ମୋତେ ତ୍ରିଗୁଣାତ୍ମିକା ମାୟାର ନିୟନ୍ତା ରୂପେ ଉପଲବ୍ଧ କଲେ ଈଶିତ୍ୱ ସିଦ୍ଧି ହୁଏ । ଏହା ଦ୍ୱାରା ଇନ୍ଦ୍ରିୟମାନଙ୍କର ଅଖଣ୍ଡ ଅପରିସୀମ ଶକ୍ତି ଓ କ୍ଷମତା ଜାତ ହୁଏ । ସକଳ ଐଶ୍ୱର୍ଯ୍ୟର ଧାମ ମୋର ତୂରୀୟ ରୂପରେ ଅବଧାରଣା ଦ୍ୱାରା ବଶିତା ସିଦ୍ଧି ଲାଭ ହୁଏ ; ଏହା ଦ୍ୱାରା ସମ୍ପୂର୍ଣ୍ଣ ଅନାସକ୍ତିର କ୍ଷମତା ଜାତ ହୁଏ । ମୁଁ ସତ,ଚିତ ଓ ଅନନ୍ଦ ହେତୁ ମୋତେ ତୂରୀୟ ଆଖ୍ୟା ଦିଆଯାଏ । ସମଗ୍ର ଐଶ୍ୱର୍ଯ୍ୟ, ବୀର୍ଯ୍ୟ, ଯଶଃ, ଶ୍ରୀ, ଜ୍ଞାନ ଏବଂ ବୈରାଗ୍ୟ ଏହି ଛଅ ଗୋଟି 'ଭଗ' ଶବ୍ଦ ଦ୍ୱାରା ଅଭିହିତ ହୁଏ । ମୁଁ ଏହି ଛଅଗୋଟି ଭଗର ଅଧିକାରୀ ହେତୁ ମୋର ନାମ ଭଗବାନ । ଏବେ ମୁଁ ତୁମକୁ ଗୁଣ ହେତୁ ସିଦ୍ଧି ସମୂହର ବିଷୟ କହୁଛି । ମୋଠାରୁ ସର୍ବଗୁଣ ଓ ଧର୍ମର ଉତ୍ପତ୍ତି ହେଲେ ହେଁ ମୁଁ ଗୁଣ ରହିତ । କ୍ଷୀର ସମୁଦ୍ର ସ୍ଥିତ ଶ୍ୱେତ ଦ୍ୱୀପ ମଧ୍ୟରେ ମୋର ନୀଳ ଜଳଦ-ଶ୍ୟାମଳ ଅନିରୁଦ୍ଧ ମୂର୍ତ୍ତିଠାରେ ଚିତ୍ତ ସ୍ଥିର କଲେ ମନୁଷ୍ୟ ଗୁଣ ବନ୍ଧନ-ମୁକ୍ତ ହୁଏ ଓ ଛଅ ଉର୍ମୀ ତାକୁ ବ୍ୟଥିତ କରିପାରନ୍ତି ନାହିଁ । ମୁଁ ଆକାଶ ପରି ସର୍ବ ଭୂତରେ ପରିବ୍ୟାପ୍ତ ଏବଂ ଏହି ସ୍ୱରୂପର ଭାବନା ଦ୍ୱାରା ଜୀବ, ଆକାଶରେ ଅଭିବ୍ୟକ୍ତ ପ୍ରାଣୀମାନଙ୍କ ବିଚିତ୍ର ବାକ୍ୟ ସମୂହ ଦୂରରୁ ଶ୍ରବଣ କରିପାରେ ।

( କ୍ରମଶଃ )


+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮


## ସମ୍ପର୍କର ରିଙ୍ଗ୍

# ଭାଇ, ଗୋଟେ ଭଉଣୀର ଅନନ୍ୟ ସମ୍ପତ୍ତି




ଶ୍ୱେତା ରାଉତ୍


ଜୀବନରେ କିଛି ସମ୍ପର୍କ ଈଶ୍ୱରଙ୍କ ଦାନ। ଯାହାକୁ ଆମେ ବାଛିନଥାଉ, କିନ୍ତୁ ସେ ଆମ ଜୀବନର ସବୁଠାରୁ ସୁନ୍ଦର ଅଂଶ ହୋଇଯାଏ ।ସେମିତି ଏକ ନିଆରା ସମ୍ପର୍କ ହେଉଛି ଭାଇ ଓ ଭଉଣୀର ସମ୍ପର୍କ। ଏହି ସମ୍ପର୍କରେ ଯେତିକି ଅଧିକାର ଥାଏ, ସେତିକି ଥାଏ ନିରବ ଭଲପାଇବା। ଯେତିକି ଝଗଡ଼ା ଥାଏ, ସେତିକି ଥାଏ ପରସ୍ପର ପାଇଁ ଚିନ୍ତା। ଆଉ ଯେତିକି ଦୂରତା ଆସେ, ହୃଦୟର ସମ୍ପର୍କ ସେତିକି ଅଧିକ ଗଭୀର ହୋଇଯାଏ। ଛୋଟବେଳେ ଯେଉଁ ଭାଇ ସହ ଗୋଟିଏ ଖେଳନା ପାଇଁ ଝଗଡ଼ା ହୁଏ, ସେଇ ଭାଇ ହିଁ ବଡ଼ ହେଲା ପରେ ଭଉଣୀର ଆଖିରେ ଲୁହ ଦେଖିଲେ ପ୍ରଥମେ ବ୍ୟସ୍ତ ହୋଇଯାଏ।

ଭାଇ ଭଉଣୀ ପାଇଁ ଗୋଟିଏ ଅନନ୍ୟ ସମ୍ପତ୍ତି। କାରଣ ଦୁନିଆରେ ଅନେକ ସମ୍ପର୍କ ସ୍ୱାର୍ଥ ଓ ସମୟ ସହ ବଦଳିଯାଏ, କିନ୍ତୁ ଭାଇ-ଭଉଣୀର ସମ୍ପର୍କର ମୂଳ ଶୈଶବରେ ଥିବାରୁ ଏହାର ଗଭୀରତା ଅତ୍ୟନ୍ତ ନିବିଡ଼। ଜୀବନରେ କେତେ ଲୋକ ଆସନ୍ତି, କେତେ ଲୋକ ଚାଲିଯାଆନ୍ତି, କିନ୍ତୁ ଭାଇ ଭଉଣୀର ସ୍ମୃତିରେ ରହିଥିବା ସେହି ଛୋଟ ଘରଟି ସବୁବେଳେ ଅକ୍ଷୁଣ୍ଣ ରହେ। ଭାଇ ଭଉଣୀ ନିଜର କଷ୍ଟ, ଦୁର୍ବଳତା ଖୁବ୍ ସହଜରେ ପରସ୍ପର ଭିତରେ ପ୍ରକାଶ କରି ପାରନ୍ତି, ଯାହା ଅନ୍ୟ ସମ୍ପର୍କ ପାଖରେ ହୋଇନଥାଏ। ଭାଇକୁ, ଭଉଣୀ ପାଖରେ କିଛି ଲୁଚାଇବାକୁ ପଡ଼େନାହିଁ। ଭଉଣୀ ତା'ର ହସ ପଛରେ ଲୁଚିଥିବା ଚିନ୍ତାକୁ ବୁଝିପାରେ। ତା'ର ସଫଳତାରେ ଗର୍ବ କରେ, ବିଫଳତାରେ ମନୋବଳ ଦିଏ। ତେଣୁ ଭାଇ ଭଉଣୀର ସମ୍ପର୍କ କେବଳ ରକ୍ତର ସମ୍ପର୍କ ପାଇଁ ନୁହେଁ, ହୃଦୟର ଏକ ଗଭୀର ବୁଝାମଣା ଓ ପରସ୍ପର ପାଇଁ ବଡ ସାହସ ହୋଇ ରହିଥାଏ। ରାକ୍ଷୀ ଆସିଲେ ଦୁହେଁ ସମାନ ଭାବରେ ଭାବପ୍ରବଣ ହୋଇପଡନ୍ତି ଏହି ପର୍ବ ପାଇଁ। ରାକ୍ଷୀ ଭିତରେ ଥାଏ ଅମାପ ସ୍ନେହ। ରାକ୍ଷୀ କେବଳ ଏକ ସୂତା ନୁହେଁ। ଏ ତ ଶୈଶବରୁ ହୃଦୟରେ ବୁଣାଯାଇଥିବା ଏକ ଅଦୃଶ୍ୟ ବନ୍ଧନର ପ୍ରତୀକ। ଭଉଣୀ ଭାଇର ହାତରେ ରାକ୍ଷୀ ବାନ୍ଧିବା ବେଳେ ତା'ର ମନରେ ଥାଏ "ମୋ ଭାଇ ସବୁବେଳେ ଖୁସିରେ ରହୁ।" ଭାଇ ମଧ୍ୟ ସେହି ରାକ୍ଷୀକୁ ଦେଖି ନିଜ ଭଉଣୀ ପାଇଁ ଏକ ଅଲିଖିତ ଦାୟିତ୍ୱକୁ ଅନୁଭବ କରେ। ଏହା କେବଳ ସୁରକ୍ଷାର ପ୍ରତିଶ୍ରୁତି ନୁହେଁ, ଏହା ପରସ୍ପରର ସୁଖ-ଦୁଃଖରେ ସାଥୀ ହୋଇ ରହିବାର ଏକ ନିରବ ସଂକଳ୍ପ ।ଜୀବନ ଯେତେ ଆଧୁନିକ ହେଉ, ଭାଇ ଭଉଣୀର ଏହି ସମ୍ପର୍କର ମୂଲ୍ୟ କେବେ କମିବ ନାହିଁ। ଦୂରତା ଆସିପାରେ, ଦେଖାହେବା କମିପାରେ, ଫୋନ୍‌ରେ କଥାବାର୍ତ୍ତାର ସମୟ କମିପାରେ, କିନ୍ତୁ ମନର ଭଲପାଇବା କମେ ନାହିଁ। ବର୍ଷ ବର୍ଷ ପରେ ଦେଖାହେଲେ ମଧ୍ୟ ଦୁହେଁ ପୁଣି ସେହି ଶୈଶବର ଦିନକୁ ଫେରିଯାଆନ୍ତି। ଜଣେ ଭଉଣୀ ପାଇଁ ଭାଇ ଏକ ଅନନ୍ୟ ସମ୍ପତ୍ତି, ଯାହାର ମୂଲ୍ୟ ଟଙ୍କାରେ ମାପିହୁଏ ନାହିଁ, ଯାହାକୁ ବଜାରରୁ କିଣିହୁଏ ନାହିଁ ଏବଂ ଯାହାକୁ ସମୟ ମଧ୍ୟ ଛଡ଼ାଇ ପାରେ ନାହିଁ। ଏହା ସେହି ସମ୍ପତ୍ତି, ଯାହା ସ୍ମୃତିରେ ବଢ଼େ, ଭଲପାଇବାରେ ଗଭୀର ହୁଏ ଏବଂ ବୟସ ବଢ଼ିବା ସହ ଆହୁରି ମୂଲ୍ୟବାନ ହୋଇଯାଏ। ସମ୍ପର୍କର ଏହି ଦୁନିଆରେ ଅନେକ ସମ୍ପତ୍ତି ହରାଇବାକୁ ପଡେ, ଅନେକ ଜିନିଷ ପୁରୁଣା ହୋଇଯାଏ। କିନ୍ତୁ ଭାଇ-ଭଉଣୀର ଭଲପାଇବା ଏମିତି ଏକ ଧନ, ଯାହା ଯେତେ ବାଣ୍ଟିଲେ ସେତେ ବଢ଼େ। ଭଉଣୀର ହସରେ ଭାଇର ଖୁସି, ଭାଇର ସଫଳତାରେ ଭଉଣୀର ଗର୍ବ,ଏହି ହେଉଛି ଏହି ଅମୂଲ୍ୟ ସମ୍ପର୍କର ସତ୍ୟ ସୌନ୍ଦର୍ଯ୍ୟ।


+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦


# ରକ୍ଷା ବନ୍ଧନ


ଅକ୍ଷୟ କୁମାର ରାଉତ






ଉତ୍କଳୀୟ ସଂସ୍କୃତି ଓ ପରମ୍ପରାରେ ପାଳନ କରାଯାଉଥିବା ପର୍ବ ପର୍ବାଣି ଓ ଓଷା ବ୍ରତ ଗୁଡିକ ପ୍ରାୟତଃ ତିଥି ଓ ବାରକୁ କେନ୍ଦ୍ର କରି ପାଳନ କରାଯାଇଥାଏ । ଅମାବାସ୍ୟା, ସଂକ୍ରାନ୍ତି, ଏକାଦଶୀ ଓ ପୂର୍ଣ୍ଣିମା ସମୟରେ ଆମର ପର୍ବ ପର୍ବାଣି ଗୁଡିକ ପାଳିତ ହୁଏ । ପ୍ରତ୍ୟେକ ପୂର୍ଣ୍ଣିମାର ସ୍ୱତନ୍ତ୍ର ନାମ ରହିଛି । ଯେପରି ବୁଦ୍ଧପୂର୍ଣ୍ଣିମା, ଦେବସ୍ନାନପୂର୍ଣ୍ଣିମା, ବ୍ୟାସପୂର୍ଣ୍ଣିମା, ଗୁରୁ ପୂର୍ଣ୍ଣିମା, କୁମାର ପୂର୍ଣ୍ଣିମା, ଅଗ୍ନି ପୂର୍ଣ୍ଣିମା ଓ ଦୋଳ ପୂର୍ଣ୍ଣିମା । ସେହିପରି ଶ୍ରାବଣ ମାସର ପୂର୍ଣ୍ଣିମାକୁ ରାକ୍ଷୀ ପୂର୍ଣ୍ଣିମା ବା ଗହ୍ମା ପୂର୍ଣ୍ଣିମା କୁହାଯାଏ । ଦଶ ଅବତାର ମଧ୍ୟରେ ଅଷ୍ଟମ ଅବତାର ଶ୍ରୀ ବଳରାମଙ୍କ ଜନ୍ମତିଥି ରୂପେ ଶ୍ରାବଣ ପୂର୍ଣ୍ଣିମୀ ମହା ସମାରୋହରେ ପାଳନ କରାଯାଏ । ପ୍ରଭୁ ଶ୍ରୀବଳଭଦ୍ରଙ୍କର ଆୟୁଧ ହଳ ଲଙ୍ଗଳ ଓ ତାଙ୍କର ଜନ୍ମ ଗୋଗୋଷ୍ଠରେ ହୋଇଥିବାରୁ ଆମ୍ଭେ ମାନେ ହଳ ଲଙ୍ଗଳ ସହିତ ଗାଇ ଗୋରୁଙ୍କୁ ପୂଜା କରିଥାଉ । ଗୋ ରସରୁ ପ୍ରସ୍ତୁତ ଲହୁଣି, ଘିଅ, ଓ ଛେନା ଇତ୍ୟାଦି ମଣିଷ ଶରୀର ପାଇଁ ଉପକାରୀ ଖାଦ୍ୟ । ଆମ ପୂଜା ପାଇଁ ପଚାଂମୃତ ବା ପଚଂଗବ୍ୟର ଆବଶ୍ୟକତା ଅଛି । ସେଥିପାଇଁ ଆମ ସମାଜ ଗାଇକୁ ସୁଖ ପ୍ରଦାନ କାରିଣୀ ଗୋମାତା ରୂପେ ସେବା ଓ ପୂଜା କରିଥାଏ । ରାକ୍ଷୀ ବନ୍ଧନ ସର୍ମ୍ପକରେ ପୁରାଣ ଓ ଇତିହାସରେ ହୃଦୟ ସ୍ପର୍ଶୀ କାହାଣୀ ବିଦ୍ୟମାନ । ଇନ୍ଦ୍ର ବୃତ୍ରାସୁର ସମର ସମୟରେ ଦେବଗୁରୁ ବୃହସ୍ପତିଙ୍କ ପରାମର୍ଶ କ୍ରମେ ଶଚୀ ଇନ୍ଦ୍ରଙ୍କ ହାତରେ ରକ୍ଷା ସୂତ୍ର ବା ରାକ୍ଷୀ ବାନ୍ଧି ଦେବାରୁ ଇନ୍ଦ୍ର ଜୟଯୁକ୍ତ ହେଲେ । ସେହି ଦିନ ଠାରୁ ତାହା ରକ୍ଷାବନ୍ଧନ ରୂପେ ମାନ୍ୟତା ଲାଭ କରି ଅଛି । ଶ୍ରୀକୃଷ୍ଣଙ୍କ ହସ୍ତାଙ୍ଗୁଳି କଟିବାରୁ ଦ୍ରୌପଦୀ ନିଜ ପିନ୍ଧା ଶାଢୀକୁ ଚିରି ତାଙ୍କ କ୍ଷତ ସ୍ଥାନରେ ବାନ୍ଧି ଦେବାରୁ ପର ଅବସ୍ଥାରେ ଦ୍ୱାରକାଧିପତି କୋଟି ବସ୍ତ୍ର ଦେଇ ଦ୍ରୌପଦୀଙ୍କ ମାନ ରକ୍ଷା କରିଥିଲେ । ଦେବୀ ମହାଲକ୍ଷ୍ମୀ ଭଉଣୀ ରୂପରେ ଶ୍ରାବଣ ପୂର୍ଣ୍ଣିମାରେ ବଳିଙ୍କ ହାତରେ ରାକ୍ଷୀ ବାନ୍ଧି ଦେଇ ଭଗବାନ୍ ବିଷ୍ଣୁଙ୍କୁ ପାତାଳ ଲୋକରୁ ବୈକୁଣ୍ଠକୁ ନେଇଯାଇ ଥିଲେ । ସେହି ଦିନ ଠାରୁ ଭଉଣୀମାନେ ଭାଇମାନଙ୍କ ହାତରେ ରାକ୍ଷୀ ବାନ୍ଧି ଭାଇ ଭଉଣୀର ସମ୍ପର୍କକୁ ଅତୁଟ ରଖିଥିଲେ । ମାତା ସିତା ସତାନନ ରାବଣ ଠାରୁ ପ୍ରଭୁ ରାମଙ୍କୁ ରକ୍ଷା ପାଇଁ ପ୍ରତିବ୍ରତା ଧର୍ମର ରକ୍ଷା କବଚ ପ୍ରଦାନ କରିଥିଲେ । ମା' ମାନେ ନିଜ ନିଜ ଇଷ୍ଟ ଦେବା ଦେବୀଙ୍କ ନିକଟରେ ପୂଜା କରି ରକ୍ଷା କବଚ ସନ୍ତାନ ମାନଙ୍କର କଲ୍ୟାଣ ନିମନ୍ତେ ପିନ୍ଧାଇ ଥାଆନ୍ତି । ଆଲେକ୍‌ଜାଣ୍ଡାର ଓ ପୁରୁଙ୍କ ଯୁଦ୍ଧକୁ ନେଇ ରାକ୍ଷୀ ସମ୍ବନ୍ଧୀୟ ଏକ କାହାଣୀ ରହିଛି । ଆଲେକ୍‌ଜାଣ୍ଡାରଙ୍କ ପତ୍ନୀ ପୁରୁଙ୍କ ହାତରେ ରାକ୍ଷୀ ବାନ୍ଧି ଥିବାରୁ ପୁରୁ ହତ୍ୟା କରିବା ପାଇଁ ଉଦ୍ୟମ ବେଳେ ଭଉଣୀର କଥା ମନେ ପକାଇ ଆଲେକ୍‌ଜାଣ୍ଡାରଙ୍କୁ ଛାଡିଦେଇ ଥିଲେ । ଚିତୋରର ବିଧବା ରାଣୀ କର୍ଣ୍ଣାବତୀ ଦିଲ୍ଲୀର ସମ୍ରାଟ ହୁମାୟନଙ୍କ ନିକଟକୁ ଏକ ରାକ୍ଷୀ ପଠାଇ ଥିବାରୁ ହୁମାୟନ ଭଉଣୀ କର୍ଣ୍ଣାବତୀର ସୁରକ୍ଷା ନିମନ୍ତେ ସେନା ପ୍ରେରଣ କରିଥିଲେ । ବିଶ୍ୱକବି ରବିନ୍ଦ୍ରନାଥ ଟାଗୁର ହିନ୍ଦୁ ଓ ମୁସଲମାନ ଉଭୟଙ୍କ ମଧ୍ୟରେ ରାକ୍ଷୀ ବନ୍ଧନ କରି ବିଶ୍ୱ ଭାତୃତ୍ୱକୁ ଏକ ନୂତନ ଦିଗ୍ ଦର୍ଶନ ଦେଇଥିଲେ । ମହାନ ସ୍ୱାଧୀନତା ସଂଗ୍ରାମି ଚନ୍ଦ୍ରଶେଖର ଆଜାଦ୍ ଇଂରେଜ ମାନଙ୍କ ଆଖିରେ ଧୂଳି ଦେଇ ଜଣେ ବିଧବା ସ୍ତ୍ରୀ ଲୋକ ଘରେ ଆଶ୍ରୟ ନେଇଥିଲେ । ବିଧବା ସ୍ତ୍ରୀ ଲୋକଟି ଚନ୍ଦ୍ରଶେଖର ଆଜାଦ୍‌ଙ୍କ ହାତରେ ରାଖି ବାନ୍ଧି ଦେଇଥିଲା । ଅଭାବି ସ୍ତ୍ରୀ ଲୋକଟିର ଝିଅ ବିଭାହ ପାଇଁ ଚନ୍ଦ୍ରଶେଖର ତାଙ୍କୁ କହିଥିଲେ, ସେ ତାଙ୍କୁ ଇଂରେଜଙ୍କ ନିକଟରେ ଧରାଇ ଦେଲେ ୫ ହଜାର ଟଙ୍କା ପୁରସ୍କାର ପାଇବେ । କିନ୍ତୁ ସ୍ତ୍ରୀ ଲୋକଟି ଉତର ଦେଇଥିଲା, ଯିଏ ଭାରତ ମାତା ପାଇଁ ଇଂରେଜ ସରକାରଙ୍କ ସହିତ ଲଢୁଛି ଓ ମୋ ରାକ୍ଷୀର ମାନ ରକ୍ଷା କରୁଛି, ମୁ ତାଙ୍କୁ କିପରି ବିଦେଶୀ ସରକାରଙ୍କ ହାରତେ ଧରାଇ ଦେବି । ତା'ପର ଦିନ ଚନ୍ଦ୍ରଶେଖର ୫ ହଜାର ଟଙ୍କା ରଖି ଦେଇ, ଭଉଣୀ ଉଦ୍ଦେଶ୍ୟରେ ଏକ ପତ୍ର ଲେଖି ସେଠାରୁ ବିଦାୟ ନେଇଥିଲେ । ପ୍ରାୟ ଭାରତର ସବୁ ସ୍ଥାନରେ ରାକ୍ଷୀ ଉତ୍ସବ ପାଳିତ ହୁଏ । ଉତର ପଶ୍ଚିମ ଭାରତରେ ରାକ୍ଷୀ ପୂର୍ଣ୍ଣିମା ଭାବରେ ପାଳନ କରାଯାଏ । ମହାରଷ୍ଟ୍ର, ଗୁଜୁରାଟ, ଗୋଆ ଓ କର୍ଣ୍ଣାଟକର କେତେ ଅଂଚଳରେ ଏହା ରାକ୍ଷୀ ପୂର୍ଣ୍ଣିମା ବା ନାରିୟଲ ପୂର୍ଣ୍ଣିମା ଭାବେ ପରିଚିତ । ଏହି ଦିନ ଅନନ୍ତଶାୟୀ ବିଷ୍ଣୁଙ୍କ ଉଦେଶ୍ୟରେ ନଡିଆ ସମୁଦ୍ରକୁ ଫିଙ୍ଗା ଯାଇଥାଏ । ବ୍ରାହ୍ମଣ ମାନେ ଏହିଦିନ ନୂତନ ଯଜ୍ଞୋପବୀତ ଧାରଣ କରିଥାଆନ୍ତି । ମଧ୍ୟପ୍ରଦେଶ, ଛତିଶଗଡ, ଝାଡଖଣ୍ଡ, ଓ ବିହାରରେ ଏହାକୁ କଜରି ପୂର୍ଣ୍ଣିମା ବୋଲି କୁହାଯାଏ । ଏହି ପୂର୍ଣ୍ଣିମା କୃଷକମାନଙ୍କ ପାଇଁ ଗୁରୁତ୍ୱ ବହନ କରିଥାଏ । ଶ୍ରାବଣ ପୂର୍ଣ୍ଣିମାର ଏହି ରକ୍ଷା ବନ୍ଧନ ପର୍ବ, ପତ୍ନୀ ଭାବେ ପତିର ରକ୍ଷା, ପତି ଭାବେ ପତ୍ନୀର ରକ୍ଷା, ଭ୍ରାତା ଭାବରେ ଭଗ୍ନୀର ରକ୍ଷା, ଭକ୍ତ ଭାବରେ ପ୍ରଭୁଙ୍କର ରକ୍ଷା, ଭଗବାନ ଭାବେ ଭକ୍ତର ରକ୍ଷା, ପୁତ୍ର ଭାବେ ପିତା ମାତାଙ୍କର ରକ୍ଷା, ପିତାମାତା ଭାବେ ସନ୍ତାନର ରକ୍ଷା, ନାଗରିକ ଭାବେ ରାଷ୍ଟ୍ରର ରକ୍ଷା, ମାନବ ଭାବେ ମାନବିକତାର ରକ୍ଷା । ଇର୍ଷା, ଦ୍ୱେଶ, ପରଶ୍ରୀକାତରତା, ମନାନ୍ତର, ମତାନ୍ତର, ତିକ୍ତତା ଓ ବିରୋଧି ଭାବକୁ ପରିତ୍ୟାଗ କରି ବିଶ୍ୱକୁ ଏକ ପରିବାର ମାନି ନେବା ରକ୍ଷା ବନ୍ଧନର ମୂଳ ଉଦେଶ୍ୟ । ଅଧର୍ମ, ଅନ୍ୟାୟ ଅସତ୍ୟ, ଅଜ୍ଞାନ ତାର ବିନାଶ କରି, ମାନବିକ ଧର୍ମର ପ୍ରତିଷ୍ଠା କରିବାକୁ ରାକ୍ଷୀ ପୂର୍ଣ୍ଣିମା ନିର୍ଦ୍ଦେଶ ଦେଇଥାଏ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପରସ୍ପର ମଧ୍ୟରେ ଭାଇ ଚାରା ଏହି ପର୍ବ ସୃଷ୍ଟି କରିଥାଏ । ନାରି ଜାତି, କୃଷକ, ଗୋସମ୍ପଦ, କୃଷି, ଜଙ୍ଗଲ ଓ ଜୀବଜଗତର ସୁରକ୍ଷାର ସାମାଜିକ ବାର୍ତ୍ତା ଏହି ରକ୍ଷାବନ୍ଧନର ମୂଳତତ୍ୱ । ଏହି ପର୍ବ ଆମ ଭାରତୀୟ ସଂସ୍କୃତି, ପରମ୍ପରାକୁ ଗୌରବାନ୍ୱିତ ଓ ସମୃଦ୍ଧଶାଳୀ କରିଥାଏ ।


+ ପାରାଦ୍ୱିପଗଡ, କୁଜଙ୍ଗ
ଜଗତସିଂହପୁର
ମୋ. ନଂ-୯୯୩୭୬୯୧୪୭୫

# ମୁଦ୍ରଣ ପରେ ସୁରକ୍ଷା, ମୁଦ୍ରଣ ପୂର୍ବରୁ ଲିକ୍: ଏନ୍.ଟି.ଏ.ର ଦିଗହୀନ ସଂସ୍କାର

ପ୍ରଶ୍ନପତ୍ର ଲିକ୍ ବା ପ୍ରଶ୍ନପତ୍ର ଫାଶ କହିଲେ କେବଳ ପରିବହନ କିମ୍ବା ଗଚ୍ଛିତ ରଖିବା ସମୟରେ ମୁଦ୍ରିତ କାଗଜପତ୍ର ଚୋରି ହେବାକୁ ବୁଝାଏ ନାହିଁ । ଏହା ଏକ ବ୍ୟାପକ ସମସ୍ୟା ଯେଉଁଥିରେ ଆଭ୍ୟନ୍ତରୀଣ ପ୍ରବେଶାଧିକାର, ବ୍ୟାବସାୟିକ ସ୍ୱାର୍ଥ, ସାଇବର ଦୁର୍ବଳତା ଏବଂ ଦୁର୍ବଳ ଆନୁଷ୍ଠାନିକ ନିୟନ୍ତ୍ରଣ ମାଧ୍ୟମରେ ପ୍ରଶ୍ନଗୁଡ଼ିକ ଢେର ପୂର୍ବରୁ ଲିକ୍ ହୋଇପାରେ । ତଥାପି, ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି (ଏନ୍.ଟି.ଏ.) ର ସୁରକ୍ଷା ଦୃଷ୍ଟିକୋଣ ମୁଖ୍ୟତଃ ଚୂଡ଼ାନ୍ତ ପର୍ଯ୍ୟାୟ ଉପରେ କେନ୍ଦ୍ରୀଭୂତ ହୋଇଛି । ପରିବହନ, ସିସିଟିଭି, ବାୟୋମେଟ୍ରିକ୍ସ ଏବଂ ପୋଲିସ ମୁତୟନ ଉପରେ ଏନ୍.ଟି.ଏ. ଅଧିକ ଗୁରୁତ୍ୱ ଦେଉଛି । କିନ୍ତୁ ଏହି ପଦକ୍ଷେପଗୁଡ଼ିକ ପ୍ରଶ୍ନପତ୍ର ପ୍ରସ୍ତୁତି, ମଡେରେସନ୍, ଅନୁବାଦ, ଡିଜିଟାଲ୍ ସିଷ୍ଟମ୍ କିମ୍ବା ଆଭ୍ୟନ୍ତରୀଣ ନେଟୱାର୍କରୁ ଉତ୍ପନ୍ନ ଲିକ୍ କୁ ରୋକିପାରିବ ନାହିଁ । ଯଦି ମୁଦ୍ରଣ ପୂର୍ବରୁ ପ୍ରଶ୍ନଗୁଡ଼ିକ ସାମ୍ନାକୁ ଆସିଯାଏ, ତେବେ କେବଳ ମୁଦ୍ରିତ କାଗଜକୁ ସୁରକ୍ଷିତ ରଖିବା ଅର୍ଥ ହେଉଛି ପ୍ରକ୍ରିୟାର ଭୁଲ୍ ଦିଗକୁ ସୁରକ୍ଷିତ କରିବା । ବର୍ତ୍ତମାନ ଏନ୍.ଟି.ଏ. ଯେଉଁ ତରବରିଆ ବା ପ୍ୟାନିକ୍-ମୋଡ୍ ସଂସ୍କାର ଆଣୁଛି, ତାହା ପ୍ରକୃତରେ ସମସ୍ୟାର ସମାଧାନ କରିବ ନା ନୂତନ ବିପଦ ସୃଷ୍ଟି କରିବ, ତାହା ଏକ ବଡ଼ ପ୍ରଶ୍ନ । ଦେଶର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହିତ ଜଡିତ ଏହି ପ୍ରସଙ୍ଗରେ କେବଳ ଉପରଠାଉରିଆ ପଦକ୍ଷେପ ଯଥେଷ୍ଟ ନୁହେଁ, ବରଂ ଏକ ଗଭୀର ଆନୁଷ୍ଠାନିକ ପରିବର୍ତ୍ତନର ଆବଶ୍ୟକତା ରହିଛି। ପ୍ରାୟ ୨୪ ଲକ୍ଷ ପରୀକ୍ଷାର୍ଥୀଙ୍କ ସ୍ୱପ୍ନ ସହିତ ଖେଳୁଥିବା ଏହି ସମସ୍ୟାର ମୂଳୋତ୍ପାଟନ ପାଇଁ ତଥ୍ୟଭିତ୍ତିକ ଏବଂ ବୈଜ୍ଞାନିକ ଦୃଷ୍ଟିକୋଣ ନିତାନ୍ତ ଜରୁରୀ।

ନିଟ୍-୨୦୨୪ ଏବଂ ନିଟ୍-୨୦୨୬ ର ଅଭିଜ୍ଞତା ଏହି ପାର୍ଥକ୍ୟକୁ ସ୍ପଷ୍ଟ ଭାବରେ ଦର୍ଶାଉଛି। ୨୦୨୪ ମସିହାରେ ଇ-ରିକ୍ସା ଦ୍ୱାରା ପ୍ରଶ୍ନପତ୍ର ପରିବହନ କରାଯାଉଥିବାର ରିପୋର୍ଟ ଆସିଥିଲା, ଯାହା ନିଜେ ପ୍ରଶ୍ନପତ୍ର ଲିକ୍ ର ପ୍ରମାଣ ନୁହେଁ । କିନ୍ତୁ ନିଟ୍-୨୦୨୬ ରେ ମୁଦ୍ରିତ କାଗଜପତ୍ର ବାଟରେ ଅଟକାଯିବାର କୌଣସି ପ୍ରମାଣ ନଥିଲା । ଏହା ପରିବର୍ତ୍ତେ, ଏକ 'ଗାଇଡେଡ୍ ବୁକ୍' ବା ପ୍ରଶ୍ନୋତ୍ତର ପୁସ୍ତିକାର ପ୍ରଚାର ଏକ ପ୍ରାରମ୍ଭିକ ଆପୋଷ ବୁଝାମଣାକୁ ସୂଚାଇଥିଲା, ଯେଉଁଥିରେ ପ୍ରଶ୍ନ ପ୍ରସ୍ତୁତି, ଅନୁବାଦ କିମ୍ବା ଆଭ୍ୟନ୍ତରୀଣ କର୍ମଚାରୀ ସାମିଲ ଥିଲେ । ପ୍ରଶ୍ନପତ୍ରକୁ ଏୟାରଲିଫ୍ଟ କରିବା କିମ୍ବା ଶାରୀରିକ ସୁରକ୍ଷା ବଢ଼ାଇବା ଦ୍ୱାରା ମୁଦ୍ରଣ ପୂର୍ବରୁ ହେଉଥିବା ଲିକ୍ କୁ ରୋକାଯାଇପାରିବ ନାହିଁ । ପ୍ରକୃତ ଦୁର୍ବଳତା ଉପର ସ୍ତରରେ ରହିଛି । ଏନ୍.ଟି.ଏ. ର ଅତ୍ୟନ୍ତ ଗୋପନୀୟ 'ୱାର୍ ରୁମ୍' ରେ ଏଆଇ-ସକ୍ଷମ ସିସିଟିଭି, ଯାଞ୍ଚ ଏବଂ ନିୟନ୍ତ୍ରିତ ପ୍ରବେଶ ଓ ପ୍ରସ୍ଥାନ ବ୍ୟବସ୍ଥା ରହିଥିବା କୁହାଯାଉଛି । ତଥାପି, ଯଦି ପ୍ରଶ୍ନ ପ୍ରସ୍ତୁତକର୍ତ୍ତା, ମଡେରେଟର କିମ୍ବା ଅନୁବାଦକମାନେ ଅନଧିକୃତ ସାମଗ୍ରୀ ଭିତରକୁ କିମ୍ବା ବାହାରକୁ ନେଇପାରିବେ, ତେବେ ଏଭଳି ପଦକ୍ଷେପର ମୂଲ୍ୟ ବହୁତ କମ୍ । ନିଟ୍-୨୦୨୬ ଏବଂ ୟୁଜିସି-ନେଟ୍ ୨୦୨୬ ରେ ପ୍ରକାଶିତ ପ୍ରଶ୍ନଗୁଡ଼ିକରେ ବିରାମ ଚିହ୍ନ ସମେତ ଆଶ୍ଚର୍ଯ୍ୟଜନକ ସମାନତା, ଆଭ୍ୟନ୍ତରୀଣ ନିୟନ୍ତ୍ରଣ ଉପରେ ଗମ୍ଭୀର ପ୍ରଶ୍ନ ସୃଷ୍ଟି କରେ । ଯଦି ବିସ୍ତୃତ ନିରୀକ୍ଷଣ ବ୍ୟବସ୍ଥା ପ୍ରଶ୍ନର ଗୋପନୀୟତା ଭଙ୍ଗକୁ ରୋକିପାରିବ ନାହିଁ, ତେବେ ସମସ୍ୟା ଜ୍ଞାନକୌଶଳର ଅଭାବ ନୁହେଁ ବରଂ ଆନୁଷ୍ଠାନିକ ନିୟନ୍ତ୍ରଣର ବିଫଳତା ଅଟେ । ଏହା ପ୍ରମାଣିତ କରେ ଯେ ଯେତେବେଳେ ମଣିଷର ହସ୍ତକ୍ଷେପ ଏବଂ ଦୁର୍ନୀତିଗ୍ରସ୍ତ ମାନସିକତା ବ୍ୟବସ୍ଥାକୁ ନିୟନ୍ତ୍ରଣ କରେ, ସେତେବେଳେ କୌଣସି ଉନ୍ନତ ଜ୍ଞାନକୌଶଳ ସମ୍ପୂର୍ଣ୍ଣ ସୁରକ୍ଷା ଦେଇପାରିବ ନାହିଁ ।

ଏହାର ପ୍ରତିକ୍ରିୟାରେ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ନିକଟରେ ପ୍ରଶ୍ନ ପ୍ରସ୍ତୁତି ଏବଂ ମଡେରେସନ୍ ପାଇଁ ଏକ ଚାରି-ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଆରମ୍ଭ କରିବାକୁ ଘୋଷଣା କରିଛନ୍ତି, ଯାହା ମୁଖ୍ୟତଃ ଅର୍ଥଗତ ଏବଂ ବାକ୍ୟଗତ ଭାବରେ ଭୁଲ୍ ପ୍ରଶ୍ନଗୁଡ଼ିକୁ ରୋକିବା ପାଇଁ ଉଦ୍ଦିଷ୍ଟ । ଏହା ସହିତ ସିଆଇଏସଏଫ୍ (CISF) ଦ୍ୱାରା ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ମଧ୍ୟ ଯୋଜନା କରାଯାଇଛି । ତଥାପି, ପ୍ରତ୍ୟେକ ଅତିରିକ୍ତ ସ୍ତରର ଅର୍ଥ ହେଉଛି ଅଧିକ ଲୋକଙ୍କ ସମ୍ପୃକ୍ତି ଏବଂ ଲିକ୍ ହେବାର ଅଧିକ ସମ୍ଭାବନା । ମୌଳିକ ସୁରକ୍ଷା ନୀତି ହେଉଛି ଏହାର ବିପରୀତ, ଅର୍ଥାତ୍ ପ୍ରବେଶାଧିକାରକୁ ସୀମିତ କରିବା, ଯେଉଁଠାରେ ବହୁତ କମ୍ ଲୋକ ସମ୍ପୂର୍ଣ୍ଣ ପ୍ରଶ୍ନପତ୍ର ଦେଖିପାରିବେ। ତେଣୁ, ଯଦି ପ୍ରବେଶାଧିକାରକୁ କଠୋର ଭାବରେ ବିଭାଜନ କରା ନ ଯାଏ, ତେବେ ଅଧିକ ସ୍ତର ପ୍ରତିକୂଳ ଫଳାଫଳ ଦେଇପାରେ । ସରକାରୀ ତଥ୍ୟ ଅନୁଯାୟୀ, ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଗଠିତ ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ଡକ୍ଟର କେ. ରାଧାକୃଷ୍ଣନ୍ କମିଟି ମଧ୍ୟ ପରୀକ୍ଷା ପ୍ରକ୍ରିୟାରେ ମାନବୀୟ ହସ୍ତକ୍ଷେପ କମ୍ କରିବା, ଡିଜିଟାଲ୍ ସୁରକ୍ଷା ବଢ଼ାଇବା ଏବଂ କମ୍ପ୍ୟୁଟର ଭିତ୍ତିକ ପରୀକ୍ଷା (CBT) ଆଡକୁ ଅଗ୍ରସର ହେବା ଉପରେ ଗୁରୁତ୍ୱାରୋପ କରିଛି । ଏହି କମିଟି ୧୦୧ ଟି ସୁପାରିଶ ପ୍ରଦାନ କରିଛି ଯେଉଁଥିରେ ସୁରକ୍ଷିତ ଡିଜିଟାଲ୍ ନେଟୱାର୍କ ମାଧ୍ୟମରେ ପରୀକ୍ଷା ପରିଚାଳନା କରିବାକୁ କୁହାଯାଇଛି । କିନ୍ତୁ ବାସ୍ତବ କ୍ଷେତ୍ରରେ କେବଳ ପ୍ରଶାସନିକ ସ୍ତର ବଢ଼ାଇବା ଦ୍ୱାରା ସୁରକ୍ଷା ବଢ଼ିବ ବୋଲି ଭାବିବା ଏକ ଭ୍ରମ ମାତ୍ର । ଅଧିକ ଲୋକ ସାମିଲ ହେବା ଅର୍ଥ ଅଧିକ ଦୁର୍ବଳ ବିନ୍ଦୁ ସୃଷ୍ଟି ହେବା, ଯାହାକୁ କୋଚିଂ ମାଫିଆମାନେ ସହଜରେ କିଣିପାରିବେ ।

ଏନ୍.ଟି.ଏ. ମଧ୍ୟ ୬୦୦ ବିଶେଷଜ୍ଞଙ୍କୁ ହଟାଇବା ବିଷୟରେ ଘୋଷଣା କରିଛି, କିନ୍ତୁ ସେମାନଙ୍କର ଅନୁପାତ, ହଟାଇବାର କାରଣ, କିମ୍ବା ସେମାନେ ଲିକ୍ ସହିତ ଜଡିତ ଥିଲେ କି ନାହିଁ, ବାରମ୍ବାର ନିଯୁକ୍ତ ହୋଇଥିଲେ କିମ୍ବା ଅନୁପଯୁକ୍ତ ବୋଲି ଜଣାପଡିଥିଲେ ସେ ବିଷୟରେ କୌଣସି ଖୁଲାସା କରିନାହିଁ । ଏହି ପଦକ୍ଷେପ ଏକ ପ୍ୟାନିକ୍-ମୋଡ୍ ପ୍ରତିକ୍ରିୟା ଭଳି ମନେହେଉଛି। ବଡ଼ ପ୍ରଶ୍ନ ହେଉଛି, ପ୍ରଥମେ ସେମାନଙ୍କୁ କାହିଁକି ନିଯୁକ୍ତ କରାଯାଇଥିଲା ? କୋଚିଂ ସେଣ୍ଟର ସହିତ ଜଡିତ ଥିବା ବିଶେଷଜ୍ଞମାନେ, ବିଶେଷକରି ସେମାନେ ଏନ୍.ଟି.ଏ. ପାଇଁ ପ୍ରସ୍ତୁତ କରୁଥିବା ବିଷୟ ଏବଂ ପ୍ରଶ୍ନଗୁଡ଼ିକରେ, ଦୃଢ଼ ଦୁର୍ବଳତା ସୃଷ୍ଟି କରନ୍ତି । ମୌଳିକ ପ୍ରଶାସନିକ ବ୍ୟବସ୍ଥା ଦାବି କରେ ଯେ କଠୋର ଯାଞ୍ଚ, କୌଣସି ବାରମ୍ବାର ନିଯୁକ୍ତି ନହେବା, ସ୍ୱାର୍ଥର ସଂଘାତ ପ୍ରକାଶ କରିବା ଏବଂ ବ୍ୟାବସାୟିକ ସ୍ୱାର୍ଥ ବିରୋଧରେ ସୁରକ୍ଷା ବ୍ୟବସ୍ଥା ରହିବା ଉଚିତ୍ । ଏନ୍.ଟି.ଏ. କୁ ସ୍ପଷ୍ଟ କରିବାକୁ ପଡିବ ଯେ ଏହାର ନିଜସ୍ୱ ସୁରକ୍ଷା ବ୍ୟବସ୍ଥା କିପରି ବିଫଳ ହେଲା ଏବଂ ଗମ୍ଭୀର ଉଲ୍ଲଂଘନ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ୍ କି ନାହିଁ । କେବଳ ଲୋକଙ୍କୁ ବାହାର କରିଦେଲେ ସମସ୍ୟାର ସମାଧାନ ହେବ ନାହିଁ, ବରଂ ସେହି ବ୍ୟବସ୍ଥାକୁ ସୁଧାରିବାକୁ ପଡିବ ଯେଉଁଥିରେ ଅଯୋଗ୍ୟ କିମ୍ବା ଦୁର୍ନୀତିଗ୍ରସ୍ତ ଲୋକମାନେ ପ୍ରବେଶ କରିପାରୁଛନ୍ତି । ଏହା ସହିତ ଏନ୍.ଟି.ଏ. ପ୍ରଶ୍ନ ପ୍ରସ୍ତୁତି, ଯାଞ୍ଚ, ଅନୁବାଦ, ମଡେରେସନ୍ ଏବଂ ଉତ୍ତର-କି ଯାଞ୍ଚ ପାଇଁ ବିଷୟ ବିଶେଷଜ୍ଞଙ୍କ ଏକ ନୂତନ ପୁଲ୍ ରେ ଯୋଗଦେବାକୁ ଶିକ୍ଷାବିତ୍ ଏବଂ ଗବେଷକମାନଙ୍କୁ ଆମନ୍ତ୍ରଣ କରିଛି । କିନ୍ତୁ ବାରମ୍ବାର ବିଫଳତା ଏବଂ କିଛି ଲୋକଙ୍କ ଅସଦାଚରଣ ଅନୁଷ୍ଠାନର ବିଶ୍ୱସନୀୟତାକୁ କ୍ଷୁର୍ଣ୍ଣ କରିବା ପରେ, କୌଣସି ପ୍ରକୃତ ବିଶିଷ୍ଟ ବିଶେଷଜ୍ଞ ଏନ୍.ଟି.ଏ. ସହିତ ଜଡିତ ହେବାକୁ ଏବଂ ନିଜର ସୁନାମକୁ ବିପଦରେ ପକାଇବାକୁ ଚାହିଁବେ କି ? ପ୍ରକୃତ ବିଶେଷଜ୍ଞମାନଙ୍କୁ ଆବେଦନ-ଭିତ୍ତିକ ପ୍ରକ୍ରିୟା ମାଧ୍ୟମରେ ନିଯୁକ୍ତ କରିବା ପରିବର୍ତ୍ତେ, ସେମାନଙ୍କୁ ଚିହ୍ନଟ କରି ସମ୍ମାନର ସହିତ ନିଯୁକ୍ତ କରାଯିବା ଉଚିତ୍ । ଏକ ଦୁର୍ବଳ ସଂସ୍ଥା ନିଜର ସମ୍ମାନ ଫେରାଇ ଆଣିବା ପାଇଁ ପ୍ରଥମେ ସ୍ୱଚ୍ଛତା ଏବଂ ନିରପେକ୍ଷତାର ପ୍ରମାଣ ଦେବା ଆବଶ୍ୟକ ।

ଏଗୁଡ଼ିକ କେବଳ ଦୃଶ୍ୟମାନ ଦୁର୍ବଳତା । ଗଭୀର ଆହ୍ୱାନ ହେଉଛି କୋଚିଂ ସେଣ୍ଟର, ମଧ୍ୟସ୍ଥ, ଆଭ୍ୟନ୍ତରୀଣ କର୍ମଚାରୀ ଏବଂ ବ୍ୟାବସାୟିକ ନେଟୱାର୍କ ମାଧ୍ୟମରେ ତଥ୍ୟ କିପରି ଯାତ୍ରା କରେ ତାହା ବୁଝିବା । କେବଳ ଲିକ୍ ହେବା ପରେ ତଦନ୍ତ କରିବା ଲକ୍ଷ୍ୟ ନୁହେଁ, ବରଂ ବିପଦ ଚିହ୍ନଟ, ନିରୀକ୍ଷଣ, ଗୁଇନ୍ଦା, ସାଇବର ସୁରକ୍ଷା ଏବଂ ଉତ୍ତରଦାୟିତ୍ୱ ପାଇଁ ସ୍ପଷ୍ଟ ଦାୟିତ୍ୱ ସହିତ ପ୍ରତିରୋଧ ପାଇଁ ଏକ ଆନୁଷ୍ଠାନିକ ଭିତ୍ତିଭୂମି ନିର୍ମାଣ କରିବା ଆବଶ୍ୟକ । ଉଦାହରଣସ୍ୱରୂପ, ୨୦୨୪ ନିଟ୍ ପରୀକ୍ଷାରେ ବିହାର ଓ ଗୁଜରାଟରେ ହୋଇଥିବା ଅନିୟମିତତା ଏବଂ ପରେ ସିବିଆଇ ତଦନ୍ତ ପ୍ରମାଣିତ କରେ ଯେ ଏହି ନେଟୱାର୍କଗୁଡ଼ିକ କେତେ ସୁସଂଗଠିତ । ବିହାରରେ ପରୀକ୍ଷାର୍ଥୀମାନଙ୍କୁ ଆଗୁଆ ପ୍ରଶ୍ନପତ୍ର ଦିଆଯାଇ ଉତ୍ତର ଘୋଷିବାକୁ କୁହାଯାଇଥିଲା, ଯାହାକି ଏକ ବଡ଼ ଧରଣର ଆର୍ଥିକ କାରବାରକୁ ସୂଚାଉଛି । ଗୁଜରାଟର ଗୋଧ୍ରାରେ ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କୁ ଉତ୍ତର ପୂରଣ କରିବାର ପ୍ରତିଶ୍ରୁତି ଦେଇଥିଲେ । ଏପରିସ୍ଥଳେ, କେବଳ ପରୀକ୍ଷା କେନ୍ଦ୍ରରେ ପୋଲିସ ମୁତୟନ କରିଦେଲେ କିମ୍ବା ସିସିଟିଭି ଲଗାଇଦେଲେ ମୂଳ ସମସ୍ୟାର ସମାଧାନ ହୋଇପାରିବ ନାହିଁ । ଏହି ସଙ୍ଗଠିତ ଅପରାଧକୁ ରୋକିବା ପାଇଁ ଏକ ଦୃଢ଼ ଗୁଇନ୍ଦା ବ୍ୟବସ୍ଥା ଦରକାର ଯାହା ପରୀକ୍ଷା ପୂର୍ବରୁ ହିଁ ଏଭଳି ପ୍ରୟାସକୁ ପଣ୍ଡ କରିପାରିବ । ଆଧୁନିକ ସମୟରେ ସାଇବର ସୁରକ୍ଷା ଏକ ପ୍ରମୁଖ ପ୍ରସଙ୍ଗ ପାଲଟିଛି । ପ୍ରଶ୍ନପତ୍ର ପ୍ରସ୍ତୁତି ଠାରୁ ଆରମ୍ଭ କରି ପରୀକ୍ଷା କେନ୍ଦ୍ରରେ ପହଞ୍ଚିବା ପର୍ଯ୍ୟନ୍ତ ପ୍ରତ୍ୟେକ ଡିଜିଟାଲ୍ ପଦକ୍ଷେପରେ ଏଣ୍ଡ-ଟୁ-ଏଣ୍ଡ ଏନକ୍ରିପସନ୍ ରହିବା ଜରୁରୀ । ସୁପ୍ରିମକୋର୍ଟ ମଧ୍ୟ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରି କେବଳ କାଗଜପତ୍ରରେ ସୁରକ୍ଷା ପ୍ରୋଟୋକଲ୍ ଲାଗୁ କରିବା ଅପେକ୍ଷା ଏନ୍.ଟି.ଏ. ର ଆନୁଷ୍ଠାନିକ ସଂସ୍କାର ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି ।

ଅନ୍ୟଥା, କ୍ରମାଗତ ଭାବରେ ବିସ୍ତାର ହେଉଥିବା ସୁରକ୍ଷା ସ୍ତରଗୁଡ଼ିକ ଦୁର୍ବଳତାକୁ ଦୂର କରିବା ପରିବର୍ତ୍ତେ କେବଳ ସ୍ଥାନାନ୍ତର କରିପାରେ, ଯେଉଁଥିରେ ଅଧିକ ଲୋକ ସାମିଲ ହେବେ ଏବଂ ଲିକ୍ ପାଇଁ ଅଧିକ ସୁଯୋଗ ସୃଷ୍ଟି ହେବ । ଏକ କେନ୍ଦ୍ରୀକୃତ ପରୀକ୍ଷା ବ୍ୟବସ୍ଥାରେ ଗୋଟିଏ ଛୋଟ ତ୍ରୁଟି ସମଗ୍ର ଦେଶର ଛାତ୍ରଛାତ୍ରୀଙ୍କୁ ପ୍ରଭାବିତ କରେ । ତେଣୁ, ଏନ୍.ଟି.ଏ. କୁ ନିଜର ସଂରଚନାତ୍ମକ ଢାଞ୍ଚାରେ ଆମୂଳଚୂଳ ପରିବର୍ତ୍ତନ ଆଣିବାକୁ ପଡିବ । ସରକାରୀ ଏବଂ ବେସରକାରୀ ସଂସ୍ଥା ମଧ୍ୟରେ ଥିବା ସମ୍ପର୍କକୁ ଅଧିକ ସ୍ୱଚ୍ଛ କରିବାକୁ ହେବ । ପରିଶେଷରେ, ଏନ୍.ଟି.ଏ. ର ବିଶ୍ୱସନୀୟତା କେବଳ କାଗଜପତ୍ର କିପରି ସୁରକ୍ଷିତ ଭାବରେ ପରିଚାଳିତ ହେଉଛି ତାହା ଉପରେ ନିର୍ଭର କରିବ ନାହିଁ, ବରଂ ସମ୍ପୂର୍ଣ୍ଣ ପରୀକ୍ଷା ଏବଂ ନାମଲେଖା ପରିବେଶ ତ୍ରୁଟିମୁକ୍ତ, ସ୍ୱଚ୍ଛ, ସ୍ୱାର୍ଥ-ମୁକ୍ତ, ଉଲ୍ଲଂଘନ-ମୁକ୍ତ ଏବଂ ପ୍ରକୃତରେ ମେଧା-ଭିତ୍ତିକ କି ନାହିଁ ତାହା ଉପରେ ନିର୍ଭର କରିବ । ତେଣୁ, 'ପ୍ୟାନିକ୍-ମୋଡ୍' ରେ ନିଆଯାଉଥିବା ପଦକ୍ଷେପଗୁଡ଼ିକ ସାମୟିକ ଆଶ୍ୱସ୍ତି ଦେଇପାରେ, କିନ୍ତୁ ଏକ ସୁଦୃଢ଼ ଏବଂ ଦୀର୍ଘସ୍ଥାୟୀ ବ୍ୟବସ୍ଥା ବିନା ଏହା ନୂଆ ବିପଦକୁ ଆମନ୍ତ୍ରଣ କରିବାର ଯଥେଷ୍ଟ ସମ୍ଭାବନା ରହିଛି । ଏନ୍.ଟି.ଏ. କୁ ଏକ ଦାୟିତ୍ୱବାନ ଏବଂ ସ୍ୱାଧୀନ ସଂସ୍ଥା ଭାବରେ ନିଜର ହୃତ ଗୌରବ ଫେରାଇ ଆଣିବାକୁ ହେଲେ, କେବଳ ଦେଖାଣିଆ ସଂସ୍କାର ନୁହେଁ, ବରଂ ନିଷ୍ଠାପର ଏବଂ ବୈଜ୍ଞାନିକ ପଦ୍ଧତି ଆପଣାଇବାକୁ ପଡିବ । ଯେପର୍ଯ୍ୟନ୍ତ ମୂଳ ସମସ୍ୟାର ସମାଧାନ ନହୋଇଛି, ସେପର୍ଯ୍ୟନ୍ତ କେବଳ ସୁରକ୍ଷା ବଳୟ ବଢ଼ାଇବା ଏକ ନିରର୍ଥକ ପ୍ରୟାସ ହୋଇ ରହିଯିବ।



# ରକ୍ଷାବନ୍ଧନ



**କାଳୀ ଦାସ**



ଭାଇ ଭଉଣୀଙ୍କ ସ୍ନେହର ନିଦର୍ଶନ ହେଲା ରକ୍ଷାବନ୍ଧନ। ସମୟର ସ୍ରୋତରେ ଭାଇ ଭଉଣୀ ନିଜ ନିଜର ସଂସାରର ଦୁଃଖ ସୁଖ ଭିତରେ ବୁଡି ଯାଇଛନ୍ତି। ପରିଚୟ ବଦଳିଯାଇଛି, ଆବଶ୍ୟକତା ମଧ୍ୟ ଅଲଗା ହୋଇଯାଇଛି, ଅନେକ ସମସ୍ୟା ଦେଇ ଗତିକରିଛନ୍ତି। ବୟସର ଚାବୁକ ଖାଇ ମଜବୁତ ହୋଇଛନ୍ତି କିନ୍ତୁ ଭିତରେ କେଉଠି ନା କେଉଠି ସେହି ଶୈଶବ ଲୁଚି ରହିଛି। "ରାକ୍ଷୀ" ଆସିଗଲେ ପୁଣି ମନେପଡେ ସେହିଶୈଶବ, ଯେତେବେଳେ ସେମାନେ ଏକାଠି ବଢିଛନ୍ତି, ଖାଇଛନ୍ତି, ଖେଳିଛନ୍ତି ଝଗଡା ମଧ୍ୟ କରିଛନ୍ତି। ଯେଉଁ ଜୀବନକୁ ସେମାନେ ପଛ ରେ ଛାଡି ଦେଇ ଆଗେଇ ଆସିଛନ୍ତି ରାକ୍ଷୀ ପୂର୍ଣ୍ଣିମା ସେହି ସବୁ ସ୍ମୃତି କୁ ସାଉଣ୍ଟି ନେଇ ରାକ୍ଷୀ ର ରଙ୍ଗୀନ ସୂତାରେ ବାନ୍ଧି ସତେ ଯେମିତି ଭାଇ ଭଉଣୀଙ୍କ ଆଗରେ ଅଜାଡି ଦିଏ ।

ଚତୁର୍ମାସ୍ୟାର ପ୍ରଥମ ମାସ ହେଲା ଶ୍ରାବଣ ମାସ ଏବଂ ଶ୍ରାବଣ ମାସର ପୂର୍ଣ୍ଣିମାକୁ ଆମେ ରାକ୍ଷୀ ପୂର୍ଣ୍ଣିମା ରୂପେ ପାଳନ କରୁ।ଶ୍ରାବଣ ପୂର୍ଣ୍ଣିମା କୁ ଗହ୍ମା ପୂର୍ଣ୍ଣିମା ବୋଲି ମଧ୍ୟ କହିଥାଉ।ଶ୍ରାବଣ ପୂର୍ଣ୍ଣିମା ହେଉଛି ବଳଦେବଙ୍କ ଜନ୍ମଦିନ। ବଳଦେବଙ୍କୁ ହଳଧର ମଧ୍ୟ କୁହାଯାଏ।ଶ୍ରାବଣ ପୂର୍ଣ୍ଣିମାରେ ହଳଲଙ୍ଗଳ କୁ ପୂଜା କରାଯାଏ।ଭଗବାନ ଶ୍ରୀ କୃଷ୍ଣ ଓ ଭଗବାନ ବଳରାମ ଉଭୟେ ଏହି ଅବତାରରେ ଗାଈ ସହିତ ଜଡିତ ଥିଲେ। ବୃନ୍ଦାବନରେ ଭଗବାନ ଶ୍ରୀ କୃଷ୍ଣ ଏବଂ ଭଗବାନ ବଳରାମ ଗାଈ ଚରେଇବାର ଉଲ୍ଲେଖ ରହିଛି ତେଣୁ ବଳରାମଙ୍କ ପ୍ରିୟ ଗାଈ, ବାଛୁରି ଓ ବଳଦକୁ ଏହି ଦିନରେ ପୂଜା କରାଯାଇଥାଏ ପିଠା ଖୁଆ ଯାଇଥାଏ। ଭାରତୀୟ ସଂସ୍କୃତିରେ କୃଷି ଓ ଗାଈ ଉଭୟଙ୍କର ମହତ୍ୱ ରହିଛି।ଜନବସତି କହିଲେ ଆମେ ବୁଝୁ ଗୋଟିଏ ଗାଁ ଯାହାର ଚାରି ପଟେ ଧାନ କ୍ଷେତ, ସକାଳେ ଗାଁ ରୁ ବହୁରିଥିବା ଗାଈ ପଲ ଓ ଗୋଧୂଳି ବେଳା ରେ ଚରି ଫେରି ଆସୁଥିବା ଗାଈ ଦଳ ଏବଂ ତାଙ୍କ ପଛରେ ଲମ୍ବା ବାଡି ଧରି ଓଡଉଥିବା ଗୌଡ଼।ଗାଁର ସେହି ଛବି ଧୀରେ ଧୀରେ ବଦଳି ଯାଉଛି କିନ୍ତୁ ଆମ ସଂସ୍କୃତିରେ ଗାଈ ଓ କୃଷିର ମହତ୍ୱ ସବୁ ଦିନ ରହିଛି ।

ଶ୍ରାବଣ ପୂର୍ଣ୍ଣିମା ଆସିବା ପୂର୍ବ ରୁ ଦୋକାନ ବଜାରରେ ରଙ୍ଗ ବେରଙ୍ଗର ରାକ୍ଷୀ ଦେଖିବା କୁ ମିଳିଥାଏ ।ଦୂରରେ ଥିବା ଭାଇ ପାଇଁ ଭଉଣୀ ମାନେ ବହୁ ଆଗରୁ ରାକ୍ଷୀ କିଣି ପଠାଇଥାନ୍ତି ।ଭଉଣୀ ପଠାଇଥିବା ରାକ୍ଷୀ କୁ ରାକ୍ଷୀ ପୂର୍ଣ୍ଣିମା ଦିନ ଭାଇ ମାନେ ହାତରେ ବାନ୍ଧିଥାନ୍ତି ।

ରାକ୍ଷୀ ବାନ୍ଧିବା ପଛରେ ଭହୁଣୀର ଭାଇ ପାଇଁ ରହି ଥିବା ସ୍ନେହ ଜଣା ପଡେ। ଭଉଣୀ ଭାଇର ରକ୍ଷା ପାଇଁ ଭଗବାନଙ୍କ ପାଖରେ ପ୍ରାର୍ଥନା କରିଥାଏ ତା ସହିତ ଭଉଣୀର ରକ୍ଷା ପାଇଁ ଭାଇ ମଧ୍ୟ ଆଗଭର ହେବ ବୋଲି ବଚନବଦ୍ଧ ହୋଇଥାଏ।

ରାଜପୁତ ରାଣୀ କର୍ଣ୍ଣବତି ୧୫୩୪ ଶତାବ୍ଦୀରେ ମୋଗଲ ସମ୍ରାଟ ହ୍ୟୁମାଉନଙ୍କ ପାଖକୁ ରାକ୍ଷୀ ପଠାଇଥିଲେ ।ରାଣୀ କର୍ଣ୍ଣବତି ଚିତୋରର ରାଜା ରାଣା ସଂଗ୍ରାମ ସିଂଙ୍କ ପତ୍ନୀ ଥିଲେ। ରାଜା ସଂଗ୍ରାମ ସିଂଙ୍କ ମୃତ୍ୟୁ ପରେ ତତ୍କାଳୀନ ଗୁଜରାଟର ଶାସକ ସୁଲତାନ ବାହାଦୁର ସାହା ଚିତୋରକୁ ଆକ୍ରମଣ କରିଥିଲେ। ରାଣୀ କର୍ଣ୍ଣବତି ଜାଣିଥିଲେ ଯେ ବାହାଦୁର ସାହାଙ୍କ ଶକ୍ତି ଆଗରେ ଚିତୋରର ଶକ୍ତି କମ ତେଣୁ ହ୍ୟୁମାଉନଙ୍କ ପାଖକୁ ରାକ୍ଷୀ ପଠାଇ ଜଣେ ଭଉଣୀର ଧର୍ମ ପାଳନ କରିଥିଲେ। ହ୍ୟୁମାଉନ ରାକ୍ଷୀ ପାଇବା ସଙ୍ଗେ ସଙ୍ଗେ ଭଉଣୀର ରାଜ୍ୟକୁ ବଞ୍ଚେଇବା ପାଇଁ ଚିତୋର ଅଭିମୁଖେ ଯାତ୍ରା କରିଥିଲେ କିନ୍ତୁ ହ୍ୟୁମାଉନଙ୍କ ପହଞ୍ଚିବା ଡେରି ହୋଇଯାଇଥିଲା ।ଚିତୋରର ରାଜପୁତ ମାନେ ନିଜର ପ୍ରାଣ ବଳି ଦେଇ ଯୁଦ୍ଧ କରିଥିଲେ ଏବଂ ରାଣୀ କର୍ଣ୍ଣବତି ଜହରବ୍ରତ ପାଳନ କରିସାରିଥିଲେ।

ଏହି ପରମ୍ପରାକୁ ଆଖିରେ ରଖି ଆଜି ମଧ୍ୟ ମହିଳା ମାନେ ରାଜନେତା, ସମାଜ ସେବକ ଓ ଅନ୍ୟ କ୍ଷମତା ଶୀଳ ବ୍ୟକ୍ତି ଯେମିତି ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀଙ୍କ ହାତରେ ରାକ୍ଷୀ ବାନ୍ଧି ଥାନ୍ତି।

ରାକ୍ଷୀ ପର୍ବକୁ ମୁଖ୍ୟତଃ ଜୈନ ଧର୍ମର ଲୋକ ଏବଂ ହିନ୍ଦୁ ଧର୍ମର ଲୋକମାନେ ପାଳନ କରିଥାନ୍ତି। ସହର ବଜାରର ମିଠା ଦୋକାନ, ଫଳ ଦୋକାନ ଗୁଡିକରେ ରାକ୍ଷୀ ପୂର୍ଣ୍ଣିମା ଆସିଗଲେ ଭିଡ ଜମିଯାଏ। ଲୋକମାନେ ମିଠା ଓ ଫଳ ନେଇ ଘର କୁ ଯାଇଥାନ୍ତି । ଭଉଣୀ ମାନେ ଭାଇଙ୍କୁ ମିଠା ଖୁଆଇଥାନ୍ତି ଭାଇ ହାତରେ ରାକ୍ଷୀ ବାନ୍ଧିଥାନ୍ତି ଆଳତିର ଥାଳି ଧରି ଭାଇଙ୍କୁ ଅଳତି ମଧ୍ୟ କରିଥାନ୍ତି।ରାକ୍ଷୀ ଅବସରରେ ଭଉଣୀ ମାନେ ଭାଇଙ୍କୁ ଓ ଭାଇମାନେ ଭଉଣୀଙ୍କୁ ଉପହାର ଦେଇଥାନ୍ତି। ପୁରୀଜଗନ୍ନାଥ ମନ୍ଦିରରେ ମଧ୍ୟ ରାକ୍ଷୀ ପୂର୍ଣ୍ଣିମା ପାଳନ କରାଯାଇଥାଏ।ପାଟରା ବିଶୋଇ ସେବାୟତ, ଭଗବାନ ବଳଭଦ୍ର ଓ ଭଗବାନ ଜଗନ୍ନାଥଙ୍କ ପାଇଁ ପାଟ ରାକ୍ଷୀ ତିଆରି କରିଥାଏ। ଦେବୀ ସୁଭଦ୍ରା ତାଙ୍କର ଦୁଇ ଭାଇ ବଳଭଦ୍ର ଓ ଜଗନ୍ନାଥଙ୍କୁ ଏହି ରାକ୍ଷୀ ବାନ୍ଧିଥାନ୍ତି। ଭଗବାନ ବଳଭଦ୍ରଙ୍କ ପାଇଁ ନୀଳ ଏବଂ ବାଇଗଣି ରଙ୍ଗର ରାକ୍ଷୀ ତିଆରି କରାଯାଇଥାଏ। ଜଗନ୍ନାଥଙ୍କ ପାଇଁ ଲାଲ ଓ ହଳଦିଆ ରଙ୍ଗର ରାକ୍ଷୀ ପ୍ରସ୍ତୁତ କରାଯାଇଥାଏ। ଏହି ଦିନ ଜଗନ୍ନାଥ ଓ ବଳଭଦ୍ରଙ୍କୁ ଗୁଆ ମାଳ ଦିଆଯାଇଥାଏ। ଓଡିଶାରେ ଘରେ ଘରେ ରାକ୍ଷୀ ପୂର୍ଣ୍ଣିମାରେ ମଣ୍ଡା ମିଠା ତିଆରି କରାଯାଇଥାଏ। ଗଞ୍ଜାମ ଜିଲ୍ଲାର ଗାଁ ମାନଙ୍କରେ ବିଭିର୍ନ୍ନ ଖେଳର ପ୍ରତିଯୋଗୀତାର ପରମ୍ପରା ରହିଛି। ଯେଉଁମାନେ ଖେଳର ପ୍ରତିଯୋଗୀତାରେ କୃତକାର୍ଯ୍ୟ ହୋଇଥାନ୍ତି ସେମାନଙ୍କୁ ପୁରସ୍କାର ସହିତ ସମ୍ମାନିତ ମଧ୍ୟ କରାଯାଇଥାଏ।

ଆମ ଜୀବନ ବିଭିର୍ନ୍ନ ସମ୍ପର୍କକୁ ନେଇ ପରିପୂର୍ଣ୍ଣ। ଭାଇ ଭଉଣୀଙ୍କ ସମ୍ପର୍କ ସବୁଠାରୁ ନିଆରା। ଭାଇ ଭଉଣୀ ବନ୍ଧୁ ହୋଇ ଖେଳିଛନ୍ତି, କେତେ ଖରାରେ ସିଝିଛନ୍ତି, କେତେ ବର୍ଷାରେ ଭିଜିଛନ୍ତି,ଶିତରେ ଥରିଛନ୍ତି, ହାତଧରା ଧରି ହୋଇ ବଡ ହୋଇଛନ୍ତି। ଘରର ଚାରି କାନ୍ଥ ଭିତରୁ ମିଶି କରି ବାହାର କୁ ପାଦ ବଢାଇଛନ୍ତି ସଂଘର୍ଷ କରିବାପାଇଁ।ବେଳେ ବେଳେ ହାରି ଛନ୍ତି ବେଳେ ବେଳେ ଜିତିଛନ୍ତି।ସେହି ସ୍ମୃତି ଯାହା ଭୁଲିବାର ନୁହେଁ ତାକୁ ନେଇ ଆସେ ରାକ୍ଷୀ ପୂର୍ଣ୍ଣିମା।

+ବ୍ରହ୍ମପୁର,
ଖୋଡ଼ାସିଙ୍ଗ କଳିଙ୍ଗନଗର
ମୋ: ୭୨୦୫୧୦୦୮୩୯

# ରାକ୍ଷୀପୂର୍ଣ୍ଣିମାର ଈଶ୍ୱରୀୟ ବାର୍ତ୍ତା



**ଆଶୁତୋଷ ନାୟକ**

ଏ ବିଶ୍ୱବ୍ରହ୍ମାଣ୍ଡର ସ୍ୱାମୀ ଈଶ୍ୱରଙ୍କ ସବୁଠାରୁ ଶେଷ ସଂରଚନା ହେଉଛି ମନୁଷ୍ୟ। ଲକ୍ଷ ଲକ୍ଷ ଜୀବଜନ୍ତୁଙ୍କ ମଧ୍ୟରେ ଶେଷ୍ଠଜୀବ ମନୁଷ୍ୟ । ନିଜର ବୃଦ୍ଧି ଓ ବିବେକ ପାଇଁ ଶେଷ୍ଠତ୍ୱର ଆସନ ଅଳକୃତ କରିଛି ମନୁଷ୍ୟ। ଶାସ୍ତ୍ରରେ ଏହା ବର୍ଣ୍ଣନା କରାଯାଇଛି କି କେତେ ଜନ୍ମର ତପସ୍ୟା ଓ ପୁଣ୍ୟ ବଳରେ ଏହି ମନୁଷ୍ୟ ଜନ୍ମ ପ୍ରାପ୍ତି ହୁଏ । ଏହି ମନୁଷ୍ୟ ଜୀବନ ଅତ୍ୟନ୍ତ ଦୃଲଭ । ସେଥିପାଇଁ ମନୁଷ୍ୟ ମଧ୍ୟରେ ସ୍ନେହ, ପ୍ରେମ, ଦୟା, ମାନବିକତା, ପରୋଉପକାରିତା ଭଳି ସୁଗୁଣ ରହିବା ଅତ୍ୟନ୍ତ ଆବଶ୍ୟକ ତାହେଲେ ଯାଇ ଏ ମନୁଷ୍ୟ ଜୀବନ ସାର୍ଥକ ହେବ ।

ବେଦ ଓ ଉପନିଷଦ କହେ ସନାତନ ହିନ୍ଦୁ ଧର୍ମ ସର୍ବପୁରାତନ ଓ ସର୍ବଶ୍ରେଷ୍ଠ । ମହାନ୍ ଦାର୍ଶନିକ ତଥା ମହାପୁରୁଷ ସ୍ୱାମୀ ବିବେକାନନ୍ଦ ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ବସୁଧୈବ କୁଟୁମ୍ବକମ୍ ବାର୍ତ୍ତାକୁ ସାରା ବିଶ୍ୱରେ ପହଞ୍ଚାଇଥିଲେ ଏବଂ ସନାତନ ଧର୍ମର ପ୍ରକୃତ ଉଦ୍ଦେଶ୍ୟ ସରଳ ନିର୍ଭୁଲ ଓ ପ୍ରାଞ୍ଜଳ ଭାବରେ ତାର ବ୍ୟାଖ୍ୟା ଆମେରିକାର ଚିକାଗୋ ସହରରେ ନିଜର ଓଜସ୍ୱିନୀ ବକ୍ତୃତା ଦ୍ୱାରା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଚିକାଗୋର ଧର୍ମ ସମ୍ମିଳନୀରେ ସେ ସନାତନ ହିନ୍ଦୁଧର୍ମକୁ ସଠିକ ଭାବରେ ଉପସ୍ଥାପନ କରିଥିବାରୁ ଆମଦେଶ ଭାରତର ସଂସ୍କୃତି ଓ ପରମ୍ପରାର ମହାନତାର ଗାଥା ସାରା ବିଶ୍ୱ ପାଇଁ ଉଦାହରଣ ସୃଷ୍ଟି କରିଥିଲା। ସତ୍ୟସନାତନ ହିନ୍ଦୁ ଧର୍ମ ଶାସ୍ତ୍ରରେ ଉଲ୍ଲେଖ ରହିଛି ବିଶ୍ୱ ର ଶକ୍ତିଶାଳୀ ରାଷ୍ଟ୍ର ଯେପରି ଆମେରିକା, ରୁଷ, ଜାପାନ, ଇଂଲଣ୍ଡ ମଧ୍ୟ ସନାତନ ହିନ୍ଦୁ ଧର୍ମକୁ ଯଥେଷ୍ଟ ସମ୍ମାନ କରନ୍ତି ଏବଂ ଏହାର ଉପାଦେୟତା ଓ ମହତ୍ତ୍ୱକୁ ବୁଝି ନିଜର ବ୍ୟସ୍ତବହୁଳ ଜୀବନକୁ ସରସ ସୁନ୍ଦର ଏବଂ ଶାନ୍ତିପୂର୍ଣ କରିବା ପାଇଁ ଯଥାସମ୍ଭବ ପ୍ରଚେଷ୍ଟା କରୁଛନ୍ତି । ସେଥିପାଇ କୁହାଯାଇଛି

'ସର୍ବ ପୁରାତନ ଧର୍ମ ସତ୍ୟରେ ସ୍ଥାପିତ,
ସନାତନ ଧର୍ମ ନାମେ ବିଶ୍ୱରେ ବିଦିତ ।
ବେଦରେ ପର୍ଯ୍ୟବେଶିତ ଏହି ଆମ ଧର୍ମ,
ସର୍ବଦା ବିକାଶଶୀଳ ବୈଜ୍ଞାନିକ ଧର୍ମ,
ପୃଥିବୀର ସୃଷ୍ଟି ବେଳୁ ରହିଛି ଏକ ଧର୍ମ
ଏବଂ ସୃଷ୍ଟି ନାଶ ଯାଏ ରହିବ ଏ ଧର୍ମ ।
ବହୁମତ ବହୁପଥ ମିଳିତ ଏଠାରେ,
ସ୍ଥାପିତ ନୁହେଁ ଏ ଧର୍ମ ବ୍ୟକ୍ତି ବିଶେଷରେ।
ବିନାଶ କରିବା ପାଇଁ ଏ ଧର୍ମ ଅସ୍ତିତ୍ୱ,
ବିଧର୍ମୀ ଷଡ଼ଯନ୍ତ୍ରର ରହିଛି ଦୃଷ୍ଟାନ୍ତ,
ସବୁ ଭୟ ପ୍ରଲୋଭନ କରି ପ୍ରତିହତ,
ଆଜିବି ଏ ଧର୍ମ ଅଛି ଦିଗନ୍ତ ବିସ୍ତୃତ ।
ସତ୍ୟ ଓ ଅହିଂସା ମୂଳତତ୍ତ୍ୱ ଏ ଧର୍ମର,
ଦୟା, କ୍ଷମା, ଦାନ, ପରୋପକାର ଚୃରିତ୍ର ହିନ୍ଦୁର ।
ଅହିଂସା ପରମ ଧର୍ମ ମାନିଥାଏ ହିନ୍ଦୁ ।
ଧର୍ମ, ଅହିଂସା ନୀତି ପାଳିଥାଏ ହିନ୍ଦୁ ।
ଭାଗବତ ଗୀତା ହିନ୍ଦୁ ଜୀବନ ଆଦର୍ଶ ।
ତହିଁରେ ରହିଛି ସବୁ ଜ୍ଞାନର ନିଷ୍କର୍ଷ ।
ଋକ, ସାମ, ଯଜୁ ଏବଂ ଅଥର୍ବ ଯେ ବେଦ,
କୋଟି ବ୍ରହ୍ମାଣ୍ଡର ଜ୍ଞାନ ତହିଁ ଲିପିବଦ୍ଧ ।
ଅନେକ ପରମ୍ପରା ଓ ଦର୍ଶନ ନୀତି, ନିୟମ ଆଦର୍ଶର ମେଳ,
ସନାତନ ଧର୍ମ ଏହାଥିବ ଚିରକାଳ।'

ମହାଭାରତ ଯୁଦ୍ଧକ୍ଷେତ୍ରରେ ମୋହବଦ୍ଧ ଅର୍ଜୁନଙ୍କ ଉଦ୍ଦେଶ୍ୟରେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କହିଥିଲେ, ଯେତେବେଳେ ସଂସାରରେ ଧର୍ମର ପରାଭବ ଘଟି ଅଧର୍ମର ଉତଥାନ ହୁଏ, ମୁଁ ସେତେବେଳେ ବିଧର୍ମୀମାନଙ୍କୁ ବିନାଶକରି ଧର୍ମର ସୁରକ୍ଷା ଏବଂ ସାଧୁ ମାନଙ୍କର ପରିତ୍ରାଣ ପାଇଁ ଅବତାର ଗ୍ରହଣ କରେ । ଅତ୍ୟାଚାରୀ ଶାସକମାନେ ଆମ ସଂପ୍ରସାରଣର ହୀନ ମନବୃତ୍ତି ବଶତଃ 'ଧର୍ମ' ଭଳି ଶବ୍ଦକୁ ରାଜନୈତିକ ସ୍ୱାର୍ଥସାଧନରେ ବ୍ୟବହାର କରୁଛନ୍ତି। ଅତ୍ୟାଚାରୀ ଓ ଅଧର୍ମୀ ଆଉରଙ୍ଗଜେବଙ୍କ ଧର୍ମଭୀର୍ଥିକ ରାଜନୀତି ତତ୍କାଳୀନ ହିନ୍ଦୁ ପ୍ରଜାମାନଙ୍କୁ ନିର୍ଯାତନା ଓ ଅତ୍ୟାଚାର ସହିବାକୁ ପଡିଥିଲା । ଏପରିକି ପରବର୍ତ୍ତୀ କାଳରେ ବ୍ରିଟିଶ ଶାସକମାନେ ମଧ୍ୟ ସ୍ୱଧର୍ମର ପ୍ରଚାର ନିମନ୍ତେ ଭାରତୀୟ ଧର୍ମ ଓ ସଂସ୍କୃତି ଉପରେ ଛୁରିକାଘାତ କରିବାକୁ ସବୁ କଳ, ବଳ, କୌଶଳ ଉପଯୋଗ କରିଥିଲେ। ସେ ହୃଦୟ ବିଦାରକ ନିର୍ଯାତନାର କାହାଣୀ ଇତିହାସ ପୃଷ୍ଠାରୁ କେବେ ଲିଭିଯିବ ନାହିଁ।

ରାକ୍ଷୀପୂର୍ଣ୍ଣିମାକୁ ଓଡିଶାରେ ଗହ୍ମାପର୍ବ ବୋଲି କୁହାଯାଏ । ଆମ ହିନ୍ଦୁସନାତନ ସଂସ୍କୃତି ପରମ୍ପରା ବିଶ୍ୱରେ ଅଦ୍ୱିତୀୟ । ବିଶ୍ୱର ଆଉ କୌଣସି ରାଷ୍ଟ୍ରରେ ଏଭଳି ପର୍ବପର୍ବାଣି ପାଳନ କରାଯାଏ ନାହିଁ । ବିଶ୍ୱର ଶକ୍ତିଶାଳୀ ବିକଶିତ ରାଷ୍ଟ୍ର ଯେପରିକି ଆମେରିକା, ରୁଷିଆ, ଜର୍ମାନୀ, ଜାପାନ, ଇଟାଲୀ, ଫ୍ରାନ୍ସ ଇତ୍ୟାଦିର ଅଧିବାସୀ ଆମ ଧର୍ମ, ସଂସ୍କୃତି, ପରମ୍ପରା, ପ୍ରତି ଆକର୍ଷିତ ହୋଇ ନିଜର ପୁଳା ପୁଳା ଟଙ୍କା, ବାଟି ବାଟି ସମ୍ପତ୍ତିକୁ ପରିହାର କରି ହିନ୍ଦୁ ଦେବାଦେବୀଙ୍କ ଶରଣରେ ନିଜକୁ ସମର୍ପି ଦେଉଛନ୍ତି । ଏହାହିଁ ହିନ୍ଦୁ ସନାତନ ଧର୍ମର ମହାନତା ଓ ବିଚିତ୍ରତା। ଏହାକୁ ଅସ୍ୱୀକାର କରିହେବନାହିଁ । ଅନେକ ହିନ୍ଦୁ ସନାତନ ଧର୍ମର ବ୍ୟକ୍ତି ଈଶ୍ୱରବିଶ୍ୱାସୀ ଓ ନିଷ୍ଠାପର । ରଥଯାତ୍ରା, ଦୁର୍ଗାପୂଜା, କାଳୀପୂଜା, ଗଣେଶପୂଜା ଠାରୁ ଆରମ୍ଭ କରି ରାକ୍ଷୀପୂର୍ଣ୍ଣିମା ପ୍ରଯ୍ୟନ୍ତ ପ୍ରତ୍ୟେକ ପର୍ବପର୍ବାଣିର ନିଜର ବୈଶିଷ୍ଟ୍ୟ, ଅଭିପ୍ରାୟ ଏବଂ ପାଳନ କରିବାର ଉପଯୁକ୍ତ ବିଧି ରହିଛି ।

ରାକ୍ଷୀପୂର୍ଣ୍ଣିମା ଯାହାକି ପବିତ୍ର ଶ୍ରାବଣମାସରେ ପାଳନ କରାଯାଏ ତାହାର ଈଶ୍ୱରୀୟ ବାର୍ତ୍ତା ରହିଛି । ଏକବିଂଶ ଶତାବ୍ଦୀର ସ୍ୱାର୍ଥପର ମନୁଷ୍ୟ ସାମାନ୍ୟ କିଛି କାଗଜର ଟଙ୍କା, ସମ୍ପତ୍ତି, ମାନ ମଯ୍ୟାଦା, କ୍ଷମତା, ଅହମିକା ପାଇଁ ସେ ରକ୍ତର ହୋଲି ଖେଳୁଛି, ନିଜର ବନ୍ଧୁପରିଜନ, ଜନ୍ମଦାତା, ଜନ୍ମଦାତ୍ରୀ, ଭ୍ରାତ୍ରା, ଧର୍ମପତ୍ନୀ, ଭଗିନୀଙ୍କୁ ମଧ୍ୟ ହତ୍ୟା କରିବାକୁ ପଛଘୁଞ୍ଚା ଦେଉନାହିଁ । ନିଜକୁ ସର୍ବଶେଷ୍ଠ, ସର୍ବଶକ୍ତିମାନ, ଜ୍ଞାନୀଗୁଣୀ, ବିଦ୍ୱାନ ବୃଦ୍ଧିମାନର ଡିଣ୍ଡିମ ପିଟୁଥିବା କଳିଯୁଗର ମନୁଷ୍ୟ ପାଇଁ ସମ୍ପର୍କର ମୂଲ୍ୟ ଆଜି ତୁଚ୍ଛ ହେଇଯାଇଛି, ସ୍ନେହ, ପ୍ରେମ, ବଳିଦାନ ଦୟା, କ୍ଷମା, ଆବିଳତା, ବିଶ୍ୱାସ, ଶ୍ରଦ୍ଧା ପରି ମହନୀୟ ଗୁଣ ଅନେକ ବ୍ୟକ୍ତିଙ୍କ ପାଖରେ ଏହା ପରିଲକ୍ଷିତ ହେଉନାହିଁ। ଏକବିଂଶ ଶତାବ୍ଦୀର ସ୍ୱାର୍ଥପର ମନୁଷ୍ୟ ପାଇଁ ଅର୍ଥ ସର୍ବସ୍ୱ ହେଇଯାଇଛି । ତା ପାଇଁ ସମ୍ପର୍କ ମୂଲ୍ୟହୀନ ହେଇଯାଇଛି ।


ମହାପ୍ରଭୁ କାଳିଆ ସାଆନ୍ତ ରାକ୍ଷୀପୂର୍ଣ୍ଣିମାରେ ଭାଇଭଉଣୀଙ୍କ ଅନାବିଳ ପ୍ରେମ, ସ୍ନେହ, ବନ୍ଧନ, ଅତୁଟ ବିଶ୍ୱାସ, ଭଲପାଇବାର ପରାକାଷ୍ଠା ସାରାମାନବ ସମାଜଙ୍କୁ ବାର୍ତ୍ତା ପ୍ରଦାନ କରିଛନ୍ତି । ମହାପ୍ରଭୁ ଜଗନ୍ନାଥଙ୍କ ମାନବୀୟ ଲୀଳାରେ ସାରା ବିଶ୍ୱକୁ ଏହି ବାର୍ତ୍ତା ପ୍ରଦାନ କରିଛନ୍ତି । ନିଜର ଅଲିଅଳି ଭଗିନୀ ମାତା ସୁଭଦ୍ରାଙ୍କ ମାନ ରକ୍ଷା କରିବା ପାଇଁ ଅନେକ ଦୁଃଖ କଷ୍ଟ, ବାଧା, ବିଘ୍ନକୁ ପ୍ରତିହତ କରି ମହାପ୍ରଭୁ ଜଗନ୍ନାଥ ତାଙ୍କର ସବୁ ଇଚ୍ଛା ପୂର୍ଣ୍ଣ କରିଛନ୍ତି। ଏହାହିଁ ମହାପ୍ରଭୁ କାଳିଆ ସାଆନ୍ତଙ୍କ ମାନବୀୟ ଲୀଳାର ଅନନ୍ତ ପରାକାଷ୍ଠା । ରାକ୍ଷୀପୂର୍ଣ୍ଣିମାରେ ରାକ୍ଷୀର ମହତ୍ତ୍ୱକୁ ଶବ୍ଦରେ ପ୍ରକାଶ କରିବା ଅସମ୍ଭବ । ଏହି ରାକ୍ଷୀ ସାମାନ୍ୟ ଗୋଟିଏ ସୂତା ନୁହେଁ ଏହା ଭାଇଭଉଣୀଙ୍କ ମଧ୍ୟରେ ଥିବା ଭଲପାଇବା, ଶ୍ରଦ୍ଧା, ଅନାବିଳ ପ୍ରେମ, ଅତୁଟ ବିଶ୍ୱାସର ପ୍ରତୀକ । ଯେତେ ଦୁଃଖ, ଝଡ଼ ଝଞ୍ଜା, ବାଧାବିଘ୍ନ, ସମସ୍ୟା ଆସିଲେ ଭି ନିଜ ଭଉଣୀର ମାନ ରକ୍ଷା କରିବା, ତାଙ୍କୁ ଯେକୌଣସି ବିପଦରୁ ଉଦ୍ଧାର କରିବା ପ୍ରତ୍ୟେକ ଭାଇର ମୁଖ୍ୟ ଲକ୍ଷ୍ୟ ହେବା ଉଚିତ ।

+ ଗୋପାଳପୁର, ବାଲେଶ୍ୱର
ମୋ: ୭୦୨୦୬୧୧୩୦୦




## ସହିଦ ଭାଇଙ୍କୁ ରାକ୍ଷୀ

**ସୁଧାକର ରାଉତ**



ତୁମେ ପରା ଭାଇ କହି ଯାଇଥିଲ
ପୂର୍ଣ୍ଣିମା ପୂର୍ବରୁ ଫେରି
ମୋ ହାତରୁ ରାକ୍ଷୀ ପିନ୍ଧିବ ନିଶ୍ଚୟ
କରିବନି ବୋଲି ଡେରି ।

ମାତ୍ର ଅକାଳରେ ବଜ୍ରପାତ ହେଲା
କି କଲା ଦାରୁଣ ବିହି
ଆତଙ୍କବାଦୀଙ୍କ ବର୍ବର କାଣ୍ଡରେ
ଗଲଟି ସହିଦ୍ ହୋଇ ।

ହୃଦ ବିଦାରକ ସେ ସମ୍ବାଦ ଶୁଣି

ବୋଉର ଅନ୍ତର ବ୍ୟଥା
ଭାଷା ନାହିଁ ମୋ ପାଖରେ କହିବାକୁ
ଘୁରି ଯାଉଛି ମୋ ମଥା ।

ପିତାଙ୍କ ଅକାଳ ବିୟୋଗ ପରେତ
ତୁମେ ଥିଲ ଆମ ସାହା
ମୋର ପ୍ରେରଣାର ଉତ୍ସ ଥିଲ ଏକା
ଦେଖାଉଥିଲ ଟି ରାହା ।

ଆଖିରେ ଆଖିଏ ସ୍ୱପ୍ନ ଥିଲି ଭରି
ତୁମକୁ କରିଣ ଆଶା
ଅବର୍ତ୍ତମାନେ ଝୁରି ଝୁରି ମରୁଛି
ଅନ୍ଧକାର ଦିଶେ ଦିଶା ।

ବୋଉର ଆଖିରୁ ଅଦ୍ୟାବଧି ପରା
ବୋହୁଛି ତତଲା ଲୁହ
ତା ଅନ୍ଧଲଉଡ଼ି ତୁମ ବିନା କୁହ
କେ ବୁଝିବ ତାର କୋହ ।

ବିଧିର ବିଧାନ କେ କରିବ ଆନ
ଧୈର୍ଯ୍ୟ ଏବେ ସାଥି ଆମ
ଅଫେରା ରାଇଜେ ଥାଇ ଦେଖ ବାରେ
ବଞ୍ଚିବୁ ମରିବା ସମ ।

ରଖିଥିଲି ଯେଉଁ ରାକ୍ଷୀଟି ସାଇତି
ବାନ୍ଧିବାକୁ ତୁମ ହାତେ
ସେ ପୁରରେ ଥାଇ ଘେନିବ ତାହାକୁ
ନ ଭାବିଣ ପର ମୋତେ ।


+ପ୍ରତାପ ନଗରୀ, କଟକ
ମୋ:୮୨୪୯୯୩୨୭୯୨

## ରାକ୍ଷୀ

**ଦିନେଶ ମେହେର**

ଦେଖ୍
ହଜାରେ ସମ୍ପର୍କ ମାନେ
ଅକାଳରେ ଝରି
ପଡୁଛନ୍ତି ଏଣେତେଣେ,
ଅଣାୟତ୍ତ ହେଇ ଫିସିଲି ଯାଉଛନ୍ତି
ସମ୍ପର୍କ ଡୋରିରୁ,
କେଇଟା ଫୁଟିବା ଆଗରୁ
ମଉଳି ଯାଉଛନ୍ତି କେଜାଣି...... ?
ତୋର ମୋର ସମ୍ପର୍କ
କେଉଁ ଅଜଣା ଲଗ୍ନରେ ଗଢ଼ି ହେଇଥିଲା
ବୋଧ ହୁଏ
ଲଗ୍ନ, ତିଥି ଜାଣି ପାରିଲିନି ଏଯାଏଁ
ତିଳେ ହେଲେ ଜାଣି ପାରିଲିନି
ଆମ ଅଭାବୀ ସଂସାରର ଡୋର
କେଡ଼େ ମଜଭୁତ ସତରେ.... !
ଯେଉଁଦିନ ମୋର ହେତୁ ପଶିଲା,
ବିକଳ ଅସହାୟତାରେ
ନିଜକୁ ବୁଡ଼େଇ ଆସିଲି
ସେତିକି ବେଳେ ତୋ ହାତ
ମୋ ପାପୁଲିରେ ଛୁଇଁଯାଏ,
ମୋର ଏକାକୀତ୍ୱକୁ ସେଇଠି
ଶେଷ କରିଦିଏ
ସେଇ ପଦିଏ କଥା,
'ଦାଦା, ଏତେ ବ୍ୟସ୍ତ ହ' ନା,
ମୁଁ ଜାଣିଛି, ତୁ ନିଶ୍ଚୟ ପାରିବୁ"
ସେତିକିବେଳେ ଲାଗେ
ମୋର ଅଣନିଃଶ୍ୱାସୀ ଜୀବନରେ
କେହିଜଣେ ପୁଳାଏ ଅମ୍ଳଜାନ ଆଣି ଭରି
ଦେଇଗଲା.... !
ମନେ ଅଛି,
ପ୍ରତିଥର, ତୋର ଦୁଇ
ଗଣ୍ଠିର ଲାଲ୍ ଧାଗା
ଯେବେ ମୋ ହାତକୁ ସ୍ପର୍ଶ କରେ
ସେତେବେଳେ ନାଶି ଦେଇଯାଏ
ମୋ ଭିତରର ଅମଣିଷତ୍ୱକୁ,
ଲିଭେଇ ଦିଏ
ମୋ ଇତିହାସର କଳାଗାର,
ପାପମୁକ୍ତ କରିଦିଏ
ମୋ ସମଗ୍ର ଜୀବନକୁ,
ପୁଣିଥରେ,
ମୁଁ ପାଲଟି ଯାଏ ଜଗନ୍ନାଥ,
କେବଳ ଗୋଟିଏ
ବନ୍ଧନର ଶକ୍ତିରେ....... !

+ଜୁନାଗଡ଼, କଳାହାଣ୍ଡି
ମୋ - ୮୦୧୮୮୨୮୪୫୬







# ଘରଟି କାଗଜ ଫୁଲର କାନଭାସ ପରି ଲାଗୁଥିଲା



## ସୁନନ୍ଦା ମହାନ୍ତି



ବାର୍ଷିକ ଉତ୍ସବ ପାଇଁ ସ୍କୁଲ ଗେଟ ମୁହଁରେ ଠିଆ ହୋଇ ଅତିଥି ଅଭ୍ୟାଗତମାନଙ୍କୁ ସ୍ୱାଗତ କରୁଥିବା ଝିଅମାନେ ଏଇ ବର୍ଷ ବିଦାୟ ନେଇଥିବା ବିଦାୟୀ ଗୁରୁମାଙ୍କୁ ଦେଖି ସ୍ୱାଗତ କରିବା ସହ ନଇଁପଡିଲେ ଗୋଡ଼ ତଳେ। ମଞ୍ଜୁ ଗୁରୁମା କହୁଥିଲେ ଆରେ ପିଲେ ଉଠ ଉଠ ଅନ୍ୟମାନେ ସବୁ ଆସୁଛନ୍ତି ତାଙ୍କୁ ପୁଷ୍ପ ଦେଇ ସ୍ୱାଗତ କର। ମୁଁ ଅଛି ତୁମ କାର୍ଯ୍ୟକ୍ରମ ସରିବା ଯାଏଁ। ବାର୍ଷିକ ଉତ୍ସବ ସରି ତୁମ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖି ଫେରିବି ଭାବିଛି। ବାଳିକା ବିଦ୍ୟାଳୟର ଝିଅମାନେ ପ୍ରକୃତିସ୍ଥ ହେଲେ ଓ କହିଲେ ଗୁରୁମା ଆପଣ ଶିଖେଇଥିବା କାଗଜରେ ଫୁଲ ତିଆରି କୌଶଳ ଆଜି ଆମକୁ ବଞ୍ଚେଇ ଦେଲା। ଫୁଲ ସଂଗ୍ରହ କରୁ କରୁ ନିଅଣ୍ଟ ହେବାରୁ ଆମେ ସବୁ ଝିଅମାନେ ମିଶି ଗଣେଷ ପୂଜା ଓ ସରସ୍ୱତୀ ପୂଜାରେ ଆପଣ ଶିଖେଇଥିବା କାଗଜ ଫୁଲର କୌଶଳ ସହିତ ଆଉ ଟିକେ ବୁଦ୍ଧି ବଳ କୌଶଳ ପ୍ରୟୋଗ କରି କରିଛୁ ଫୁଲର ତୋଡ଼ା। ମଞ୍ଜୁ ଗୁରୁମା ଏଥର ଚାହିଁଲେ ତାଙ୍କ ହାତରେ ଝିଅମାନେ ଧରାଇ ଦେଇଥିବା ଫୁଲତୋଡ଼ାଟିକୁ। ସତେତ ଏ କାଗଜଫୁଲର ତୋଡ଼ାକୁ କିଏ କହିବ ସତ ଫୁଲ ନୁହେଁ ବୋଲି ! ଖୁସି ହୋଇଗଲେ ଛାତ୍ରୀମାନେ। ମଞ୍ଜୁ ଗୁରୁମା ଆଗେଇ ଗଲେ ଷ୍ଟେଜ ଆଡକୁ। ଷ୍ଟେଜ ଉପରେ ଦୁଇଟା ବଡ଼ ବଡ଼ ଫୁଲଦାନୀ ଉପରେ ନଜର ପଡିଲା ଗୁରୁମାଙ୍କର ତ ଚମକି ପଡିଲେ ଗୁରୁମା କାରଣ ସେସବୁ ଫୁଲ ପ୍ରତିବର୍ଷ ଗଣେଷ ପୂଜା, ସରସ୍ୱତୀ ପୂଜା ବେଳେ ଛାତ୍ରୀମାନଙ୍କ ସଙ୍ଗେ ମିଶି ସେ ନିଜେ ହିଁ କାଟିଥିଲେ ସଜେଇବା ପାଇଁ। ପ୍ରକୃତିର ପ୍ରକୃତ ଫୁଲ ସିନା ମାଆ ସରସ୍ୱତୀ କି ପ୍ରଭୁ ଗଣେଷ ପିନ୍ଧିବେ କିନ୍ତୁ ପୂଜା ମଣ୍ଡପ, କରିଡର ଓ ରାସ୍ତାର ଗେଟ ପାଖରୁ ଫାଟକ ପର୍ଯ୍ୟନ୍ତ ସଜେଇବାକୁ ତ କାଗଜଫୁଲର ଚାହିଦା ଖୁବ ବେଶୀ ନା !

ଗୁରୁମାଙ୍କୁ ଷ୍ଟେଜ ଉପରେ ସମ୍ବର୍ଦ୍ଧିତ କଲା ବେଳେ ବର୍ତ୍ତମାନର ବଡ଼ଗୁରୁମା ଯେବେ ପଚାରି ବୁଝୁଥିଲେ ଆପଣଙ୍କ ପାଇଁ ଆମେ ଉପହାର ସ୍ୱରୂପ ଜୀବନ୍ତ ଫୁଲ ଗଛ ଚାରା ରଖିଛୁ। ଦୟା କରି କିଛି ଖରାପ ଭାବିବେ ନାହିଁ। ମୋଟେ ନୁହେଁ କହି ମଞ୍ଜୁ ଗୁରୁମା ଅତିଥି ମାନଙ୍କଠାରୁ ଉତ୍ତରୀୟ ସାଙ୍ଗକୁ ଫୁଲ ଚାରା ଗଛଟିକୁ ଗ୍ରହଣ କରି ଯେତିକି ଖୁସି ହେବା କଥା ତା ଠାରୁ ଅଧିକା ଖୁସି ହୋଇଥିଲେ କାରଣ ଗଛଟି ଥିଲା କାଗେଜି ଫୁଲ ଗଛର ଚାରାଟିଏ। ଯାହାର ପାଖୁଡା ଗୁଡିକ ସାତରଙ୍ଗ ଭରା କାଗଜ ଭଳି। ସେହି ଭଳି ଚାରାଟିଏ ଆଜିଯାଏଁ ଯେତେ ଯୋଉଠୁ କିଣିଲେ କି ସଂଗ୍ରହ କଲେ ମଧ ଚେର ଦେଇ ଲାଗୁନି ବରଂ ମରିଯାଉଛି ତ ଏ ଚରାଟି ନିଶ୍ଚୟ ବଞ୍ଚିବ ଭାବି ଗୁରୁମା ତାଙ୍କ ବକ୍ତବ୍ୟରେ ଛାତ୍ରୀମାନଙ୍କୁ ଫୁଲ ଗଛ ଲଗାଇ ପରିବେଶ ସହ ଦେହ ଓ ମନକୁ ତାଜା ରଖିବାକୁ କହିଥିଲେ। ସବୁ ଝିଅ ମାନେ ଫୁଲ ପରି ହେବା ଉଚିତ। ନିଜର ଅଢେଇ ଦିନ ଜୀବନରେ ଫୁଲ ପରି ନମନୀୟ ଓ କମନୀୟ ହୋଇ ନିଜର ବାସ୍ନାଭରା ସୁଗନ୍ଧରେ ନିଜକୁ, ନିଜର ପରିବାରକୁ ତଥା ସମାଜକୁ ଏକାଠି କରି ରଖିବାରେ ସହାୟକ ହେବା ଉଚିତ ତା ସହିତ ନିଜର ସୁରକ୍ଷା ରକ୍ଷା କରି ସାହାସୀ ଓ ଧର୍ଯ୍ୟବାନ ହେବା ମଧ ଗୋଲାପ ଓ ପଦ୍ମ ପରି ଫୁଲଠୁ ଶିଖିବା ଉଚିତ କହିଲା ବେଳେ ତାଳି ପରେ ତାଳି ବାଜୁଥିଲା। ଫେରିଲା ବେଳେ ଛାତ୍ରୀ ଓ ସହକର୍ମୀମାନେ ବଟେଇ ଦେବାକୁ ଯାଇ ଏମିତି ସ୍କୁଲକୁ ଆସି ଆମମାନଙ୍କ ଭିତରେ ଫୁଲ ପରି ପ୍ରେରଣା ଓ ଉତ୍ସାହ ଭରିଦେଇ ଯିବେ ଗୁରୁମା କହି ସମସ୍ତେ ବିଦାୟ ଦେଲା ବେଳେ ମଞ୍ଜୁ ଗୁରୁମା ସମସ୍ତ ଛାତ୍ରୀମାନଙ୍କୁ ଝିଅ ପରି ଦେଖୁଥିବାରୁ ଝିଅମାନେ କହୁଥିଲେ ଗଣେଷ ପୂଜାକୁ ନିଶ୍ଚୟ ଆସିବେ ଗୁରୁମା। ଆମକୁ ପୁଣି ସେଇ କାଗଜଫୁଲ ତିଆରିର କୌଶଳ ଶିଖାଇ ଦେବେ। ଆପଣ ସ୍କୁଲରୁ ଗଲାପରେ ଆପଣଙ୍କ ପାଠପଢ଼ା ସହିତ ଗୀତ, ଝୋଟି, ଯୋଗ ସହ କାଗଜ ଫୁଲ ତିଆରି କୌଶଳକୁ ଆମେ ଝୁରୁଛୁ। ହଉ ହଉ ଆସିବି ନିଶ୍ଚୟ କହି ମଞ୍ଜୁ ଗୁରୁମା ଘରେ ଆସି ସେହି କାଗଜ ଫୁଲପରି କାଗେଜି ଫୁଲର ଚାରାଟିକୁ ପୋତି ଦେଇଥିଲେ ଯେ ଏବେ ଫୁଲ ଫୁଟି ଲୋଟିଛି ବାଲକୋନିଠୁ କରିଡର ସାରା।

ସେଇ କାଗେଜି ଫୁଲ ଲୋଟିଥିବା କରିଡ଼ରରେ ବସିରହି ଭାବୁଥିଲେ ମଞ୍ଜୁ ଗୁରୁମା। ମଞ୍ଜୁ ମ୍ୟାଡାମ ସେଦିନ ଶେଷ ମୁଣ୍ଡେ ଥିବା ବାଲକୋନିରେ କାଗେଜି ଫୁଲ ଗଛକୁ ପିଠିକରି ବସିଥାଆନ୍ତି ଓ କାଗେଜି ଫୁଲ ଗଛଟିକୁ ବଞ୍ଚେଇ ରଖିବାକୁ ଭାବୁ ଥାଆନ୍ତି।ସେ ନିଜେ ସ୍ରଷ୍ଟା ହୋଇ ତାଙ୍କ ସୃଷ୍ଟିକୁ ହାଣିବାକୁ କି ଉପାଡି ଦେବାକୁ ସେ ଭାବିପାରୁନଥିବା ବେଳେ ସ୍ୱାମୀ କାଗେଜି ଫୁଲ ଗଛ ଯୋଗୁଁ ଏକରେ ଘରର ବାଉଣ୍ଡାରୀ ଫାଟି ଆଁ କଲାଣି, ଦ୍ୱିତୀୟରେ ଏଣିକି ଘର କାନ୍ଥ ଫାଟିବାର ଆଶଙ୍କା ସାଙ୍ଗକୁ ତୃତୀୟରେ ଗଛରୁ ଛୋଟ ଛୋଟ ପୋକ, ଜୋକ ଓ ସଁବାଳୁଆ ଝଡୁଛନ୍ତି ବୋଲି ତିନୋଟି ସଙ୍ଗୀନ ଅଭିଯୋଗ ଭିତରେ ଆଉ ଗୋଟେ ଅଭିଯୋଗ ବାଢି ବସିଥିଲେ। ଏଣିକି ରାତିରେ ଶୁଭୁଥିବା ରାତ୍ରୀଚର ପକ୍ଷୀ ପେଚାର ବୋବାଳି ସେଇ ଗଛ ଡ଼ାଳରେ ବସି ବୋବେଇବା ଆଶଙ୍କା ମଧ ସ୍ୱାମୀଙ୍କ ମନ ଭିତରେ ବଳବତ୍ତର ହେଉଥିଲା ତ ତାଙ୍କୁ ବୁଝେଇବାରେ ଅସମର୍ଥ ମଞ୍ଜୁ ଗୁରୁମା ଭାବୁଥିଲେ ତାଙ୍କ ଚିହ୍ନା ଜଣା ସାହିତ୍ୟିକା କାଗେଜି ମ୍ୟାଡାମ ଲେଖିଥିବା ଗଳ୍ପ ଦୁଇଟି ବିଷୟରେ। ପ୍ରଥମ ଗଳ୍ପଟି ଥିଲା ତାଙ୍କ ନିଜସ୍ୱ ଅନୁଭୂତି। ସବୁଦିନ ଖାଦ୍ୟ ପରଷି ଦେଉଥିବା ବୁଲା କୁକୁରଟି ଦୁଇଟି ଛୁଆଙ୍କର ମାଆ ହେବାପରେ ତାକୁ ପ୍ରତିଦିନ କାଗେଜି ମ୍ୟାଡାମ ଖାଇବାକୁ ଦେଉଥିବା ଖାଦ୍ୟକୁ ବୁଲା କୁକୁରଟି ତାର ଛୁଆ ଖାଆନ୍ତୁ ବୋଲି ଭାବି କିପରି ଖାଦ୍ୟ ନଛୁଇଁ ଶେଷକୁ ଝଡି ଝଡି କଣ୍ଟା ହେଲା ପରେ ପରେ ଜୀବନ ହାରିଦେଲା ସେହି ବିଷୟରେ ଏକ ଅଙ୍ଗେ ଲିଭା କାହାଣୀ ଲେଖିଥିଲେ ଯାହା ଅତ୍ୟନ୍ତ ମର୍ମସ୍ପର୍ଶୀ ଥିଲା। ଆଜି ମଞ୍ଜୁ ଗୁରୁମା ମଧ ନିଜ ପୁରୁଣା ସ୍କୁଲରୁ ଅବସର ନେଲା ପରେ ବାର୍ଷିକ ଉତ୍ସବରେ ନିମନ୍ତ୍ରିତ ହୋଇ ପାଇଥିବା ଏହି କାଗେଜି ଫୁଲ ଗଛଟିକୁ ନିଜ ହାତରେ ପୋତି ତାର ମାଆ ହୋଇଯାଇଛନ୍ତି ସେକଥା ସ୍ୱାମୀଙ୍କୁ ବୁଝେଇପାରି ଭାବୁଥିଲେ ମୌନ ବ୍ରତ ତଥା ଖାଦ୍ୟ ଗ୍ରହଣ ନକରି ଗଛଟି ପାଇଁ ଅନଶନ କରିବେ କି !

ପୁଣି ସେହି କାଗେଜି ମ୍ୟାଡାମଙ୍କ ଦ୍ୱିତୀୟ ଗଳ୍ପଟି ତାଙ୍କୁ ବିଚଳିତ କରେ। ବାର୍ଦ୍ଧକ୍ୟରେ ସ୍ୱାମୀ ହିଁ ସ୍ତ୍ରୀର ସବୁଠୁ ବଡ଼ ବନ୍ଧୁ। ସେତେବେଳେ ପୁଅ ଓ ଝିଅ ଯିଏ ଯାହା ସଂସାରରେ ବ୍ୟସ୍ତ ଥିବେ। ମନେ ରହୁନଥିଲେ କି ଦିଶୁନଥିଲେ କି ଶୁଭୁନଥିଲେ ସେହି ସ୍ୱାମୀ ହିଁ ସ୍ତ୍ରୀର ସାହାରା ଆଉ ସ୍ତ୍ରୀ ହିଁ ସ୍ୱାମୀଙ୍କର ସାହାରା। ଗୋଟେ ମଜାଦାର କୌତୁକପୂର୍ଣ୍ଣ ଗଳ୍ପ ଲେଖିଥିଲେ କାଗେଜି ମ୍ୟାଡାମ ଯେ ଥରେ ଜୈନିକ ବୃଦ୍ଧ ସ୍ୱାମୀ ଶ୍ରାବଣର ଟୋପି ଟୋପି ବର୍ଷାରେ ମୁଢି ପାଗ ଖାଇବାକୁ ମନ କରି ସ୍ତ୍ରୀଙ୍କୁ ଆଣିବାକୁ କହି କହିଥିଲେ ସେଥିରେ ସୋରିଷ ତେଲ ପକେଇବାକୁ ଭୁଲିବନି ଲେଖିନିଅ।ସ୍ତ୍ରୀ କହିଥିଲେ ମନେରହିବ। ସ୍ୱାମୀ ପୁଣି କହିଥିଲେ ଅଳ୍ପ ଛୋଟ ଛୋଟ ପିଆଜ ପକେଇବ ସେଥିରେ। କାଳେ ମନେରହିବ ନାହିଁ ଲେଖିନିଅ ତ ସ୍ତ୍ରୀ କହିଥିଲେ ନାହିଁ ମନେ ରହିବ। ପୁଣି ସ୍ୱାମୀ ସେଥିରେ ଦିଟା କଞ୍ଚାଲଙ୍କା ଛୋଟ ଛୋଟ କାଟି ଓ ଧନିଆଁ ପତ୍ର ଚନ ଚୁନା କରି ପକେଇବ କହି କହିଥିଲେ କାଳେ ଭୁଲିଯିବ ଲେଖିନିଅ। ଏମିତି ସବୁଥର ଲେଖିନିଅ କହିବାରୁ ସ୍ତ୍ରୀ କହିଥିଲେ ଭୁଲିବିନି। ମୁଢିରେ ସୋରିଷ ତେଲ ଗୋଳେଇ, ପିଆଜ, କଞ୍ଚାଲଙ୍କା, ଧନିଆଁ ପତ୍ର ପକେଇ ଆଣିବି ଯାଉଛି। ସ୍ୱାମୀ କିଛି ସମୟ ଅପେକ୍ଷା କଲା ପରେ ସ୍ତ୍ରୀ ଗୋଟିଏ ପ୍ଲେଟରେ କିଛି ସ୍ନାକ୍ସ ନେଇ ଆସି ସ୍ୱାମୀଙ୍କ ଆଗରେ ରଖିଥିଲେ ତ ସ୍ୱାମୀ କହୁଥିଲେ ହେଇ ଭୁଲିଗଲ ନା ! ମୁଁ ତୁମକୁ ପାଉଁରୁଟି ଓ ଜେଲି ଆଣିବାକୁ କହିଥିଲି ନା ତୁମେ ସ୍ନାକ୍ସ ନେଇଆସିଛ ଯେ ? ସେଦିନ କାଗେଜି ମ୍ୟାଡାମ ଗୋଟେ ସାହିତ୍ୟ ଆସରରେ ଏ ଗଳ୍ପଟି ପଢ଼ିସାରି କହିଥିଲେ ଏ ହେଉଛି ଆମ ସମସ୍ତଙ୍କ ଅବସର ପରର ଜୀବନ କାହାଣୀ କିନ୍ତୁ ସେଇଥିରେ ମଧ ଶାନ୍ତି ଅଛି।

ସେଦିନ କାଗେଜି ମ୍ୟାଡାମଙ୍କୁ ଧନ୍ୟ ଧନ୍ୟ କରି ସମସ୍ତେ କହିଥିଲେ ଆପଣଙ୍କ ନାମ ପରି ଆପଣଙ୍କ କାହାଣୀ ଖୁବ ସ୍ୱଚ୍ଛ। ଆଜି ସେଇ କାହାଣୀ କିନ୍ତୁ ମଞ୍ଜୁ ଗୁରୁମାଙ୍କୁ ସ୍ୱାମୀଙ୍କ ବିରୁଦ୍ଧରେ କାଗେଜି ଫୁଲଗଛକୁ ହାଣିବାରୁ ନିବୃତ୍ତ କରିବାକୁ ବାଟ ଦେଖାଇ ପାରୁନଥିଲା ତ କେତେବେଳେ ଶ୍ରାବଣର ବର୍ଷା ଛିଟାରେ ତାଙ୍କ ଶାଢ଼ୀ ଓଦା ହେଉଥିଲା ତାଙ୍କୁ ଜଣା ନଥିଲା। ସ୍ୱାମୀଙ୍କ ଡାକରେ ପ୍ରକୃସ୍ଥିତ ହେଲେ ମଞ୍ଜୁ ଗୁରୁମା। ଦେଖିଲେ ସ୍ୱାମୀଙ୍କ ହାତରେ ପଲିଥିନ ତ ପଲିଥିନ ବ୍ୟବହାର ନିଷିଦ୍ଧ ଥିଲା ବେଳେ ଏ ପଲିଥିନରେ କଣ କହି ଦେଖିଲା ବେଳକୁ କାଗେଜି ଫୁଲର ଚାରାଟିଏ। ପୁରୁଣା ଜାଗାରେ ନୂଆର ଆବିର୍ଭାବ ହେବା ଏକ ସହଜ ସୁଲଭ ପ୍ରକ୍ରିୟା ଓ ପରିବର୍ତ୍ତନକୁ ମଞ୍ଜୁ ଗୁରୁମା ସେଦିନ ସ୍ୱୀକୃତି ଦେବାକୁ ବସିଥିଲା ବେଳେ ଦୁଆରେ କଲିଂ ବେଲ ବାଜୁଥିଲା ଘନ ଘନ ତ ଫିଟାଇ ତାଙ୍କ ପୁରୁଣା ଝିଅ ଛାତ୍ରୀଙ୍କ ବଦଳରେ ନୂଆ ପିଢ଼ି ଛାତ୍ରୀମାନଙ୍କ ହାତରେ ଗଣେଷ ପୂଜା ପାଇଁ ସ୍ୱତନ୍ତ୍ର ନିମନ୍ତ୍ରଣ କାର୍ଡ ଦେଖି ଯେବେ ସୁବିଧା ଥିବ ନିଶ୍ଚୟ ଯିବି ସ୍କୁଲକୁ କହୁଥିଲେ ମଞ୍ଜୁ ଗୁରୁମା ତ ଝିଅମାନେ ଅନୁରୋଧ କରୁଥିଲେ ନଗଲେ ହେବନି ଗୁରୁମା। ଆମ ବଡ଼ଦିଦି ମାନଙ୍କଠାରୁ ଆମେ ଶୁଣିଛୁ ଆପଣ ରଙ୍ଗୀନ ଓ ସାଦା କାଗଜ କାଟି ସୁନ୍ଦର ସୁନ୍ଦର ଡିଜାଇନର କାଗଜଫୁଲ ତିଆରି କରିପାରନ୍ତି। ଆମକୁ ଶିଖେଇ ଦେବେ। ଆରେ ପିଲେ ଆଜିକାଲି କେତେ ପ୍ରକାର ନୂଆ ଡିଜାଇନ ବାହାରିଲାଣି ମୁଁ ପୁରୁଣା ଲୋକ ଓ ମୋ ପାଖେ ସେଇ ପୁରୁଣା କଳ କୌଶଳ ତ ମୋଠୁ କଣ ଶିଖିବ କହୁଥିଲା ବେଳେ ଝିଅମାନେ ବିସ୍କୁଟ ମିକ୍ସର ଖାଇ ଫେରି ପଡୁ ପଡୁ କହୁଥିଲେ। ଓଲ୍ଡ ଇଜ ଗୋଲ୍ଡ ଗୁରୁମା। ମଞ୍ଜୁ ଗୁରୁମା ଗଣେଷ ପୂଜାରେ ଏଥର ନିଶ୍ଚୟ ସ୍କୁଲକୁ ଯିବାକୁ ଭାବିଲା ବେଳେ ସ୍ୱାମୀ ପୁରୁଣା କାଗେଜି ଫୁଲ ଗଛଟିକୁ ଆଉ କାହିଁକି ହାଣିନଥିଲେ ବରଂ ନୂଆ ଗଛଟକୁ ଘରର ଅନ୍ୟପଟେ ଲଗାଇ ଦେଇ କହୁଥିଲେ ଏ ବଡ଼ ଫୁଲ ଗଛଟି ଯୋଗୁଁ ଆମ ଘରଟି ଖୁବ ସୁନ୍ଦର ଦେଖାଯାଉଛି। ସମସ୍ତେ କହୁଛନ୍ତି କାଗେଜି ଫୁଲ ସତେ ଯେମିତି ପୋଟ୍ରେଷ୍ଟ ଭଳି ଘର କାନଭାସରେ ଠିଆ ହେଲା ପରି ଲାଗୁଛି। ସେତେବେଳକୁ ଏବେ ଏବେ ପାଖରେ ଥିବା ନାତୁଣୀଟା କଇଁଚିରେ କାଗଜ ଫୁଲ କାଟି କାନଭାସ ଉପରେ ଥାପି ଚାଲିଥିଲା।

+ ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭

# ଅଫେରା ରାଇଜରେ ଗୀତନଈର ମାଝୀ

## ଅନୁପମା ଭୂୟାଁ



ଶେଷ ହୋଇ ନଥିଲା ଶ୍ରାବଣ, ଥମି ବି ନଥିଲା ପୂବେଇ ପବନ। ସଙ୍ଗୀତ ନାମକ ସାଗରରେ ନିଜ ଡଙ୍ଗା ସଜିଲ କରି, ସରଗମ ଏହରେଇ ଲହରେଇ ଆମକୁ କିମିଆଁ କରିଥିବା ସେହି ମାଝୀ କିନ୍ତୁ ଫେରାର। ସେହି କାତ ଅଛି, ହେଲେ ମାଝୀ କେଉଁ ଅକାତ କାତ ଦରିଆକୁ ଆଦରି ନେଇଛନ୍ତି, ଯେଉଁଠାରୁ କେହି ଫେରନ୍ତିନି। ଏବେ କେବଳ ଅଶ୍ରୁଝରାର ବେଳ। ସେହି ମାଝୀ ପ୍ରଣବ କିଶୋର ପଟ୍ଟନାୟକ। ଏକଦା ନିଦୁଆ ଆଖି ଓ ଅଳସ କଣ୍ଠରେ ଗାଇଥିଲେ - 'ଭଗବାନ ତୁମେ ଭକତ ବାନ୍ଧବ'। ଓଡ଼ିଶା ସଙ୍ଗୀତର ପ୍ରବଣ ସ୍ୱର। ଯେଉଁ ସ୍ୱର ଦଶନ୍ଧି ଦଶନ୍ଧି ଧରି ଓଡ଼ିଆଙ୍କୁ ବାନ୍ଧି ରଖିଥିଲା କିମିଆଁରେ, ଯେଉଁ ସ୍ୱରରେ ଜୀବନ ଥିଲା, ଗଭୀର ଓ ଗମ୍ଭୀର ଆତ୍ମାର ସ୍ୱର ସହ ଯାହା ଅବିକଳ ମିଶି ଯାଉଥିଲା। ସେହି ସ୍ୱରୂ କେବଳ ସେହି ସ୍ୱର ହିଁ ଥିଲା, ଯାହାର ବିକଳ୍ପ ଅସମ୍ଭବ। ସେମିତି ପ୍ରଣମ କେବଳ ହିଁ ଥିଲେ। ନିଜର ଉଦାହରଣ ନିଜେ, ନିଜର ପ୍ରମାଣ ବି ନିଜେ। ଏମିତି ରାତି ସେ ଯେ ଅଭୁଲା ସ୍ମୃତି...., ମାଜିରେ ସେତ ଶ୍ରାବଣ କୁରୁବା ପବନ...,ରେ ଆତ୍ମନ ନିଦ୍ରା ପରିହରି.. ଏହି ଜୀବନଟା ଏକ ନାଟକ। ସବୁଦିନ ପାଇଁ ଏହି ଜୀବନ ନାଟକରେ ଯବନିକା ଟାଣି ଶ୍ରାବଣକୁ ସାଖୀ କରି ସେହି ଶେଷ ଶ୍ରାବଣକୁ ଚାଲିଗଲେ ଅଫେରା ନାଁରେ। ସୀମାହୀନ ଦରିଆ, ସାଥି ହୀନ ଦରିଆକୁ...., ଆଜି ମଳିନ ଇନ୍ଦ୍ରଧନୁର ସପ୍ତରଙ୍ଗ। କାନ୍ଦୁଛନ୍ତି ସାତ ସ୍ୱର। ପଡ଼ିଗଲା ଶେଷ ଅଙ୍କର ଯବନିକା।



ଚାଲିଗଲେ ସ୍ୱରର ଯାଦୁଗର। ନୀରବି ଗଲା ଓଡ଼ିଆ ସଙ୍ଗୀତର ସୁମଧୁର ସ୍ୱର ଚିର ନିଦ୍ରାରେ କାଳଜୟୀ ଗୀତର ଗୁରୁ ଗମ୍ଭୀର କଣ୍ଠସ୍ୱର। ପରଲୋକରେର ପ୍ରବୀଣ ଓଡ଼ିଆ ପ୍ରଛଦପଟ ଗାୟତ ତଥା ସ୍ୱର କିମ୍ବଦନ୍ତୀର ସେ ସନ୍ତକ ପ୍ରଣବ କିଶୋର ପଟ୍ଟନାୟକ। ପିଲାବେଳୁ ବାପାଙ୍କ ଜୀବନ ଚମ୍ପୁ ଓ ଅନ୍ୟ ସଙ୍ଗୀତ ବହି ପଢ଼ିଥିବାବେଳେ ବଡ଼ ଭଉଣୀ ସୁକୃତି ପଟ୍ଟନାୟକ ଓ ଅନ୍ୟମାନେ ଗୀତ ଶିଖୁଥିଲେ। ଘରକୁ ଗୁରୁ ସଂଗୀତ ସୁଧାକର ବାଳକ୍ରିଷ୍ଣ ଦାସ, ସିଂହାରୀ ଶ୍ୟାମସୁନ୍ଦର କର ଓ ବିନୋଦ ବିହାରୀ ଶ୍ରୀଚନ୍ଦନ ପ୍ରମୁଖ ଘରକୁ ଆସୁଥିଲେ।

ଶାସ୍ତ୍ରୀୟ ସଂଗୀତ କ୍ଷେତ୍ରକୁ ଦେଖିଲେ ପ୍ରଣବଙ୍କ ଗୀତ ଥିଲା ପ୍ରାଣବନ୍ତ। ସେ ତାଙ୍କ ସାତ ଦଶକର ସଂଗୀତ ଜୀବନରେ କେବଳ ସିନେମା ନୁହେଁ ରେକର୍ଡ଼ ଓ ରେଡ଼ିଓ ଜରିଆରେ ମଧ ବହୁ ମନଛୁଆଁ ଗୀତ ଶ୍ରୋତାଙ୍କୁ ଉପହାର ଦେଇଛନ୍ତି। ଶାସ୍ତ୍ରୀୟତାର ନୀତି ନିୟମକୁ ମୁକ୍ତ କରି ଓଡ଼ିଆ ସିନେମା ଗୀତକୁ ସାଧାରଣଙ୍କ ପାଖରେ ପହଞ୍ଚାଇବାରେ ମୁକ୍ତ ଛନ୍ଦ ଶରୀରର ଗୀତକୁ ଗାଇବାରେ ଯେଉଁ କେତେଜଣ ଗାୟକଙ୍କର ମୁଖ୍ୟ ଭୂମିକା ରହିଛି ତାଙ୍କ ଭିତରୁ ପ୍ରଣବ ଥିଲେ ଅନ୍ୟତମ। ଜୀବନମୁଖୀ କଥାର ଗୀତ ଉଠିଲେ, ସବୁବେଳେ ତାଙ୍କର ନାଁ ସ୍ମରଣକୁ ଆସିବ ନିଶ୍ଚୟ। ପାଖି ପାଖି ଛଅ ଦଶନ୍ଧିର ଅଧିକ ସମୟ ଧରି ପ୍ରଣବ ପଟ୍ଟନାୟକ ଉଜ୍ଜଳ ତାରକା ହୋଇ ସଂଗୀତ ଆକାଶରେ। ଖାଲି ଝଟକି ନଥିଲେ ବରଂ ଓଡ଼ିଶାର ସଂଗୀତ ଶିଳ୍ପରେ ରାଜୁତି କରିଥିଲେ କହିଲେ ଭୁଲ ହେବନାହିଁ। ପ୍ରଣବଙ୍କ ଗୀତର ପ୍ରତିଟି ଶବ୍ଦ, ପ୍ରତିଟି ଧାଡ଼ି ଅତ୍ୟନ୍ତ ମାର୍ମିକ ଓ ହୃଦୟ ବେଦି। ଯାହାର ଗୁଞ୍ଜରଣ ଚିର ସବୁଜ, ଅମିଳ ସ୍ମୃତି ଭରା।

+ 'ସାଇ ବିଥି' ୭ଡି/୧୩୫୪,
ସେକ୍ଟର-୯, ସିଡିଏ, କଟକ

## ଭାଇ ଭଉଣୀଙ୍କ ସ୍ନେହ ସମ୍ପର୍କ

### ଶୁଭଶ୍ରୀ ଜେନା



ଭାଇ ଭଉଣୀର ସମ୍ପର୍କ
ଏକ ଅମୂଲ୍ୟ ସମ୍ପର୍କ ।

ସେ ତ କୈବଲ୍ୟ ଠାରୁ ପବିତ୍ର,
ବୈଭବଠାରୁ ମହାନ।
ଭଉଣୀର ଭରସା, ଆସ୍ଥା,
ନିର୍ଭୀକତାର ପ୍ରତୀକ
ଭାଇ ତାର ଦମ୍ଭ, ଦାମ୍ଭିକତାର
ଏକ ଆଶୀର୍ବାଦ।

ପାଦେ ପାଦେ ଭାଇର ଆକଟ
ଆଣିଦିଏ ଭଉଣୀ ପାଇଁ
ସୌଭାଗ୍ୟର ଦିନ।

ଭାଇ ତ ଭଉଣୀର ସାହସ
ଭଉଣୀର ସବୁ ଅଝଟପଣର
ମଧୁର କାରଣ।

ସବୁ ସଂକଟର ସମାଧାନ କରେ
ବିପଦେ ଅପଦେ
ଢାଲ ସଜିଥାଏ ଭାଇ।

ଭଉଣୀ ମନରେ ଆଘାତ ପାଇଲେ
ଭାଇର ଆଖିକୁ ଆସେନା ନିଦ।
ରାକ୍ଷୀର ମୂଲ କେ କାହିଁ ବୁଝିବ ?

ସେତ ଭାଇ ଭଉଣୀଙ୍କ
ସ୍ନେହର ଡୋର।
ବରଷର ଏହି ଦିନଟିକୁ
ଚାହିଁ ବସିଥାଏ ଭଉଣୀ ମନ।

ଭାଇ, ସବୁ ସ୍ନେହ ମମତାକୁ
ଢାଳି ଦିଏ ଭଉଣୀ
କୋଳରେ ଆଣି।

ମୋ ଭାଇ ରତନ
ମୋ ଜୀବନ ଧନ
କେ ହୋଇବ ତାର ସରି।

ମନ ଦୁଃଖ ଥିଲେ ବୁଝେ ମନ କଥା
ତୋଳି ଆଣିଦିଏ
ଚାନ୍ଦ, ତାରା।

ତା' ମନ ଗହନେ, ଦୁଃଖକୁ ସାଇତି
ମନେ ମୋର ଅଙ୍କେ
ଇନ୍ଦ୍ରଧନୁର ଛାୟା।

ପାଖେ ଥିଲେ ଭାଇ ଲାଗେ ନାହିଁ ଡର
ଚଲା ପଥେ ବିଛେ ଫୁଲ।
ମୋ ଭାଇର ସ୍ନେହ ଅମୂଲ ମୂଲ
ମହାପ୍ରଭୁ ପାଖେ ଏହି ମିନତୀ
ରଖିଥାନ୍ତୁ ତାକୁ ବଜ୍ର କରି
ଯଶ ମାନ କୀର୍ତ୍ତି ହେଉ ପ୍ରାପତ
ରହିଥିବୁ ସାଥେ ଜନ୍ମ ଜନ୍ମକୁ
ପାରିବେନି କେହି ଅଲଗା କରି।

+ ଜଗତସିଂହପୁର
ମୋ: ୭୩୮୧୪୦୨୫୨୮

## ସମ୍ପର୍କର ସାକ୍ଷୀ

### ସ୍ମିତା. ଜି. ମହାପାତ୍ର



ରେଶମର କେତେ ସୁକ୍ଷ୍ମ ସୂତା ଟିଏ
ଅସୀମ ତାହାର ଶକ୍ତି।

ନିବିଡ଼ ଭାବରେ ବାନ୍ଧି ରଖି ପାରେ
ସମ୍ପର୍କର ମୂକ ସାକ୍ଷୀ।

ମମତା ଡୋରିକୁ କେତେ ସେନେହରେ
ଭାଇର ହାତରେ ବାନ୍ଧେ।

ସୁଖେ ଦୁଃଖେ ଭାଇ ତାହା ସାଥେ ଥିବ
ଏକଥା ମନେ ମନାସେ।

ମାଆ ପରି ସିଏ ଆୟୁଷ ମାଗଇ
ଭାଇ ହଉ ତା ଯଶସ୍ୱୀ।

ଭାଇ ମଧ ଚାହେଁ ଭଉଣୀଟି ଆସି
ସଦନେ ବଢ଼ାଉ ଖୁସି।

ସମୟ ସାଥିରେ ବଦଳେ ମଣିଷ
ରାଖୀ ସିନା ଭେଳି ଭେଳି।

ନାହିଁ ଶ୍ରଦ୍ଧା ଆଜି ଅନ୍ୟ ରୂପ ତାର
ଘରେ ଘରେ କେତେ କଳି।

ଭଉଣୀ ଜାଣିଛି ଭାଇକୁ ତାହାର
ପରିସ୍ଥିତିର ସେ ଦାସ।

ବାନ୍ଧି ଦିଏ ରାଖୀ କେତେ ସରାଗରେ
ନ ରଖି ମନେ ଆକ୍ରୋଶ।

ଭାଇ ହୋଇ କାହ୍ନା ରଖି ଥିଲେ ମାନ
ଦ୍ରୌପଦୀ ଭଉଣୀର।

ରେଶମ ଡୋରକୁ ଭାବନା ଦୁର୍ବଳ
ବନ୍ଧନ ଯୁଗ ଯୁଗର।

+ ବାରିପଦା

## ସୁବଳୟାର ଝୁଲଣ ଯାତ୍ରା

### ଅସୀମା ପ୍ରଧାନ

ଦେଖି ରାଧାକୃଷ୍ଣ ଯୁଗଳ ମୂରତି
କୋଟି ଜନ୍ମ ପୂଣ୍ୟ ଫଳ ମିଳଇ
ସୁବଳୟାର ଝୁଲଣ ଯାତ୍ରା
କୋଟି ଜନ ମାନସକୁ ହରଇ।

ଶ୍ରାବଣ ପଞ୍ଚମୀରୁ ପୂର୍ଣ୍ଣମୀ ଯାଏ
ପାଞ୍ଚ ଦିନ ଧରି ହୁଏ ତ ଯାତ
ଜାକ ଜମକରେ ଲୋକଙ୍କ ମେଳରେ
ବଡ଼ ଦାଣ୍ଡ ଯେ ଗୋପ ପ୍ରତିଭାତ।

ରାଧା କୃଷ୍ଣ ମୂର୍ତ୍ତି ହୁଅନ୍ତି ସ୍ଥାପିତ
ବିମାନ ସବୁଅଛି ସୁସଜ୍ଜିତ
ନାନା ବର୍ଣ୍ଣ ପୁଷ୍ପେ ମଣ୍ଡିତ ହୋଇଣ
ଜନ ମନକୁ କରଇ ଚକିତ।

ସଂକୀର୍ତ୍ତନର କୀର୍ତ୍ତନ ଗାୟନରେ
ବଡ଼ ଦାଣ୍ଡ ତ ଉଛୁଳି ପଡ଼ଇ
ସାନ ଦାଣ୍ଡ ସହିତ ଗଡଭିତର
ଝୁଣା ଧୂପରେ ମହକି ଉଠଇ।

ଲୋକାରଣ୍ୟ ପରା ହୋଇ ଉଠେ
ବୌଦିଆ ପଡାଠୁ ଖଦାଳ ପଡା
ଆଧ୍ୟାତ୍ମିକ ପରିବେଶ ଚାରିଆଡ଼େ
ଶାନ୍ତି ସଂପ୍ରିତି ତ ହୁଅଇ ଲୋଡା।

ପ୍ରୀତି ମମତାର ଦୃଢ ଆକର୍ଷଣ
ସୁବଳୟାର ପ୍ରାଚୀନ ଝୁଲଣ
ଜୀବନ ଜଞ୍ଜାଳ ଜ୍ୱାଳା ଯନ୍ତ୍ରଣାରୁ
ଦୂରେଇଣ ସ୍ୱଚ୍ଛ କରଇ ମନ।

ଝାଞ୍ଜ ମୃଦଙ୍ଗ ସହ କଂଶଳ ବାଦ୍ୟ
ଢୋଲ ଘଣ୍ଟର ଗହ ଗହ ନାଦ
ପୂରି ଉଠଇ ସୁବଳୟା ସହର
ଭୁଲନ୍ତି ସରବେ ବାଦ ବିବାଦ।

ଅବଧୂତ ବଳଦେବ ଆଦି କ୍ଲବ
ପ୍ରସ୍ତୁତ କରନ୍ତି ତ ସୁନ୍ଦର ବିମାନ
ବିମାନରେ ବସାଇ ରାଇ ମୋହନ
ପରିକ୍ରମା କରନ୍ତି ଉସତ ମନା।

ବନ୍ଧୁ ବାନ୍ଧବ ସବୁ ଏକାଠି ହେଇ
ଯାତ୍ରା ଦେଖନ୍ତି ଆନନ୍ଦିତ ହୋଇ
ଦୂର ଦୂରାନ୍ତରୁ କେତେ ଭକ୍ତଗଣ
ଆସନ୍ତି କୃଷ୍ଣ ପ୍ରେମେ ହୋଇ ବାଇ।

ଶହେ ଚାଳିଶ ବର୍ଷର ଏ ଯାତରା
ଅତି ପ୍ରସିଦ୍ଧ ପୁରାତନ ପରା
ଯେତେ ଦିନ ଥିବ ମାନବ ସମାଜ
ଝୁଲଣ ରହିବ ତ ଅପାସୋରା।

ସାମାଜିକ ସାଂସ୍କୃତିକ ଓ ସଂହତି
ସୁରକ୍ଷା ଦିଗରେ ଏହି ଯାତରା
ପ୍ରେମ ପ୍ରୀତି ପ୍ରତ୍ୟୟର ବାର୍ତ୍ତା ଦେଇ
ଅସାମାନ୍ୟ ଆମୋଦ ବୁଣେ ପରା।

+ ବୀରମହାରାଜପୁର, ସୁବର୍ଣ୍ଣପୁର

# ସମ୍ପର୍କର ପର୍ବ ରାକ୍ଷୀ ପୂର୍ଣ୍ଣିମା



ଉମେଶ ଚନ୍ଦ୍ର ପାତ୍ର



ରାକ୍ଷୀ ପୂର୍ଣ୍ଣିମ ବା ଗହ୍ମା ପୂର୍ଣ୍ଣିମା ମୁଖ୍ୟତଃ ଏକ ହିନ୍ଦୁ ପର୍ବ ଯାହା ଭାରତରେ ଓ ଭାରତବାସୀଙ୍କ ଦ୍ୱାରା ପାଳନ କରାଯାଏ । ଏହି ପର୍ବ ଭାଇ ଓ ଭଉଣୀଙ୍କ ମଧ୍ୟରେ ବନ୍ଧୁତ୍ୱକୁ ଦୃଢ଼ କରିଥାଏ । ଏହି ଦିନ ଭଉଣୀ ଭାଇ ହାତରେ ରାକ୍ଷୀ ବାନ୍ଧିଥାଏ ଓ ତାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରାର୍ଥନା କରିଥାଏ, ବଦଳରେ ଭାଇ ତାର ଭଉଣୀକୁ ରକ୍ଷା କରିବାର ସଙ୍କଳ୍ପ ନେଇଥାଏ । ଏହି ପର୍ବ ଶ୍ରାବଣ ମାସର ପୂର୍ଣ୍ଣିମା ଦିନ ପାଳନ କରାଯାଇଥାଏ । ଏହି ଦିନ ଝୁଲଣ ଯାତ୍ରା ଶେଷ ହୋଇଥାଏ । ତେଣୁ ଏହାକୁ ଝୁଲଣ ପୂର୍ଣ୍ଣିମା ମଧ୍ୟ କୁହାଯାଏ । ଶ୍ରାବଣ ମାସ ଶେଷରେ ହଳଧର ବଳରାମଙ୍କ ଜନ୍ମୋତ୍ସବ ପାଳନ ଅବସରରେ ପୂର୍ଣ୍ଣିମା ଦିନ ସମସ୍ତେ ନିଜ ନିଜ ଗୃହରେ ବଳଭଦ୍ରଙ୍କ ପୂଜା କରନ୍ତି । ତାଙ୍କର ଆୟୁଧ ହଳ-ଲଙ୍ଗଳ ସହ ବଳଦଙ୍କୁ ପୂଜା କରାଯାଏ । ତେଣୁ ଏହି ପର୍ବକୁ କୁହାଯାଏ ବଳଦେବ ଜୟନ୍ତୀ । କେତେକ ଅଞ୍ଚଳରେ ଧନୀ-ଦରିଦ୍ର ନିର୍ବିଶେଷରେ ଗ୍ରାମବାସୀମାନେ ଏକାଠ ପୂଜା କରିବାର ବିଧି ଅଛି । ଗାଁର ଶେଷ ମୁଣ୍ଡରେ ଗହ୍ମାବେଦି ନିକଟରେ ବଳଦେବଙ୍କର ଆକୃତି ବିଶିଷ୍ଟ ମାଟିର ବିରାଟ ସ୍ତୁପ ତିଆରି କରି ସେଠାରେ ବଳଦେବ ପୂଜା ଓ ଭୋଗ ଅର୍ପଣ କରାଯାଏ । ଆଉ କେତେକ ଗାଁରେ ଗୋଟିଏ ବଡ଼ ବଳଦ ଆକାରର ମାଟି ସ୍ତୁପ କରି ଭୋଗ ସାରିବା ପରେ ଏକ ଅଣ୍ଡିରା ବାଛୁରୀକୁ ସ୍ତୁପ ଉପରେ ଡିଆଁଇ ଦିଅନ୍ତି । ଏହାକୁ କହନ୍ତି ଗହ୍ମା ଡିଆଁ । ଏହି ଦିନ ଗୋ-ପୂଜା ମଧ୍ୟ କରାଯାଏ । ପ୍ରାଚୀନ ବୈଦିକ ସାହିତ୍ୟରେ ଶ୍ରାବଣ ପୂର୍ଣ୍ଣିମା ତିଥି 'ଉପକର୍ମ' ବା ବେଦାଭ୍ୟାସ ପାଇଁ ଉଦ୍ଦିଷ୍ଟ । ତେବେ ଏହାର ସ୍ମାରକୀ ସ୍ୱରୂପ ସାରା ଭାରତବର୍ଷରେ 'ସଂସ୍କୃତ ଦିବସ' ପାଳନ କରାଯାଉଛି । ପୁରାଣ ଓ ଇତିହାସରେ ରହିଛି ରକ୍ଷାବନ୍ଧନର ଅନେକ ଘଟଣା । ପୁରାଣରେ ଅସୁର ରାଜା ବଳି ଠାରୁ ମୋଗଲ ସମ୍ରାଟ ହୁମାୟୁନଙ୍କ ଯାଏଁ ରକ୍ଷାବନ୍ଧନ ଭଉଣୀର ସମ୍ମାନ ରକ୍ଷା କରିଆସିଛି । ଶ୍ରୀକୃଷ୍ଣ ଅତ୍ୟାଚାରୀ ଶିଶୁପାଳକୁ ବଧ କରିବା ବେଳେ ତାଙ୍କର ଅଙ୍ଗୁଳି କଟିଯାଇଥିଲା । ସେଥିରୁ ରକ୍ତ ବାହାରିବା ଦେଖି ଦ୍ରୌପଦୀ ନିଜ ପିନ୍ଧା ଶାଢ଼ୀ ଚିରି ସେଥିରେ ଗୁଡ଼ାଇ ଦେଇଥିଲେ, ଫଳରେ ରକ୍ତ ବନ୍ଦ ହୋଇଯାଇଥିଲା । ଦ୍ରୌପଦୀଙ୍କ ମଧ୍ୟରେ ଶ୍ରୀକୃଷ୍ଣଙ୍କ ଭଉଣୀର ସ୍ନେହ ପାଇଥିଲେ । ଯେତେବେଳେ କୁରୁସଭାରେ ଦ୍ରୌପଦୀଙ୍କୁ କୌରବମାନେ ବିବସନା କରିବାକୁ ଉଦ୍ୟତ ହେଲେ ସେତେବେଳେ ଶ୍ରୀକୃଷ୍ଣ ବସ୍ତ୍ର ଦାନ କରି ଦ୍ରୌପଦୀଙ୍କ ସମ୍ମାନ ରକ୍ଷା କରିଥିଲେ । ଇତିହାସରେ ମଧ୍ୟ ରହିଛି ରକ୍ଷାବନ୍ଧନ । ଯଦିଓ ଏହାପଛରେ ରହିଛି ରାଜନୈତିକ ଅଭିସନ୍ଧି, ତେବେ ବି ରାକ୍ଷୀ ବାନ୍ଧିଥିବା ଭଉଣୀର ସମ୍ମାନ ରକ୍ଷା ପାଇଁ ଭାଇ ପଛଘୁଞ୍ଚା ଦେଇନାହିଁ । ପ୍ରଥମ ଘଟଣାଟି ହେଲା ଖ୍ରୀଷ୍ଟପୂର୍ବ ୩୦୦ ବର୍ଷ ତଳର । ମାସିଡ଼ୋନିଆର ସମ୍ରାଟ ଆଲେକଜାଣ୍ଡର ଭାରତ ଉପରେ ବିଜୟ ଲାଭ ପାଇଁ ଅଗ୍ରସର ହେଉଥିବାବେଳେ ରାଜା ପୁରୁଙ୍କ ସମ୍ମୁଖୀନ ହୋଇଥିଲେ । ପ୍ରଥମ ଥର ପୁରୁଙ୍କ ଠାରୁ ଆଲେକଜାଣ୍ଡର ପରାସ୍ତ ହେଲେ, ସେତେବେଳେ ଆଲେକଜାଣ୍ଡରଙ୍କ ପତ୍ନୀ ପୁରୁଙ୍କ ନିକଟରୁ ଏକ ରାକ୍ଷୀ ପ୍ରେରଣ କରିଥିଲେ । ପୁରୁ ତାଙ୍କୁ ନିଜର ଭଉଣୀ ଭାବେ ଗ୍ରହଣ କରିଥିଲେ । ଅନ୍ୟ ଘଟଣାଟି ହେଲା ରାଣୀ କର୍ଣ୍ଣାବତୀ ଓ ସମ୍ରାଟ ହୁମାୟୁନଙ୍କୁ ନେଇ । ମଧ୍ୟ ଯୁଗର ରାଜପୁତ ଯୋଦ୍ଧାମାନେ ପରାକ୍ରମୀ ଥିଲେ । ସେମାନେ କୌଣସି ଆକ୍ରମଣକାରୀ ସହ ପ୍ରାଣ ଦେଇ ଲଢୁଥିଲେ । ଏମିତି ଏକ ଯୁଦ୍ଧରେ ଚିତୋରର ରାଣୀ କର୍ଣ୍ଣାବତୀ ସ୍ୱାମୀଙ୍କୁ ହରାଇବାପରେ ଯେତେବେଳେ ଅନୁଭବ କଲେ ଯେ ସୁଲତାନ ବାହାଦୂରଶାହାଙ୍କୁ ପ୍ରତିହତ କରାଯାଇପାରିବ ନାହିଁ । ସେତେବେଳେ ସେ ଉପାୟଟିଏ ଚିନ୍ତାକଲେ । ମୋଗଲ ସମ୍ରାଟ ହୁମାୟୁନଙ୍କ ନିକଟକୁ ଏକ ରାକ୍ଷୀ ପଠେଇ ଦେଲେ । ହୁମାୟୁନ ମଧ୍ୟ ଏହାକୁ ଭଉଣୀର ସ୍ନେହ ମନେ କରି ଚିତୋରର ସୁରକ୍ଷା ପାଇଁ ତୁରନ୍ତ ତାଙ୍କର ସୈନ୍ୟବାହିନୀ ପଠେଇ ଦେଇଥିଲେ । ଏହି ଦିନ ମହାଆଡ଼ମ୍ବରରେ ପାଳିତ ହୁଏ ରକ୍ଷା ବନ୍ଧନ ଉତ୍ସବ । ଭାଇ ହାତରେ ରାଖି ବାନ୍ଧେ ଭଉଣୀ । ଓଡ଼ିଶାରେ କେତେକ ଅଞ୍ଚଳରେ ବ୍ରାହ୍ମଣମାନେ ଯଜମାନଙ୍କୁ ରାକ୍ଷୀ ସହ ପଇତା ପିନ୍ଧାନ୍ତି । ବିପଦରୁ ରକ୍ଷା ପାଇଁ ଅଭିମନ୍ତ୍ରିତ ରାଖି ବାଳକ ଶ୍ରୀକୃଷ୍ଣଙ୍କ ହାତରେ ବାନ୍ଧିଥିଲେ ଗୋପୀମାନେ । ପୁଣି ଇନ୍ଦ୍ରଙ୍କ ହାତରେ ବାନ୍ଧିଥିଲେ ତାଙ୍କ ପତ୍ନୀ । ପ୍ରଭୁ ବଳରାମଙ୍କର ମାୟାବୀ ଅସୁର ସହ ଯୁଦ୍ଧ ବେଳେ ସମସ୍ତେ କାନ୍ଧରେ ପଇତା ପକାଇ ନିଜର ଜୀବନ ରକ୍ଷା କରିଥିବାରୁ ଏହି ଦିନ ବ୍ରାହ୍ମଣମାନେ ଅନ୍ୟ ସମସ୍ତଙ୍କୁ ପଇତା ସହ ରାଖି ପିନ୍ଧାଇବାର ପ୍ରଥା ଚଳିଆସୁଛି । ଶ୍ରାବଣ ପୂର୍ଣ୍ଣିମା ଦିନ ଭଉଣୀ ତାର ଭାଇ ହାତରେ ରାକ୍ଷୀ ବନ୍ଧିବାର ଯେଉଁ ପରମ୍ପରା ବହୁ ପ୍ରାଚୀନ କାଳରୁ ଗଡ଼ି ଆସୁଛି, ତାହା ସର୍ବସୁଖ ଓ ମଙ୍ଗଳ କାମନାର ଏକ ଦୃଢ଼ ସଙ୍କେତ । ପ୍ରକୃତରେ ରକ୍ଷାବନ୍ଧନ ହେଉଛି ଭାଇ ଓ ଭଉଣୀର ପବିତ୍ର ସ୍ନେହ, ଶ୍ରଦ୍ଧା ଓ ପ୍ରେମର ନିଦର୍ଶନ ସ୍ୱରୂପ । ଏଇ ଗହ୍ମାପୂର୍ଣ୍ଣିମା ଦିନ ଭାଇ ହାତରେ ଭଉଣୀ ପବିତ୍ର ରାକ୍ଷୀ ବାନ୍ଧି ଭାଇର ଶୁଭମନାସି ଦୀର୍ଘଦିନ ଓ ସର୍ବ ସଫଳତା କାମନା କରିଥାଏ । ପ୍ରତିବଦଳରେ ଭାଇ ମଧ୍ୟ ଭଉଣୀକୁ ପ୍ରତ୍ୟେକ କ୍ଷେତ୍ରରେ ସହାୟତା ପ୍ରଦାନ ସହ ସର୍ବଦୁଃଖରୁ ରକ୍ଷା କରିବା ନିମିତ୍ତ ବଚନବଦ୍ଧ ରହେ । ଘରର ସମସ୍ତଙ୍କ ମଙ୍ଗଳ ଓ ସୁଖଶାନ୍ତି ପାଇଁ ମଧ୍ୟ ଏହି ପବିତ୍ର ଡୋରିକୁ ଘର ସମ୍ମୁଖ ଦ୍ୱାରରେ ବାନ୍ଧି ଦିଆଯାଏ ।

ବର୍ତ୍ତମାନର ଯୁଗପୁରୁଷୋତ୍ତମ କଲ୍‌କୀ ବିଗ୍ରହ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କୁ ତାଙ୍କ ସାନ ଭଉଣୀ ମଧ୍ୟ ରାକ୍ଷୀ ବାନ୍ଧି ଦେଉଥିଲେ । କଥା ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ତୁମେ ମୋତେ ରାକ୍ଷୀ ବାନ୍ଧିଲ, ମୁଁ ଭାଇ ହିସାବରେ ତୁମକୁ ରକ୍ଷା କରିବି । ଶ୍ରାବଣ ପୂର୍ଣ୍ଣିମା ବା ଗହ୍ମା ପୂର୍ଣ୍ଣିମା ଏକ କୃଷିଭିତ୍ତିକ ପର୍ବ । ଏହି ପବିତ୍ର ଦିନରେ ଭଗବାନ ଶ୍ରୀକୃଷ୍ଣଙ୍କ ବଡ଼ ଭାଇ ପ୍ରଭୁ ବଳରାମ ଜନ୍ମ ନେଇଥିଲେ । ଭାରତ ଏକ କୃଷି ପ୍ରଧାନ ଦେଶ ଏବଂ ଆମ କୃଷକର ଦେବତା ହେଲେ ପ୍ରଭୁ ବଳରାମ । ସେଥିପାଇଁ ସେ ତାଙ୍କ ହସ୍ତରେ କୃଷିର ସଙ୍କେତ ଲଙ୍ଗଳକୁ ଅସ୍ତ୍ରରୂପେ ଧାରଣ କରିଥାନ୍ତି । ପ୍ରତ୍ୟେକ ଓଡ଼ିଆ ପରିବାର ଏହି ପବିତ୍ର ପୂର୍ଣ୍ଣମୀ ଦିନ ସେମାନଙ୍କ ଗୋରୁଗାଈ ମାନଙ୍କୁ ଗାଧୋଇ ଦେଇ ତାଙ୍କ ମସ୍ତକରେ ସିନ୍ଦୁର , ଚନ୍ଦନ ଫୁଲ ଆଦି ଲଗାଇ ବନ୍ଦାପନା କରିବା ସହ ରାକ୍ଷୀ ବନ୍ଧନ କରିଥାନ୍ତି । ଘରେ ଘରେ ସେ ଦିନ ପିଠାପଣା କରି ଖାଆନ୍ତି ଏବଂ ଗୋରୁଙ୍କୁ ମଧ୍ୟ ଖାଇବାକୁ ଦିଅନ୍ତି । ବର୍ଷାକଳୀନ ରାଧାକୃଷ୍ଣଙ୍କ ପବିତ୍ର ଝୁଲଣ ଯାତ୍ରା ଦିନ ଶେଷ କରାଯାଇଥାଏ । ଆମ ଦେଶରେ ଏହି ପବିତ୍ର ପରମ୍ପରାକୁ ଉଦ୍‌ଜୀବିତ କରି ରଖିବା ନିମିତ୍ତ ପ୍ରତିବର୍ଷ ଶ୍ରାବଣ ମାସ ପୂର୍ଣ୍ଣିମା ତିଥିଟିକୁ ପ୍ରତ୍ୟେକ ପରିବାର ଅତି ଶ୍ରଦ୍ଧା ଓ ଆନନ୍ଦ ଉଲ୍ଲାସର ସହିତ ପାଳନ କରି ଆସୁଛନ୍ତି ।

ପ୍ରତିରତ୍ୱିକ ଓ ଅବସରପ୍ରାପ୍ତ ପ୍ରଫେସର,
ହେପାଟୋଲୋଜି, କଟକ,
ମୋ : ୯୪୩୭୦୫୧୯୫୭

# ଶ୍ରୀମନ୍ଦିରରେ ଶ୍ରାବଣ ପୂର୍ଣ୍ଣିମା ଓ ବଳଭଦ୍ର ଜନ୍ମ



ସୁଷମା ପରିଜା

ଶ୍ରୀମନ୍ଦିରରେ ଶ୍ରାବଣ ପୂର୍ଣ୍ଣିମା ବା ଗହ୍ମା ପୂର୍ଣ୍ଣମୀ ଦିନ ବଡ଼ଠାକୁର ପ୍ରଭୁ ଶ୍ରୀ ବଳଭଦ୍ରଙ୍କ ଜନ୍ମ ନୀତି ଅତ୍ୟନ୍ତ ନିଷ୍ଠା ଓ ପାରମ୍ପରିକ ବିଧି ଅନୁଯାୟୀ ପାଳନ କରାଯାଏ ।

ଗହ୍ମା ପୂର୍ଣ୍ଣମୀ ଦିନ ପ୍ରାତଃ କାଳରେ ବିଶେଷ ମଙ୍ଗଳ ଆଳତି ପରେ ଅବକାଶ ନୀତି କାନ୍ତି ହୋଇଥାଏ । ଏହି ଦିନରେ ରତ୍ନବେଦୀରେ ଅଧିଷ୍ଠିତ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଏବଂ ସୁଦର୍ଶନଙ୍କ ସମେତ ଛଅ ବିଗ୍ରହଙ୍କୁ ସ୍ୱର୍ଣ୍ଣ ଅଳଙ୍କାରରେ ସୁସଜ୍ଜିତ ବା ସୁନାବେଶ କରାଯାଏ । ପାଟରା ସେବକମାନଙ୍କ ଦ୍ୱାରା ପ୍ରସ୍ତୁତ ଚାରୋଟି ପାଟ ରାଖୀ ଏବଂ ପାଟ ସୂତା ରେ ଗୁନ୍ଥା ସୁପାରୀ (ଗୁଆ) ମାଳ ପ୍ରଭୁ ଶ୍ରୀ ବଳଭଦ୍ର ଓ ଜଗନ୍ନାଥଙ୍କ ଶ୍ରୀଭୁଜରେ ଲାଗି କରାଯାଏ । ଶ୍ରୀ ଜଗନ୍ନାଥଙ୍କ ପାଇଁ ଦୁଇଟି ଲାଲ୍ ରଙ୍ଗର ରାକ୍ଷୀ ଏବଂ ଶ୍ରୀ ବଳଭଦ୍ରଙ୍କ ପାଇଁ ଦୁଇଟି ଲେଖାଏଁ ବାସନ୍ତୀ ରଙ୍ଗର ରାକ୍ଷୀ ତିଆରି କରାଯାଇଥାଏ । ଏହି ରାକ୍ଷୀ ଏବଂ ସୁପାରିମାଳକୁ ପାଟରା ସେବକମାନେ ଶୋଭାଯାତ୍ରାରେ ଆଣି ଶ୍ରୀମନ୍ଦିର ରେ ପହଞ୍ଚାଇଥାନ୍ତି ।

ଭୋଗମଣ୍ଡପ ନୀତି ଶେଷ ହେବା ପରେ ମହାପ୍ରଭୁଙ୍କ ଜାତ୍ରାଙ୍ଗୀ ମହାସ୍ନାନ ଓ ମଇଲମ ହୋଇ ନୂତନ ବସ୍ତ୍ର ପରିଧାନ କରାଯାଏ । ପ୍ରଭୁ ବଳଭଦ୍ରଙ୍କ ଜନ୍ମ ନିମନ୍ତେ ଗର୍ଭଗୃହରେ ସ୍ୱତନ୍ତ୍ର ଭାବେ 'ଷଷ୍ଠୀ ଦେବୀ ମାର୍କଣ୍ଡେୟ ପୂଜା' ଏବଂ 'ବରୁଣ ପୂଜା' ଅନୁଷ୍ଠିତ ହୁଏ ।

ରୋଷଘରୁ ଅଣାଯାଇଥିବା ସ୍ୱତନ୍ତ୍ର 'ଜାତ୍ରାଙ୍ଗୀ ଭୋଗ' ପୂଜାପଣ୍ଡା ସେବକମାନଙ୍କ ଦ୍ୱାରା ଷୋଡ଼ଶୋପଚାରରେ ମଧ୍ୟାହ୍ନ ଧୂପ ପୂଜା ସମ୍ପନ୍ନ କରାଯାଏ । ମଧ୍ୟାହ୍ନ ଧୂପ ପରେ ଏବଂ ପ୍ରଭୁ ବଳଭଦ୍ରଙ୍କ ଜନ୍ମ ନୀତି ଆରମ୍ଭ ହେବା ପୂର୍ବରୁ 'ମଙ୍ଗଳାର୍ପଣ' ନୀତି ଅନୁଷ୍ଠିତ ହୋଇଥାଏ । ପୂଜାପଣ୍ଡା ସେବକମାନେ ପ୍ରଭୁଙ୍କ ଶ୍ରୀଅଙ୍ଗରେ ମଙ୍ଗଳାର୍ପଣ କରିଥାନ୍ତି । ଏହି ସମୟରେ ବିଶେଷ ମନ୍ତ୍ର ପାଠ କରାଯାଇ ବଡ଼ଠାକୁରଙ୍କ ଆଗାମୀ ଜନ୍ମୋତ୍ସବ ଏବଂ ଜଗତର କଲ୍ୟାଣ ପାଇଁ ଶୁଭ ମନାସି ଆଳତି ଓ ବନ୍ଦାପନା କରାଯାଏ ।

ଏହାପରେ ମହାପ୍ରଭୁଙ୍କ ଆଜ୍ଞାମାଳ ନେଇ ଦେବୀ ସୁଭଦ୍ରା, ଭୂଦେବୀ, ଶ୍ରୀଦେବୀ ଏବଂ ପ୍ରଭୁ ମଦନମୋହନଙ୍କୁ ଦିଆଯାଏ, ଯାହା ପରେ ସେମାନେ ଝୁଲଣ ମଣ୍ଡପକୁ ବିଜେ କରନ୍ତି । ପ୍ରଭୁ ବଳଭଦ୍ରଙ୍କ ଜନ୍ମର ସାକ୍ଷୀ ରହିବା ପାଇଁ ରତ୍ନସିଂହାସନରୁ ପ୍ରଭୁ ସୁଦର୍ଶନଙ୍କୁ ଓହ୍ଲାଇ 'ହରିଡ଼ା ମାଳି' ସ୍ୱର୍ଣ୍ଣ ଅଳଙ୍କାରରେ ସଜ୍ଜିତ ଚୌଦୋଳରେ ବିମାନବଡୁ ସେବକମାନେ ସୁଆର ଶ୍ରୀମନ୍ଦିର ବାହାରେ ଥିବା ପବିତ୍ର ମାର୍କଣ୍ଡେୟ ଆଶ୍ରମ ଓ ପୋଖରୀକୁ ନେଇଯାଆନ୍ତି । ସେଠାରେ ମୃଣ୍ମୟ ମୂର୍ତ୍ତି ନିର୍ମାଣ ଓ ଜୀବନ୍ୟାସ କରାଯାଇ ପ୍ରକୃତ ଜନ୍ମ ଦିନ ବିଧି ପାଳନ କରାଯାଇଥାଏ । ମାର୍କଣ୍ଡେୟ ପୋଖରୀ କୂଳରେ ଥିବା ଚକଡ଼ା ଉପରେ କୁମ୍ଭାର ବିଶୋଇ ସେବକଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ଭିଜା ମାଟିରେ 'ଶୁଦ୍ଧ ସୁଆର' ସେବକମାନେ ପ୍ରଭୁ ବଳଭଦ୍ରଙ୍କର ଏକ ସୁନ୍ଦର ମୃଣ୍ମୟ (ମାଟି) ମୂର୍ତ୍ତି ନିର୍ମାଣ କରନ୍ତି । ପୂଜାପଣ୍ଡା ସେବକ ମନ୍ତ୍ରପାଠ କରି ସେହି ମାଟି ମୂର୍ତ୍ତିରେ ଜୀବନ୍ୟାସ (ପ୍ରାଣ ପ୍ରତିଷ୍ଠା) କରନ୍ତି । ଏହାପରେ ସେଠାରେ ଜନ୍ମ ନୀତି ସମ୍ପୂର୍ଣ୍ଣ ହେବା ପରେ ସେହି ମୃଣ୍ମୟ ମୂର୍ତ୍ତିକୁ ମାର୍କଣ୍ଡେୟ ପୋଖରୀ ଜଳରେ ବିସର୍ଜନ କରାଯାଏ । ଏହାପରେ ପ୍ରଭୁ ସୁଦର୍ଶନ ଅନ୍ୟ ତିନୋଟି ଆଶ୍ରମ (ଅଙ୍ଗିରା, ଭୃଗୁ, ମାର୍କଣ୍ଡେୟ ପରେ ବାକି ଆଶ୍ରମ) ପରିକ୍ରମା କରି ବିଳମ୍ବିତ ରାତିରେ ଶ୍ରୀମନ୍ଦିରକୁ ବାହୁଡ଼ି ଆସନ୍ତି ।

ବଳଭଦ୍ର ହେଉଛନ୍ତି କୃଷିର ଦେବତା ଏବଂ ତାଙ୍କର ମୁଖ୍ୟ ଆୟୁଧ ହେଉଛି 'ହଳ' ଓ 'ମୁଷଳ' । ସେଥିପାଇଁ ଶ୍ରୀମନ୍ଦିର ବାହାରେ ମଧ୍ୟ ଓଡ଼ିଶାର ପୁରପଲ୍ଲୀରେ ପ୍ରଭୁ ବଳଭଦ୍ରଙ୍କ ଜନ୍ମଦିନକୁ କୃଷିର ମଙ୍ଗଳ ପାଇଁ ହଳ ଲଙ୍ଗଳ ପୂଜା କରାଯାଏ ।

ଏହି ଦିନ ଚାଷୀମାନେ ନିଜର ଲଙ୍ଗଳ ଏବଂ ଗୋମାତା (ବଳଦ)ଙ୍କୁ ସ୍ନାନ କରାଇ ସେମାନଙ୍କୁ ଚନ୍ଦନ, ସିନ୍ଦୂର ଓ ଫୁଲରେ ସଜାଇ ପୂଜା କରନ୍ତି ଏବଂ କ୍ଷୀରି ପିଠା ଖାଇବାକୁ ଦିଅନ୍ତି । ନିଜର ଚାଷ ଜମିରେ ଭଲ ଫସଲ ହେବା ଏବଂ ସମଗ୍ର ମାନବ ସମାଜର ମଙ୍ଗଳ ପାଇଁ ବଳଭଦ୍ରଙ୍କ ଉଦ୍ଦେଶ୍ୟରେ ଗହ୍ମା ପିଠା (ଚାଉଳ ଚୂନା ଓ ନଡ଼ିଆରେ ପ୍ରସ୍ତୁତ ପିଠା) ଭୋଗ ଲଗାଯାଏ । ଗୃହସ୍ଥଙ୍କ ପରିବାର ଲୋକେ ଗଳବସ୍ତ୍ର ହୋଇ ଗୋଧନ ମାନଙ୍କୁ ପ୍ରଣିପାତ କରି ପରିବାରର ଶୁଭ ମନାସିଥାନ୍ତି ।

ଶାରଳା ଭବନ,
ପୋଡା ପୋଖରୀ
କଟକ-୪
ମୋ:୯୩୩୭୨୭୨୬୪୭

# ଗହ୍ମା ପୂର୍ଣ୍ଣିମା

ଜ୍ୟୋତ୍ସ୍ନା ମହାପାତ୍ର



ରାକ୍ଷୀ ପୂର୍ଣ୍ଣିମା ବା ଗହ୍ମା ପୂର୍ଣ୍ଣିମା ଆମ ସଂସ୍କୃତିର ଏକ ଗୁରୁତ୍ୱପୂର୍ଣ୍ଣ ପର୍ବ । ସାରା ଦେଶରେ ଏହି ଦିନ ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଥାଏ । ରାକ୍ଷୀ ଭାଇ-ଭଉଣୀଙ୍କ ପବିତ୍ର ସମ୍ପର୍କରେ ସାକ୍ଷୀ । ଶ୍ରାବଣ ମାସ ପୂର୍ଣ୍ଣିମାରେ ପାଳିତ ହୋଇଥାଏ ରକ୍ଷା ବନ୍ଧନ ଉତ୍ସବ । ସାରା ଦେଶରେ ଏହି ଉତ୍ସବକୁ ଅତି ଗୁରୁତ୍ୱପୂର୍ଣ୍ଣ ଉତ୍ସବ ଭାବେ ପାଳନ କରାଯାଇଥାଏ । ଗୁଜୁରାଟ, ମହାରାଷ୍ଟ୍ର, ଗୋଆ, କର୍ଣ୍ଣାଟକ ଆଦି ସ୍ଥାନରେ ଶ୍ରାବଣ ପୂର୍ଣ୍ଣିମା ଦିନରେ ନାରିକେଳ ପୂର୍ଣ୍ଣିମା ପାଳନ କରାଯାଉଥିବାର ନଜିର ରହିଛି । କେତେକ ରାଜ୍ୟରେ ଏହା କାକରି ପୂର୍ଣ୍ଣିମା ନାମରେ ମଧ୍ୟ ପାଳିତ ହୋଇଥାଏ । ଓଡ଼ିଶାର ବ୍ରାହ୍ମଣୀ ଶାସନରେ ଏହି ଦିନରେ ଶ୍ରାବଣୀ ବେଦଉପାକର୍ମ ଦିବସ ଭାବେ ପାଳନ କରାଯାଇଥାଏ । ବ୍ରାହ୍ମଣମାନେ ଏହି ଦିନ ପବିତ୍ର ବୁଡ଼ ପକାଇ ଶ୍ଳୋକ ଉଚ୍ଚାରଣ କରିବା ସହ ଯଜ୍ଞୋପବୀତ ଧାରଣ କରିଥାନ୍ତି । ଶ୍ରାବଣ ପୂର୍ଣ୍ଣିମା ଦିନଟିକୁ ଭଗବାନ ଶ୍ରୀକୃଷ୍ଣଙ୍କ ଭ୍ରାତା ବଳରାମ ଜନ୍ମଦିନ ରୂପରେ ପାଳନ କରାଯାଇଥାଏ । ଗହ୍ମା ପୂର୍ଣ୍ଣିମାରେ ଗାଇ, ଗୋରୁ ଏବଂ ଗୃହପାଳିତ ପଶୁଙ୍କୁ ପୂଜା କରାଯିବାର ପରମ୍ପରା ଆମ ରାଜ୍ୟରେ ରହିଛି । ଏହି ଦିନ ବିଭିନ୍ନ ପ୍ରକାରର ପିଠା, ପଣା ପ୍ରସ୍ତୁତ କରାଯାଇ ସାହି ପଡ଼ିଶାରେ ବଣ୍ଟା ଯାଇଥାଏ । ଶ୍ରୀମନ୍ଦିରରେ ଶ୍ରାବଣ ଶୁକ୍ଳ ଏକାଦଶୀ ଠାରୁ ଆରମ୍ଭ ହୋଇଥିବା ଝୁଲଣ ଯାତ୍ରା ଗହ୍ମା ପୂର୍ଣ୍ଣିମା ଦିନ ଶେଷ ହୋଇଥାଏ । ଝୁଲଣ ଯାତ୍ରା ସମୟରେ ଭଗବାନ କୃଷ୍ଣ ଏବଂ ରାଧାଙ୍କୁ ଦୋଳି ଖେଳା ଯାଇଥାଏ । ରାକ୍ଷୀ ପୂର୍ଣ୍ଣିମା ଆମ ଦେଶର ପ୍ରାଚୀନ ପରମ୍ପରା ଏବଂ ସଂସ୍କୃତିର ଏକ ମହାନ ପର୍ବ, ଯାହା ଭାଇ-ଭଉଣୀଙ୍କ ପବିତ୍ର ସମ୍ପର୍କର ଗାଥା ବହନ କରିଥାଏ । ମୁଁ, ପିଲାଦିନରୁ ମୋ ଭାଇମାନଙ୍କୁ ରାକ୍ଷୀ ବାନ୍ଧି ଆସୁଛି । ସମୟର ପରିବର୍ତ୍ତନ ଦେଖନ୍ତୁ ଆଜି ମୋ ପିଲାମାନେ ଏହି ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖିଛନ୍ତି । ଭାଇ-ଭଉଣୀ ସମ୍ପ୍ରିତୀର ସବୁଠାରୁ ବଡ଼ ଉଦାହରଣ ହେଉଛି ଏହି ରକ୍ଷା ବନ୍ଧନ ।

ଚଣ୍ଡୀମନ୍ଦିର ମାର୍ଗ, କଟକ-୧

# ରକ୍ଷାବନ୍ଧନ ଓ ବଳଦେବ ଜନ୍ମ

ଡକ୍ଟର ତପନ କୁମାର ପାଲ





ଶ୍ରାବଣ ପୂର୍ଣ୍ଣିମା ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଏକ ପ୍ରମୁଖ ଗଣପର୍ବ । ସମଗ୍ର ଦେଶରେ ଏହି ଦିନ ପାଳିତ ହେଉଛି ରକ୍ଷାବନ୍ଧନ ଉତ୍ସବ । ଭାଇ ଭଉଣୀର ପବିତ୍ର ତଥା ମଧୁର ସମ୍ପର୍କକୁ ଉଜ୍ଜୀବିତ କରିଥାଏ ରକ୍ଷାବନ୍ଧନ । ପ୍ରତ୍ୟେକ ଭାଇ ଯେପରି ନିଜ ଅଲିଅଳି ଭଉଣୀର ସୌଭାଗ୍ୟ ବୃଦ୍ଧି କାମନା କରେ, ସେହିପରି ଭଉଣୀ ମଧ୍ୟ ନିଜ ଭାଇମାନଙ୍କର ସର୍ବଦା ମଙ୍ଗଳ ହିଁ କାମନା କରିଥାଏ । ଶ୍ରାବଣ ପୂର୍ଣ୍ଣିମାର ପବିତ୍ର ଅବସରରେ ଭାଇ ହାତରେ ଭଉଣୀ ବାନ୍ଧିଦିଏ ରାକ୍ଷୀ । ଏହି ରାକ୍ଷୀକୁ ରକ୍ଷାସୂତ୍ର ବୋଲି କୁହାଯାଏ । ଭାଇ ହାତରେ ରକ୍ଷା ସୂତ୍ର ବାନ୍ଧି ଆଶୁ ଆରୋଗ୍ୟ ଓ ସୁଖ ସମୃଦ୍ଧି କାମନା କରୁଥିବା ଭଉଣୀକୁ ମିଳେ ଭାଇଦ୍ୱାରା ସୁରକ୍ଷାର ପ୍ରତିଶ୍ରୁତି ଓ ଭାଗ୍ୟବାନ ହେବାର ଆଶୀର୍ବାଦ । ଏହି ରାକ୍ଷୀ ମଧ୍ୟ ଭାଇ ଭଉଣୀର ସମ୍ପର୍କକୁ ଅଧିକ ନିବିଡ଼ କରିଥାଏ । ତେଣୁ ଭାଇ ଭଉଣୀ ପରସ୍ପର ଠାରୁ ଯେତେ ଦୂରରେ ଥିଲେ ମଧ୍ୟ ଭଉଣୀ ହାତକୁ ରାକ୍ଷୀ ବାନ୍ଧିବା ପାଇଁ ଭାଇଟିଏ ଟାଣି ହୋଇ ଚାଲିଆସେ ।

ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ ବାମନାବତାରରେ ଭଗବାନ ଶ୍ରୀକୃଷ୍ଣ ବଳିରାଜାଙ୍କୁ ଛଳନାରେ ଚାପିବା ବେଳେ ଲକ୍ଷ୍ମୀଦେବୀ ବଳିରାଜାଙ୍କ ହାତରେ ରାକ୍ଷୀ ତାଙ୍କୁ ପାତାଳଲୋକର ରାଜା କରାଇଥିଲେ । ସେହିପରି ଦେବରାଜ ଇନ୍ଦ୍ର ଯୁଦ୍ଧ ଯାତ୍ରା କରିବା ସମୟରେ ଇନ୍ଦ୍ରାଣୀ ଶଚି ତାଙ୍କ ହାତରେ ରକ୍ଷାସୂତ୍ର ବନ୍ଧନ କରିଥିବାରୁ ଇନ୍ଦ୍ର ଅସୁରମାନଙ୍କ ଉପରେ ବିଜୟପ୍ରାପ୍ତ କରିଥିଲେ । ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣ ହାତରେ ସାମାନ୍ୟ କ୍ଷତ ହେବାରୁ ଦ୍ରୌପଦୀ ବନ୍ଧୁପଣରେ ସଖା ହାତରେ ବାନ୍ଧି ଦେଇଥିଲେ ନିଜ ପଣତ କାନିରୁ ଖଣ୍ଡେ । ପ୍ରତିବଦଳରେ କୁରୁସଭାରେ ବସ୍ତ୍ରହରଣ ବେଳେ ତାଙ୍କୁ ମିଳିଥିଲା ବସ୍ତ୍ରର ଭଣ୍ଡାର । ପୁରାଣ କଥାରୁ ଏହା ସ୍ପଷ୍ଟ ଯେ କେବଳ ଭଉଣୀ ହିଁ ରାକ୍ଷୀ ବାନ୍ଧେନି ପୁରୁଷରର କଲ୍ୟାଣ କାମନା କରି, ଅତୀତରେ ନାରୀମାନେ ରକ୍ଷାସୂତ୍ର ବନ୍ଧନ କରନ୍ତି । ଏହି ପରମ୍ପରା ଆମ ଦେଶରେ ଆଜି ବି ପାଳନ କରାଯାଉଛି ।

ଶ୍ରାବଣ ପୂର୍ଣ୍ଣିମାକୁ ଉତ୍କଳୀୟ ସଂସ୍କୃତିରେ ଗହ୍ମା ପୂର୍ଣ୍ଣିମା ବୋଲି ମଧ୍ୟ କୁହାଯାଏ । ଏହା ଏକ କୃଷିଭିତ୍ତିକ ପର୍ବ ଅଟେ । ଭାରତ ଏକ କୃଷିପ୍ରଧାନ ଦେଶ ହୋଇଥିବାରୁ ପ୍ରତ୍ୟେକ ରାଜ୍ୟରେ ଏହି ପର୍ବକୁ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଏ । ଘରେ ଘରେ ପିଠାପଣା ହୋଇ ଗହ୍ମା ପୂଜା ହୁଏ । ଏହି ଦିବସରୁ ଭାରତରେ କୃଷିର ଆଦ୍ୟ ପ୍ରବର୍ତ୍ତକ ବଳଭଦ୍ରଙ୍କ ଜନ୍ମତିଥି ବୋଲି ବିଶ୍ୱାସ କରାଯାଏ । ଶ୍ରୀମଦ୍‌ଭାଗବତ୍ ଅନୁଯାୟୀ ଦେବକୀଙ୍କ ସପ୍ତମ ଗର୍ଭ ଯୋଗାମାୟାଙ୍କ ଦ୍ୱାରା ଆକର୍ଷିତ ହୋଇ ବାସୁଦେବଙ୍କ ଜ୍ୟେଷ୍ଠା ପତ୍ନୀ ରୋହିଣୀଙ୍କ ଗର୍ଭରେ ସ୍ଥାପନ ହୋଇଥିଲା । ସିଂହ ପୂର୍ଣ୍ଣିମା ଦିନ ରୋହିଣୀଙ୍କ ଗର୍ଭରୁ ଗୋପପୁର ନନ୍ଦ ମନ୍ଦିରରେ ସଂକର୍ଷଣ ବଳରାମ ଜନ୍ମ ନେଇଥିଲେ । ରୋହିଣେୟ ବଳରାମ ନୀଳାମ୍ବର ପରିହିତ । ତାଙ୍କ ହସ୍ତଦ୍ୱୟରେ ଶୋଭା ପାଇଥାଏ ହଳ ଓ ମୂଷଳ । ରୈବତଙ୍କ କନ୍ୟା ରେବତୀ ତାଙ୍କର ପତ୍ନୀ । ଶ୍ରୀକୃଷ୍ଣ ଓ ସୁଭଦ୍ରାଙ୍କର ସେ ଜ୍ୟେଷ୍ଠ ଭାଇ ହେବା ସହ ମାନଗୋବିନ୍ଦ ଦୁର୍ଯ୍ୟୋଧନଙ୍କର ଗଦା ଗୁରୁ । ଅନନ୍ତ ଶେଷନାଗରୂପୀ ସେଇ ବଳଦେବ ଜନ୍ମ ଉତ୍ସବ ସର୍ବତ୍ର ପାଳନ କରାଯାଉଥିବାବେଳେ ଶ୍ରୀମନ୍ଦିରରେ ମଧ୍ୟ ଆଡ଼ମ୍ବର ସହକାରେ ପାଳିତ ହୋଇଥାଏ । ଏ ଦିନ ଭୋଗମଣ୍ଡପ ସରିବା ପରେ ତିନି ବାଡ଼ରେ ମହାସ୍ନାନ ହୋଇ ସର୍ବାଙ୍ଗ କରାଯାଏ । ମଧ୍ୟାହ୍ନ ଧୂପରେ ବରୁଣ ପୂଜା ହୋଇ ଶ୍ରୀଜୀଉ ମାନେ ପାଟରା ବିଷୋୟୀ ଯୋଗାଇଥିବା ଚାରିଟି ପାଟରାକ୍ଷି ଦୁଇ ଭୁଜରେ ପିନ୍ଧନ୍ତି । ଧୂନ ଓ ଯାତ୍ରାଙ୍ଗୀ ଭୋଗପରେ ଷଷ୍ଠି ମାର୍କଣ୍ଡ ପୂଜାଦି ହୋଇସାରିବା ଉତ୍ତାରେ ବିମାନରେ ସୁଦର୍ଶନ ମାର୍କଣ୍ଡ ପୁଷ୍କରଣୀକୁ ଯାତ୍ରା କରନ୍ତି । ପୂଜାପଣ୍ଡା ଉକ୍ତ ପ୍ରତିମାକୁ ଜୀବନ୍ୟାସ ଦେଇ ଯଥାବିଧି କର୍ମ କରିବା ପରେ ପ୍ରସାଦ ଲାଗି କରାଯାଏ । ବନ୍ଦାପନା ପରେ ଉକ୍ତ ପିତୁଳାକୁ ଜଳରେ ବିସର୍ଜନ କରିଦିଆଯାଏ । ଏ ଦିନ ପ୍ରତ୍ୟେକ ହିନ୍ଦୁ ପରିବାରରେ ଗୋମାତା ଓ ବଳଦେବଙ୍କୁ ପୂଜା କରାଯାଏ । ହଳ ଲଙ୍ଗଳ ଓ ଗୋରୁଙ୍କୁ ଗାଧୋଇ ଦେଇ ଚନ୍ଦନ, ସିନ୍ଦୁର, ଓ ରାକ୍ଷୀ ବାନ୍ଧି ପିଠାପଣାଦି ଖାଇବାକୁ ଦିଆଯାଏ । ଗ୍ରାମାଞ୍ଚଳରେ ଆବାଳ ବୃଦ୍ଧ ବନିତା ଏହି ପର୍ବକୁ ଆନନ୍ଦ ଉଲ୍ଲାସର ସହ ପାଳନ କରନ୍ତି । ରାଧାକୃଷ୍ଣଙ୍କ ବର୍ଷାକାଳୀନ ରାସୋତ୍ସବ ଝୁଲଣ ଯାତ୍ରା ମଧ୍ୟ ଏହିଦିନ ଶେଷ ହୁଏ । ତେଣୁ ଏହି ପବିତ୍ର ଦିବସଟିକୁ ପ୍ରତ୍ୟେକ ଉତ୍କଳୀୟ ପରିବାର ଶ୍ରଦ୍ଧାର ସହ ପାଳନ କରିଥାନ୍ତି ।

ଷ୍ଟାଫ କଲୋନୀ, ଦେଉଳ ସାହି,
ତୁଳସୀପୁର, କଟକ,
ଦୂରଭାଷ : ୯୯୩୭୬୫୮୩୬୨
/ ୭୯୭୮୭୯୬୬୩୩

# ରାକ୍ଷୀ ପୂର୍ଣ୍ଣିମାରେ ଗୋମାତା ପୂଜନ ସହ ସ୍ନେହ ସମ୍ପର୍କର ଡୋରି ବାନ୍ଧିଲେ ସିଗମା ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀ

ଖୋର୍ଦ୍ଧା, ୨୬/୮ (ନି.ପ୍ର): ସ୍ନେହ ଓ ସମ୍ପର୍କର ପବିତ୍ର ବନ୍ଧନର ପର୍ବ ରକ୍ଷାବନ୍ଧନ ଅବସରରେ ସିଗମା ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀ ଏକ ନିଆରା ପରମ୍ପରାର ପରିଚୟ ଦେଇଛନ୍ତି । ରାକ୍ଷୀ ପୂର୍ଣ୍ଣିମା ଅବସରରେ ଛାତ୍ରଛାତ୍ରୀମାନେ ରାମକୃଷ୍ଣ ଗୋଧାମକୁ ଯାଇ ଗୋମାତା ଓ ବଳଦଙ୍କୁ ପୂଜା କରିବା ସହ ରାକ୍ଷୀ ବାନ୍ଧିଥିଲେ। ରାକ୍ଷୀ ପୂର୍ଣ୍ଣିମାକୁ ଗହ୍ମା ପୂର୍ଣ୍ଣିମା ମଧ କୁହାଯାଏ। ଏହି ଦିନ ମହାପ୍ରଭୁ ବଳଭଦ୍ରଙ୍କ ଜନ୍ମଦିନ ଭାବେ ପାଳିତ ହୁଏ। ପୁରାତନ ପରମ୍ପରା ଅନୁଯାୟୀ ଏହି ଦିନ ଗୋମାତାଙ୍କ ପୂଜାର ବିଶେଷ ମହତ୍ତ୍ୱ ରହିଛି। ଏହି ପରମ୍ପରାକୁ ବଜାୟ ରଖିବା ଓ ଛାତ୍ରଛାତ୍ରୀଙ୍କ ମନରେ ଗୋ ସୁରକ୍ଷା ଓ ଜୀବଦୟାର ଭାବନା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ଗୋ ପୂଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଛାତ୍ରଛାତ୍ରୀମାନେ ଗୋମାତା ଓ ବଳଦଙ୍କୁ ହଳଦୀ ପାଣିରେ ଗାଧୋଇ ଚନ୍ଦନ, ସିନ୍ଦୂର ଓ ଫୁଲ ଲଗାଇଥିଲେ। ପରେ ବେଦମନ୍ତ୍ର ଉଚ୍ଚାରଣ ସହ ପୂଜାର୍ଚ୍ଚନା କରି ରାକ୍ଷୀ ବାନ୍ଧିବା ସହ ଫଳ ଅର୍ପଣ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଅନୁଷ୍ଠାନର ଅଧକ୍ଷା ମମତାଞ୍ଜଳି ପଟ୍ଟନାୟକଙ୍କ ନେତୃତ୍ୱରେ ଉପାଧକ୍ଷ ତୁଷାର ରଞ୍ଜନ ମହାନ୍ତି, ଶିକ୍ଷୟିତ୍ରୀ ଲିମନ୍ ବଡ଼ଜେନା, ଶୁଭଦର୍ଶନୀ ଦାଶ, ଦୀପ୍ତି ରଞ୍ଜନ ରଣା, ମାନସ ରଞ୍ଜନ ମହାପାତ୍ର ଏବଂ ଗୋଧାମର ଆବାହକ ରାଧାମୋହନ ପ୍ରଧାନ, ଉଡ଼ିତ୍ୟ ନାରାୟଣ ପ୍ରହରାଜ, ସୌମ୍ୟ ରଞ୍ଜନ ସ୍ୱାଇଁ ପ୍ରମୁଖ ଛାତ୍ରଛାତ୍ରୀଙ୍କ ସହ ମିଶି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରକ୍ଷାବନ୍ଧନ ପୂର୍ବରୁ ଅନୁଷ୍ଠାନର ଛାତ୍ରୀ ଶ୍ରିର୍ତିକା ମହାନ୍ତି, ଶୁଭଲକ୍ଷ୍ମୀ ରଣା, ସଂପନ୍ନା ପ୍ରଧାନ, ଅଭିଲିପ୍ସା ଲେଙ୍କା, ପଦ୍ମିନୀ ଜେନା, ତୃପ୍ତିମୟୀ ସ୍ୱାଇଁ, ଅନନ୍ୟା ମଲ୍ଲିକ ପ୍ରମୁଖ ନିଜ ହାତରେ ବିଭିନ୍ନ ପ୍ରକାରର ରାକ୍ଷୀ ପ୍ରସ୍ତୁତ କରିଥିଲେ। ଶିକ୍ଷୟିତ୍ରୀ ସୁମିତା ତ୍ରିପାଠୀ ଓ ବର୍ଣ୍ଣାଳୀ ମାଜି ଛାତ୍ରୀମାନଙ୍କୁ ରାକ୍ଷୀ ପ୍ରସ୍ତୁତି ସମ୍ପର୍କରେ ଶିକ୍ଷା ପ୍ରଦାନ କରିଥିଲେ। ପରେ ଛାତ୍ରୀମାନେ ଭାଇମାନଙ୍କୁ ଚନ୍ଦନ ଓ ସିନ୍ଦୂର ଲଗାଇ ପୂଜା କରି ରାକ୍ଷୀ ବାନ୍ଧିବା ସହ ମିଠା ଖୁଆଇଥିଲେ। ଏହାଦ୍ୱାରା ଭାଇ-ଭଉଣୀଙ୍କ ମଧ୍ୟରେ ସ୍ନେହ ଓ ସମ୍ପର୍କର ବନ୍ଧନକୁ ଆହୁରି ସୁଦୃଢ଼ କରାଯାଇଥିଲା। ଅନୁଷ୍ଠାନର ଚେୟାରମ୍ୟାନ୍ ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ପବିତ୍ର ରକ୍ଷାବନ୍ଧନ ଅବସରରେ ଭାଇ-ଭଉଣୀଙ୍କ ସ୍ନେହର ଡୋରି ସହ ଗୋ ପୂଜନର ମହତ୍ତ୍ୱ ଓ ଗୋ ସୁରକ୍ଷା ପରମ୍ପରା ସମ୍ପର୍କରେ ଛାତ୍ରଛାତ୍ରୀ ଓ ସମସ୍ତଙ୍କୁ ସଚେତନ କରିଥିଲେ। ଏଭଳି କାର୍ଯ୍ୟକ୍ରମ ମାଧମରେ ଭାରତୀୟ ପରମ୍ପରା, ଜୀବଦୟା ଓ ଗୋ ସୁରକ୍ଷାର ବାର୍ତ୍ତା ଛାତ୍ରଛାତ୍ରୀଙ୍କ ମଧରେ ପହଞ୍ଚିପାରିଛି।

# ସମନ୍ୱୟ ହିଁ ବଢ଼ାଇବ ସଂଘର ଶକ୍ତି : ଲଳିତ କୁମାର ବେହେରା

ଉଦଳା , ୨୬/୮ (ନି.ପ୍ର): ମୟୂରଭଂଜ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତା ନିର୍ବାଚନ ନିକଟରେ ହୋଇ ଯାଇଛି । ଏଥିରେ ଉଦଳା ଅଂଚଳରେ କାର୍ଯ୍ୟରତ ଶିକ୍ଷକ ଲଳିତ କୁମାର ବେହେରା ଜିଲ୍ଲା ସଂଗଠନ ସଂପାଦକ ଭାବରେ ନିର୍ବାଚିତ ହୋଇଛନ୍ତି । ଏଥିପାଇଁ ଉଦଳା ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ଅବସରରେ ସଂଘର ଉଦଳା ବ୍ଲକ ସଭାପତି ଅନ୍ତର୍ଯ୍ୟମୀ ବେହେରାଙ୍କ ଅଧକ୍ଷତାରେ ସ୍ଥାନୀୟ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ମାଳତି ବେହେରା, କୃଷ୍ଣ ଚନ୍ଦ୍ର ମହାନ୍ତ, ପ୍ରମୋଦ କୁମାର ମହାନ୍ତି, ମୀନାକ୍ଷି ପାଲ, ମୀନାକ୍ଷି ମିଶ୍ର, ଦୁର୍ଯ୍ୟଧନ ଦଳେଇ, ଇନ୍ଦିରା ପ୍ରିୟଦର୍ଶନି ସାମଲ, ବନ୍ଦିତା ଚୈଧୁରୀ ପ୍ରମୁଖ ଉପସ୍ଥିତ ରହି ଉତରୀୟ ଓ ପୁଷ୍ପଗୁଛ ଅର୍ପଣ ପୂର୍ବକ ନବନିର୍ବାଚିତ ସଂଗଠନ ସଂପାଦକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହାପରେ ଆୟୋଜିତ ସାଧାରଣ ସଭାରେ ପୁର୍ବତନ ଜିଲ୍ଲା ସଭାପତି ଆରତ କୁମାର ପରିଡ଼ା ନବନିର୍ବାଚିତ ସଂଗଠନ ସଂପାଦକ ଲଳିତ କୁମାର ବେହେରା ବିଗତ ଦିନରେ ସଂଘର ଶକ୍ତିକୁ ସୁଦୃଢ଼ କରିବା ପାଇଁ ଦେଖାଇଥିବା ତାଙ୍କର ଦକ୍ଷତାକୁ ଭୂୟସୀ ପ୍ରଶଂସା କରିଥିଲେ । ପରେ ଲଳିତ କୁମାର ବେହେରା ଶିକ୍ଷାକେନ୍ଦ୍ରର ଛାତ୍ର ଛାତ୍ରୀ, ଅବିଭାବକ ଓ ପରିଚାଳନା କମିଟି ସମସ୍ତଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରି ମାନଙ୍କର ପ୍ରଥମ କର୍ତବ୍ୟ ହେବା ଉଚିତ, ଏହି ସମନ୍ୱୟ ଯେତେ ଦୃଢ଼ିଭୂତ ହେବ ସଂଘର ଶକ୍ତି ସେହିପରିମାଣରେ ବୃଦ୍ଧି ପାଇବ ବୋଲି ବ୍ୟକ୍ତ କରିଥିଲେ ।

# ରାକ୍ଷୀ ପୂର୍ଣ୍ଣିମା ପାଇଁ ବଜାର ଚଳ ଚଞ୍ଚଳ

ଭଣ୍ଡାରିପୋଖରି, ୨୬/୮ (ନି.ପ୍ର): ଏହି ବ୍ଲକର ବିଭିନ୍ନ ଅଞ୍ଚଳରେ ରାକ୍ଷୀ ଦୋକାନରେ ପ୍ରବଳ ଭିଡ଼ ଦେଖା ଯାଉଛି। ପ୍ରଭୁ ବଳଦେବଙ୍କ ଜନ୍ମ ଦିନ ଶ୍ରାବଣ ପୂର୍ଣ୍ଣିମା ତା ୨୭/୮/୨୦୨୬ରିଖ ଗୁରୁବାର ପଡୁଥିବା ।ରୁ



ଭଉଣୀମାନେ ଭାଇ ହାତରେ ରାକ୍ଷୀ ବାନ୍ଧି ଆଶ୍ରିବାଦ ନେବାକୁ ଆଗ୍ରହୀ ଦେଖା ଯାଉଛନ୍ତି । ଭାଇ ଭଉଣୀକୁ ସାହାଯ୍ୟ କରିବାକୁ ପ୍ରତିଶ୍ରୁତିବଦ୍ଧ ହୋଇଥାଏ ଏହି ଦିନରେ। ରାକ୍ଷୀ ଦୋକାନୀ ମଧୁସୂଦନ ସାମଲ କହନ୍ତି ପ ଏଥର ବେପାର ଅବସ୍ଥା ସେତେ ଭଲ ନ ହେଲେ ବି ଚଳିବ । ରାକ୍ଷୀ ପ୍ରତି ଦାମ ଟ.୫ ରୁ ଟ.୫୦୦ ପର୍ଯ୍ୟନ୍ତ ରହି ଥିଲେ ହେଁ ମଧମ ଧରଣର ରାକ୍ଷୀ ବେଶି ବିକ୍ରି ହେଉଛି।

# ମାନବିକତାର ଅପୂର୍ବ ନିଦର୍ଶନ: ବୈଦିକ ଗୁରୁକୁଳ ଶିକ୍ଷାଶ୍ରମରେ ରକ୍ଷାବନ୍ଧନ ଉତ୍ସବ



ବସ୍ତା , ୨୬/୮ (ନି.ପ୍ର): ପବିତ୍ର ରାଖୀ ପୂର୍ଣ୍ଣିମା ଅବସରରେ ବାଲେଶ୍ୱର ରୂପସାସ୍ଥିତ ବୈଦିକ ଗୁରୁକୁଳ ଶିକ୍ଷାଶ୍ରମ, ପିଞ୍ଛାବଣିଆ ପରିସରରେ ଏକ ଭାବପୂର୍ଣ୍ଣ ଏବଂ ଅଭୁତପୂର୍ବ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଯାଇଛି । ସମାଜର ମୁଖ୍ୟ ସ୍ରୋତରୁ ଦୂରରେ ଥିବା ଅନାଥ ଓ ଗରିବ ଶିଶୁମାନଙ୍କ ମଧ୍ୟରେ ସ୍ନେହର ସେତୁ ବାନ୍ଧିବା ପାଇଁ ଶିକ୍ଷାଶ୍ରମର ସମସ୍ତ କର୍ମଚାରୀବୃନ୍ଦ ଯେଉଁ ଦୃଢ଼ ସଙ୍କଳ୍ପ ଏବଂ ଅକ୍ଳାନ୍ତ ପରିଶ୍ରମ କରିଛନ୍ତି, ତାହା ବାସ୍ତବରେ ପ୍ରଶଂସନୀୟ ।ରାଖୀ କେବଳ ରକ୍ତର ସମ୍ପର୍କ ଭିତରେ ସୀମିତ ନୁହେଁ, ବରଂ ଏହା ସମଗ୍ର ସମାଜକୁ ଏକତାର ସୂତ୍ରରେ ବାନ୍ଧିବାର ଏକ ମହାନ ମାଧ୍ୟମ । ଏହି ସତ୍ୟକୁ ପ୍ରମାଣିତ କରିଛନ୍ତି ଗୁରୁକୁଳର ନିଷ୍ଠାପର କର୍ମଚାରୀମାନେ । ସେମାନଙ୍କ ପ୍ରଚେଷ୍ଟା ଯୋଗୁଁ ଆଜି ଅନାଥ ଶିଶୁମାନେ ନିଜକୁ ଏକାକୀ ମନେ କରିନାହାନ୍ତି, ବରଂ ସମାଜର ଆଦର ଓ ସୁରକ୍ଷାର ପବିତ୍ର ସୂତା ସେମାନଙ୍କ ହାତରେ ଶୋଭା ପାଇଛି ।ବୈଦିକ ଗୁରୁକୁଳ ଶିକ୍ଷାଶ୍ରମର ଏହି ପ୍ରୟାସ କେବଳ ଏକ ପର୍ବ ପାଳନ ନୁହେଁ, ଏହା ହେଉଛି ସଂସ୍କାର ଏବଂ ସେବାର ଏକ ଦୃଢ଼ ବାର୍ତ୍ତା । ଏହି ମହତ କାର୍ଯ୍ୟ ପାଇଁ ଶିକ୍ଷାଶ୍ରମର ସମସ୍ତ କର୍ମଚାରୀ ଏବଂ ସହଯୋଗୀ ମାନଙ୍କୁ ସମାଜ ତରଫରୁ କୋଟି କୋଟି ପ୍ରଣାମ ଓ ସାଧୁବାଦ । ଆପଣମାନଙ୍କର ଏହି ନିସ୍ୱାର୍ଥପର ସେବା ଆଗାମୀ ଦିନରେ ଅନ୍ୟମାନଙ୍କ ପାଇଁ ଏକ ବଡ଼ ପ୍ରେରଣା ସାଜିବ । ରାଖୀ କେବଳ ସୂତାର ଖିଅ ନୁହେଁ, ଏହା ହେଉଛି ସ୍ନେହ, ସମ୍ପର୍କ ଓ ସୁରକ୍ଷାର ଏକ ପବିତ୍ର ସଙ୍କଳ୍ପ ।''ଯେଉଁଠି ସ୍ନେହର ସୀମା ନଥାଏ, ସେଠି ପ୍ରତିଟି ଅନାଥ ଶିଶୁର ହାତରେ ବନ୍ଧା ହେଉଥିବା ରାଖୀ ସମାଜକୁ ମାନବିକତାର ଶିକ୍ଷା ଦିଏ ।''ସେବା ହିଁ ପରମ ଧର୍ମ; ଗରିବ ଓ ଅସହାୟଙ୍କ ମୁହଁରେ ହସ ଫୁଟାଇବା ହିଁ ଚଳିତ ବର୍ଷର ସବୁଠାରୁ ବଡ଼ ଶ୍ରେଷ୍ଠ ରକ୍ଷାବନ୍ଧନ।

# ଜଳେଶ୍ୱର ବନ୍ୟାଞ୍ଚଳରେ ରାଜ୍ୟ ମହିଳା କଂଗ୍ରେସ କମିଟି: ରିଲିଫ ବଣ୍ଟନ ସହ ସାମ୍ବାଦିକ ସମ୍ମିଳନୀରେ ସରକାରଙ୍କ ବିଫଳତାକୁ ନେଇ ବର୍ଷିଲେ ନେତୃବୃନ୍ଦ

ଜଳେଶ୍ୱର, ୨୬/୮ (ନି.ପ୍ର): ସୁବର୍ଣ୍ଣରେଖା ନଦୀର ପ୍ରଳୟଙ୍କରୀ ବନ୍ୟାରେ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକର ବ୍ୟାପକ କ୍ଷତି ହୋଇଥିବା ବେଳେ ବନ୍ୟା ସ୍ଥିତିର ଅନୁଧ୍ୟାନ ଓ ବିପନ୍ନଙ୍କୁ ସହାୟତା ପାଇଁ ପହଞ୍ଚିଛି ରାଜ୍ୟ ମହିଳା କଂଗ୍ରେସ କମିଟି। ରାଜ୍ୟ ମହିଳା କଂଗ୍ରେସର ଏକ ପ୍ରତିନିଧି ଦଳ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରି ସ୍ଥିତି ପରିଦର୍ଶନ କରିବା ସହ କ୍ଷତିଗ୍ରସ୍ତ ପରିବାରମାନଙ୍କୁ ଶୁଖିଲା ଖାଦ୍ୟ ଓ ଅତ୍ୟାବଶ୍ୟକ ରିଲିଫ ସାମଗ୍ରୀ ବଣ୍ଟନ କରିଛନ୍ତି। ସୂଚନା ଅନୁସାରେ, ସୁବର୍ଣ୍ଣରେଖା ବନ୍ୟାରେ ଜଳେଶ୍ୱର ବ୍ଲକର ୧୦ଟି ପଞ୍ଚାୟତ ପ୍ରଭାବିତ ହୋଇଥିବା ବେଳେ ବିଶେଷ କରି ପଶ୍ଚିମବାଡ, ବାଇଗଣବାଡିଆ ଓ ଝାଡପିମ୍ପଳ ପଞ୍ଚାୟତରେ ବନ୍ୟାର କୋପ ଅଧିକ ଦେଖିବାକୁ ମିଳିଛି। ପୂର୍ବାହ୍ନରେ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ମିଡିଆ ସେଲ୍ ଚେୟାରମ୍ୟାନ ଜୟସ୍ମିତା ମହାନ୍ତି,ବାଲେଶ୍ୱର ଜିଲ୍ଲା ସଭାନେତ୍ରୀ ଉର୍ମିଳା ମାଝୀ, ମୟୂରଭଞ୍ଜ ଜିଲ୍ଲା ସଭାନେତ୍ରୀ ରଶ୍ମିତା ମିଶ୍ର,ଜେନେରାଲ ସେକ୍ରେଟାରୀ ବାସନ୍ତୀ ସାମଲ, ପ୍ରତିମା ମଲ୍ଲିକ,ବୃନ୍ଦାବତୀ ମହାପାତ୍ର, ପ୍ରତିମା ମଲ୍ଲୀକ, ବାସନ୍ତୀ ସାମଲ,ପ୍ରତିମା ପଣ୍ଡା, କୁମୁଦିନୀ ମିଶ୍ର,ରାଧାରାଣୀ ପାତ୍ର, ଜଳେଶ୍ୱର ବ୍ଲକ କଂଗ୍ରେସ ସଭାପତି ହେମନ୍ତ ଗିରି,ଟାଉନ କଂଗ୍ରେସ ସଭାପତି ଜଗଦିଶ ନନ୍ଦୀ,ବିଜୟ ମହାନ୍ତି,ନିଶିତ ବାରିକ, ସୁଦାମ ପାତ୍ର,ପ୍ରମୁଖ ବନ୍ୟାଞ୍ଚଳରେ ପହଞ୍ଚିଥିଲେ। ନେତୃବୃନ୍ଦମାନେ ବନ୍ୟା ଜଳରେ ବୁଡ଼ି ରହିଥିବା ଗ୍ରାମଗୁଡ଼ିକରେ ବୁଲି ବିପନ୍ନଙ୍କ ସୁଖଦୁଃଖ ବୁଝିଥିଲେ। ଗ୍ରାମବାସୀମାନେ ପାନୀୟ ଜଳ, ଖାଦ୍ୟ ଏବଂ ଚିକିତ୍ସା ସେବାର ଦାରୁଣ ଅଭାବ ନେଇ ପ୍ରତିନିଧି ଦଳ ଆଗରେ ଅଭିଯୋଗ କରିଥିଲେ।ଏହି ଅବସରରେ କଂଗ୍ରେସ ତରଫରୁ ପ୍ରଭାବିତ ପରିବାରଗୁଡ଼ିକୁ ମୁଢ଼ି, ଚୁଡ଼ା, ବିସ୍କୁଟ,ବିଶୁଦ୍ଧ ପାନୀୟ ଜଳ,ତ୍ରିପାଲ ଓ ଆବଶ୍ୟକୀୟ ଔଷଧ ବଣ୍ଟନ କରାଯାଇଥିଲା। ବନ୍ୟାଞ୍ଚଳ ଗସ୍ତ ପରେ ଜଳେଶ୍ୱର ସ୍ଥିତ ଶୋଭା କଲ୍ୟାଣ ମଣ୍ଡପରେ ରାଜ୍ୟ ମହିଳା ସଭାନେତ୍ରୀ ଶ୍ରୀମତୀ ବାହିନୀପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକ ସଭାପତି ହେମନ୍ତ ଗିରି ଓ ମ୍ୟୁନସିପାଲଟି ସଭାପତି ଜଗଦୀଶ ନନ୍ଦୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସୁଚାରୁରୂପେ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଜଳେଶ୍ୱରଠାରେ ଆୟୋଜିତ ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବାଦିକ ସମ୍ମିଳନୀରେ ମହିଳା କଂଗ୍ରେସ ନେତୃବୃନ୍ଦ ପ୍ରଶାସନିକ ଉଦାସୀନତା ଓ ବିଫଳତାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ସାମ୍ବାଦିକମାନଙ୍କୁ ସମ୍ବୋଧିତ କରି ନେତ୍ରୀମାନେ କହିଥିଲେ ଯେ,ବନ୍ୟା ଆସିବାର ଦୀର୍ଘ ସମୟ ବିତିଯାଇଥିଲେ ସୁଦ୍ଧା ସରକାରୀ ସହାୟତା ଓ ରିଲିଫ ଗ୍ରାମାଞ୍ଚଳର ଶେଷ ସୀମାରେ ପହଞ୍ଚିପାରି ନାହିଁ। ପ୍ରଶାସନିକ ତତ୍ପରତାର ଅଭାବ ଯୋଗୁଁ ହଜାର ହଜାର ଜନସାଧାରଣ ଜଳବନ୍ଦୀ ଅବସ୍ଥାରେ ଅସହାୟ ଭାବେ ଦିନ କାଟୁଛନ୍ତି। ମହିଳା କଂଗ୍ରେସର ପ୍ରମୁଖ ଦାବି ଗୋଡ଼ିକ ହେଲା ବନ୍ୟା ପ୍ରଭାବିତ ପ୍ରତିଟି ପରିବାରକୁ ପର୍ଯ୍ୟାପ୍ତ ପରିମାଣର ଶୁଖିଲା,ରନ୍ଧା ଖାଦ୍ୟ ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଉ।ମହାମାରୀ ରୋକିବା ପାଇଁ ବନ୍ୟାଞ୍ଚଳରେ ତୁରନ୍ତ ସ୍ୱାସ୍ଥ୍ୟ ଶିବିର ପ୍ରତିଷ୍ଠା ଏବଂ ଗୃହପାଳିତ ପଶୁଙ୍କ ପାଇଁ ଗୋ-ଖାଦ୍ୟ ଯୋଗାଇ ଦିଆଯାଉ। ଭାଙ୍ଗିଯାଇଥିବା ଘର ଏବଂ ଉଜୁଡ଼ି ଯାଇଥିବା ଫସଲର ସଠିକ୍ ଆକଳନ କରି ଚାଷୀ ଓ ଗ୍ରାମବାସୀଙ୍କୁ ଯଥାଶୀଘ୍ର ଆର୍ଥିକ କ୍ଷତିପୂରଣ ପ୍ରଦାନ କରାଯାଉ। ଦାବି ପୂରଣ ନହେଲେ ଏବଂ ପ୍ରଶାସନ ତୁରନ୍ତ ଉଦ୍ଧାର ଓ ରିଲିଫ କାର୍ଯ୍ୟକୁ ବ୍ୟାପକ ନ କଲେ ଆଗାମୀ ଦିନରେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ତଥା ସ୍ଥାନୀୟ ଅଞ୍ଚଳର ବହୁ ମହିଳା କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ମହିଳା ସମାନତା ଦିବସରେ କେଭି ସିଂହଦେଓଙ୍କ ଶୁଭେଚ୍ଛା

ଭୁବନେଶ୍ୱର, ୨୬/୮ (ନି.ପ୍ର): ମହିଳା ସମାନତା ଦିବସରେ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ଶୁଭେଚ୍ଛା ଜଣାଇଛନ୍ତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ଏକ ବାର୍ତ୍ତା ଜାରି କରି ସେ କହିଛନ୍ତି ଯେ, ମହିଳା ସମାନତା ଦିବସ ଅବସରରେ ଆମେ ଏହା ସ୍ୱୀକାର କରୁଛୁ ଯେ, ପ୍ରକୃତ ପ୍ରଗତି ସେତେବେଳେ ହାସଲ ହୁଏ, ଯେତେବେଳେ ପ୍ରତ୍ୟେକ ମହିଳାଙ୍କୁ ଶିକ୍ଷା ଗ୍ରହଣ କରିବା, ନେତୃତ୍ୱ ନେବା, କାର୍ଯ୍ୟ କରିବା ଏବଂ ନିଜ ଭବିଷ୍ୟତ ନିଜେ ଗଢ଼ିବାର ସ୍ୱାଧୀନତା ମିଳେ। ସମାନତା କେବଳ ସମାନ ସୁଯୋଗ ପାଇବା ବିଷୟ ନୁହେଁ—ଏହା ଏପରି ଏକ ପରିବେଶ ସୃଷ୍ଟି କରିବା ସହ ଜଡ଼ିତ, ଯେଉଁଠାରେ କୌଣସି ବାଧା ବିନା ପ୍ରତିଭା ଓ ଦୃଢ଼ ସଂକଳ୍ପର ବିକାଶ ହୋଇପାରିବ।

# ଭଦ୍ରକ ବିଧାନସଭା କାର୍ଯ୍ୟାଳୟରେ ଜନଶୁଣାଣୀ କାର୍ଯ୍ୟକ୍ରମ

ଭଦ୍ରକ, ୨୬/୮ (ନି.ପ୍ର): ଭଦ୍ରକ ବିଧାନସଭା କାର୍ଯ୍ୟାଳୟରେ ଆୟୋଜିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ଭଦ୍ରକବାସୀଙ୍କ ବିଭିନ୍ନ ସମସ୍ୟା, ଅଭିଯୋଗ ଓ ଅନୁରୋଧ ଶୁଣିବା ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ତ୍ୱରିତ ସମାଧାନ ପାଇଁ ଆବଶ୍ୟକ ନିର୍ଦ୍ଦେଶ ଦେଲେ ଭଦ୍ରକ ବିଧାୟକ ଜନତାଙ୍କ ସମସ୍ୟା କେବଳ ଏକ ଅଭିଯୋଗ ନୁହେଁ, ଏହା ଆମର



ଦାୟିତ୍ୱ। ପ୍ରତ୍ୟେକ ଅଭିଯୋଗକୁ ଗମ୍ଭୀରତାର ସହ ଗ୍ରହଣ କରି ସମୟବଦ୍ଧ ଭାବେ ସମାଧାନ କରିବା ହେଉଛି ଆମର ସଙ୍କଳ୍ପ। ଜନସେବା ହିଁ ଆମର ପ୍ରଥମ କର୍ତ୍ତବ୍ୟ, ଜନତାଙ୍କ ଆସ୍ଥା ହିଁ ଆମର ଶକ୍ତି। କହିଛନ୍ତି ବିଧାୟକ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ନେପାଳରେ ପ୍ରକୃତିର ଭୟଙ୍କର ...

ସଦ୍‌ଗୁରୁଙ୍କ ଇଶା ଫାଉଣ୍ଡେସନ୍‌ରୁ ପ୍ରାୟ ୭୭ ଜଣ ଶ୍ରଦ୍ଧାଳୁ ଆଜି ନେପାଳରେ ପ୍ରଳୟଙ୍କରୀ ବନ୍ୟାରେ ଭାସି ଯାଇଛନ୍ତି। ଆଧାତ୍ମିକ ନେତା ସଦ୍‌ଗୁରୁ ଏକ ଅନଲାଇନ୍ ପୋଷ୍ଟ୍ କରି ଏନେଇ ସୂଚନା ପ୍ରଦାନ କରିଛନ୍ତି। ସଦ୍‌ଗୁରୁ କହିଛନ୍ତି, ଇଶା ଫାଉଣ୍ଡେସନ୍‌ର ଏକ କୈଳାସ ତୀର୍ଥଯାତ୍ରା ଗ୍ରୁପ୍‌ର ୭୭ ଜଣ ଶ୍ରଦ୍ଧାଳୁ କୈଳାସ ତୀର୍ଥଯାତ୍ରାରୁ ଫେରୁଥିଲେ ଏବଂ ସେମାନେ ତିବ୍ବତର ଗିରୋଙ୍ଗସ୍ଥିତ ଇମିଗ୍ରେସନ୍ ସେଣ୍ଟରରେ ଅଟକିଥିବାବେଳେ ହଠାତ୍ ପ୍ରଳୟଙ୍କରୀ ବନ୍ୟା ସହରରେ ଆତଙ୍କ ରଚି ଏକ ବିଶାଳ ଅଂଶକୁ ଭସାଇ ନେଇଥିଲା। ସେମାନଙ୍କ ସଂକ୍ରାନ୍ତରେ କୌଣସି ସୂଚନା ଏପର୍ଯ୍ୟନ୍ତ ମିଳିନଥିବା ସଦ୍‌ଗୁରୁ କହିଛନ୍ତି। ତେବେ ଉଦ୍ଧାରକାରୀ ଦଳ ଉଦ୍ଧାର ଅପରେସନ୍ ଚଳାଇଥିବା ସେ କହିଛନ୍ତି। ତାଙ୍କ ଟିମ୍ ମଧ ଉଦ୍ଧାର କାର୍ଯ୍ୟରେ ଯୋଡ଼ି ହୋଇଥିବା ସଦ୍‌ଗୁରୁ କହିଛନ୍ତି। ପଡୋଶୀ ରାଷ୍ଟ୍ର ନେପାଳର ଉତ୍ତର ଭାଗରେ ଅବସ୍ଥିତ ରସୁଓ୍ୱା ଜିଲ୍ଲାରେ ଆଜି ଅଚାନକ ଆସିଥିବା ବନ୍ୟା ପ୍ରଳୟଙ୍କରୀ କ୍ଷତି ଘଟାଇଛି। ତିବ୍ବତ ପାର୍ଶ୍ୱରୁ ଭୋଟେକୋଶୀ ନଦୀରେ ଆସିଥିବା ଏହି ଭୟାବହ ବନ୍ୟାରେ ଅତିକମ୍‌ରେ ୫୫ ଜଣ ପ୍ରାଣ ହରାଇଥିବା ସ୍ପଷ୍ଟ ହୋଇଛି। ଏହାସହ ୧୩୩ ଜଣ ଭାରତୀୟଙ୍କ ସମେତ ୪୦୦ରୁ ଅଧିକ ବିଦେଶୀ ପର୍ଯ୍ୟଟକ ନିଖୋଜ ଅଛନ୍ତି। ବନ୍ୟା ଯୋଗୁଁ ନେପାଳର ଅନେକ ସୀମାନ୍ତ ଗ୍ରାମ ସମ୍ପୂର୍ଣ୍ଣ ଭାସି ଯାଇଛି। ବର୍ତ୍ତମାନ ସୁଦ୍ଧା କେବଳ ନୁଆକୋଟ ଓ ଧାଦିଙ୍ଗ ଜିଲ୍ଲାରୁ ୩୦ରୁ ଅଧିକ ମୃତଦେହ ଉଦ୍ଧାର କରାଯାଇଛି। ନେପାଳ ପର୍ଯ୍ୟଟନ ବୋର୍ଡ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ, ବନ୍ୟା ପ୍ରଭାବିତ ଅଞ୍ଚଳରୁ ୪୦୦ରୁ ଅଧିକ ପର୍ଯ୍ୟଟକ ନିଖୋଜ ଅଛନ୍ତି। ଏହି ନିଖୋଜ ଲୋକଙ୍କ ମଧ୍ୟରେ ୩୦୫ ଜଣ ବିଦେଶୀ ନାଗରିକ ବୋଲି ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ଭାରତରୁ ସର୍ବାଧିକ୧୩୩ ଜଣ ଥିବାରୁ ଉଦ୍ଧାର କାର୍ଯ୍ୟ ଉପରେ ଭାରତର ଅହରହ ନଜର ରହିଛି। ବନ୍ୟା ପରିସ୍ଥିତିକୁ ନେଇ ଭାରତ ପକ୍ଷରୁ ସହଯୋଗର ହାତ ବଢ଼ାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନେପାଳର ପ୍ରଧାନମନ୍ତ୍ରୀ ବାଲେନ ଶାହଙ୍କ ସହ ଟେଲିଫୋନ ଯୋଗେ ଆଲୋଚନା କରିଛନ୍ତି। ଏହି ପ୍ରାକୃତିକ ବିପର୍ଯ୍ୟୟରେ ହୋଇଥିବା ବ୍ୟାପକ ଜୀବନହାନି ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ଗଭୀର ଶୋକ ବ୍ୟକ୍ତ କରିବା ସହ ସଙ୍କଟ ସମୟରେ ଭାରତ ସମସ୍ତ ପ୍ରକାର ମାନବୀୟ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିବା ସୁରକ୍ଷା ବାହିନୀ ମଧ ଏହି ପ୍ରାକୃତିକ ବିପର୍ଯ୍ୟୟର ଶିକାର ହୋଇଛନ୍ତି। ରସୁଓ୍ୱା ଜିଲ୍ଲାରେ କାର୍ଯ୍ୟରତ ଥିବା ପ୍ରାୟ ୨୬ ଜଣ ନେପାଳ ପୁଲିସ କର୍ମଚାରୀ ଏବଂ ୭ ଜଣ ଯବାନ ମଧ ନିଖୋଜ ଅଛନ୍ତି। ନେପାଳ ସେନା ପକ୍ଷରୁ ପ୍ରଭାବିତ ପାର୍ବତ୍ୟ ଅଞ୍ଚଳରେ ହେଲିକପ୍ଟର ଏବଂ ବିପର୍ଯ୍ୟୟ ପରିଚାଳନା ଦଳକୁ ମୁତୟନ କରାଯାଇଛି। ସେନା ପକ୍ଷରୁ ଜାରି ବୟାନରେ କୁହାଯାଇଛି ଯେ, ବନ୍ୟଜନିତ କ୍ଷୟକ୍ଷତିର ସମ୍ପୂର୍ଣ୍ଣ ବିବରଣୀ ସଂଗ୍ରହ ପ୍ରକ୍ରିୟା ଜାରି ରହିଛି। ଏହି ପ୍ରଳୟଙ୍କରୀ ବନ୍ୟା ଯୋଗୁଁ ନେପାଳର ୬ଟି ପ୍ରମୁଖ ଜଳବିଦ୍ୟୁତ ପ୍ରକଳ୍ପ ଏବଂ ବିଦ୍ୟୁତ ଗ୍ରୀଡ଼ ପ୍ରତିଷ୍ଠାନ ଭୀଷଣ କ୍ଷତିଗ୍ରସ୍ତ ହୋଇଛି। ନେପାଳ ବିଦ୍ୟୁତ ପ୍ରାଧିକରଣ (ଏନଇଏ) ଅନୁସାରେ, ରସୁଓ୍ୱାଗାଡ଼ି, ଚିଲିମେ, ତ୍ରିଶୂଳୀ ୩ଏ, ତ୍ରିଶୂଳୀ ୩ବି ହବ୍ ୨୨୦ କେଭି ସବଷ୍ଟେସନ, ତ୍ରିଶୂଳୀ ଏବଂ ଦେବୀଘାଟ ଜଳବିଦ୍ୟୁତ କେନ୍ଦ୍ର ବନ୍ୟା ପାଣିରେ ବୁଡ଼ି ଯାଇଛି। ବିଦ୍ୟୁତ ଉତ୍ପାଦନ, ସଞ୍ଚାରଣ ଏବଂ ବିତରଣ ଭିତ୍ତିଭୂମି ଧ୍ୱଂସ ହେବା କାରଣରୁ ଦେଶର ଏକ ବଡ଼ ଅଞ୍ଚଳରେ ବିଦ୍ୟୁତ ସେବା ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି।

### ଜମି ଦୁର୍ନୀତି ମାମଲାରେ...

୪୦ ଡେସି ମିଲ ଚାଷଜମି ଥିଲା । ସତ୍ୟନାରାୟଣ ଫସଲବୀମା ପାଇଁ ଚାଷଜମି ପଟ୍ଟା ଧରି ସମବାୟ ସମିତିକୁ ଯାଇଥିଲେ। ସେଠି ଜାଣିବାକୁ ପାଇଲେ ଯେ, ତାଙ୍କ ନାଁରେ ଚାଷଜମି ନାହିଁ, ସବୁ ବିକ୍ରି ହୋଇଯାଇଛି । ଚାଷଜମି ଖାତା ନଂ ୧୭୮ ୩୮୧, ୧୭୮/୩୮୨ ଓ ୧୭୮ ୩୮୩କୁ ପ୍ରକୃତ ଜମିମାଲିକ ସତ୍ୟନାରାୟଣଙ୍କ ଅଜାଣତରେ କେହି ବିକ୍ରି କରିଦେଇଥିବା ଅଭିଯୋଗ ହୋଇଥିଲା। ଅନ୍ୟପଟେ ସେହି ଚାଷଜମି ବଲାଙ୍ଗିର ଜିଲ୍ଲା ବେଲପଡ଼ା ଅଞ୍ଚଳର ପର୍ଶୁରାମ ପାଢ଼ୀ, ପାଟଣାଗଡ଼ର ସଂଜୟ କୁମାର ଅଗ୍ରୱାଲ ଓ ରାମପୁର ଅଞ୍ଚଳର ବୀରେନ୍ଦ୍ର ସରାଫଙ୍କ ନାଁରେ କିଣିଥିଲେ । ପରେ ଚାଷ ଜମି ପ୍ରକୃତ ମାଲିକଙ୍କୁ ଫେରାଯାଇଥିଲା । ଏହି ମାମଲାରେ ବଡ ଆକ୍ସନ ନେଇଛନ୍ତି ରାଜ୍ୟ ସରକାର ।

### ନୀତିନଙ୍କ ଜେନ୍-ଜି ଫର୍ମୁଲା...

ହେବ ସେବା ସଂକଳ୍ପ ଅଭିଯାନ । ମାସେବ୍ୟାପି ଚାଲିବାକୁ ଥିବା ଏହି ଅଭିଯାନରେ ପ୍ରତ୍ୟେକ ବୁଥ୍, ମଣ୍ଡଳ ଓ ଜିଲ୍ଲାସ୍ତରରେ ଛାତ୍ରଛାତ୍ରୀଙ୍କୁ ନେଇ ଆୟୋଜନ ହେବ ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା । ସ୍କୁଲ ଓ କଲେଜରେ ଚିତ୍ରାଙ୍କନ ଓ ଭାଷଣ ପ୍ରତିଯୋଗିତା, ଅଙ୍ଗନବାଡ଼ି କେନ୍ଦ୍ରରେ ପ୍ରତିଯୋଗିତା, ନମୋସେବା ଗାଥା ପଥପ୍ରାନ୍ତ ନାଟକ, ବିକଶିତ ଭାରତ ସଂକଳ୍ପ ଯାତ୍ରା, ରକ୍ତଦାନ ଶିବିର, ରଙ୍ଗୋଲି ପ୍ରଦର୍ଶନୀ ଆଦି ଜରିଆରେ ଜେନ୍-ଜିଙ୍କ ସହ ଯୋଡ଼ିହେବ ଦଳ । ଏହାର ପରିଚାଳନା ପାଇଁ ଯୁବମୋର୍ଚ୍ଚାକୁ ଦିଆଯାଇଛି ବିଶେଷ ଦାୟିତ୍ୱ । ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଏହି ଆଲୋଚନା ହୋଇଛି । କେନ୍ଦ୍ରୀୟ ବିଜେପିର ନୂଆ ଟିମ୍ ଗଠନ ହେବା ପରେ, ପ୍ରଥମ ପଦାଧିକାରୀ ବୈଠକରେ ଯୁବ ବର୍ଗଙ୍କୁ ନେଇ ବଡ଼ ନିଷ୍ପତ୍ତି ନିଆଯାଇଛି। ପ୍ରତି ରାଜ୍ୟର ଯୁବମୋର୍ଚ୍ଚାଙ୍କୁ ଦିଆଯାଇଛି ଟାସ୍କ। ମଣ୍ଡଳରୁ ନେଇ ରାଜ୍ୟସ୍ତରୀୟ ପର୍ଯ୍ୟନ୍ତ ଯୁବ ବର୍ଗ କିଭଳି ଭାବେ ବିଜେପି ସହ ଯୋଡ଼ି ହେବ ତାକୁ ନେଇ ହେବ ସ୍ୱତନ୍ତ୍ର ଡ୍ରାଇଭ। ସୂଚନା ଅନୁସାରେ, ୨୦୨୪ ଲୋକସଭା ନିର୍ବାଚନ ସମୟରେ ଓଡ଼ିଶାର ମୋଟ ଭୋଟରଙ୍କ ମଧ୍ୟରୁ ୧୮ରୁ ୨୯ ବର୍ଷ ବୟସର ଭୋଟର ୨୩ ପ୍ରତିଶତ ଥିଲେ। ଅର୍ଥାତ୍ ରାଜ୍ୟର ପ୍ରାୟ ପ୍ରତି ୪ ଜଣ ଭୋଟରଙ୍କ ମଧ୍ୟରୁ ଜଣେ ଯୁବ ଭୋଟର। ରାଜ୍ୟରେ ଯୁବ ଭୋଟରଙ୍କ ସଂଖ୍ୟା ୮୫ ଲକ୍ଷରୁ ଅଧିକ, ଯେଉଁମାନେ ଏବେ ବିଜେପି ସମେତ ସବୁ ରାଜନୈତିକ ଦଳଙ୍କ ଫୋକସ୍‌ରେ ।

### ତୁଟୁନି ଧାନ ପଞ୍ଜୀକରଣ...

ବାଲେଶ୍ୱର ଜିଲ୍ଲା ସୋର ବ୍ଲକ ସୋର ବ୍ଲକ ସାଜନପୁର ପଞ୍ଚାୟତରେ ଚାଷ ଜମି ଗ୍ରାମ ଦେବତୀ ଓ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନାମରେ ଥିବାରୁ ପଞ୍ଜୀକରଣ ହୋଇପାରି ନାହିଁ। ଯେଉଁଥିପାଇଁ ଚାଷୀମାନେ ଆମରଣ ଅନସନ ଚେତାବନୀ ଦେଇଛନ୍ତି। ଖରିଫ ଧାନ ମଣ୍ଡିରେ ଧାନ ବିକ୍ରି ପାଇଁ ସରକାର କରିଥିବା ଜଟିଳ ନିୟମରେ ଏବେ ଛନ୍ଦି ହୋଇପଡ଼ିଛନ୍ତି ଜୟପୁର ଆଦିବାସୀ ଅଞ୍ଚଳର ଚାଷୀ। ସରକାର ଏଗ୍ରିଷ୍ଟାକ୍ ନିୟମକୁ କୋହଳ କରିଥିବା କଥା କହୁଛନ୍ତି, କିନ୍ତୁ ବାସ୍ତବରେ ଏହାକୁ ପ୍ରକ୍ରିୟାରୁ ସମ୍ପୂର୍ଣ୍ଣ ହଟାଇ ନାହାନ୍ତି। ଫଳରେ ପଞ୍ଜୀକରଣ ବେଳେ ଚାଷୀ ନାହିଁ ନଥିବା ସମସ୍ୟାୀ ସାମ୍ନା କରିଛନ୍ତି। ସମୟ ସରି ଆସୁଥିବା ବେଳେ ସର୍ଭର ସମସ୍ୟା ଏବଂ ଜଟିଳ ନିୟମ ଯୋଗୁଁ ଚାଷୀମାନେ ମଣ୍ଡିରେ ଧାନ ବିକ୍ରି କରିବା ନେଇ ଗଭୀର ଚିନ୍ତାରେ ଅଛନ୍ତି। ତେଣୁ ପ୍ରଶାସନ ଏହାର ସ୍ଥାୟୀ ଓ ସରଳ ସମାଧାନ କରିବା ସହିତ ପଞ୍ଜୀକରଣ ଅବଧି ବୃଦ୍ଧି କରିବାକୁ ଦାବି ହେଉଛି।

### ସର୍କିଟ୍ ହାଉସ୍‌ରେ ଅପରାଧୀଙ୍କ...

ବର୍ତ୍ତମାନ ବନବିଭାଗ ବେଆଇନ ନିର୍ମାଣର ମାପଚୁପ ଆରମ୍ଭ କରିଛି। ଉଲ୍ଲେଖଯୋଗ୍ୟ, ଗତ ୧୪ ତାରିଖରେ ସର୍କିଟ୍ ହାଉସ୍‌ରୁ ୪ଟି ବନ୍ଧୁକ, ୧୧ଟି ଅଫୁଟାଗୁଳି ସହ ୨ ଜଣ ପେସାଦାର ଅପରାଧୀ ଗିରଫ ହୋଇଥିଲା। ପରବର୍ତ୍ତୀ ସମୟରେ ଆଉ ୭ ଜଣ ଅଭିଯୁକ୍ତ ଗିରଫ ହୋଇଥିବାବେଳେ ଏବେ ବି ଅନେକ ଅଭିଯୁକ୍ତ ଫେରାର ଅଛନ୍ତି।

### ପୁଣି ଥରେ ହେବ କି ...

ନାମ ମଧ୍ୟରୁ ୯୦ ପ୍ରତିଶତ ସଠିକ୍ ବୋଲି ଜାଣିଛନ୍ତି । ଏହା ଏକ ଅତ୍ୟନ୍ତ ଗମ୍ଭୀର ମାମଲା। ଏହା ପରେ, ସୁପ୍ରିମକୋର୍ଟ ନିର୍ବାଚନ କମିସନଙ୍କୁ ତଥ୍ୟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବରିଷ୍ଠ ଆଇନଜୀବୀ ଗୋପାଳ ଶଙ୍କରନାରାୟଣନଙ୍କ ଅନୁଯାୟୀ, ଟ୍ରିବ୍ୟୁନାଲ୍ ଏଏସଆଇ ଅଧୀନରେ ୮୩,୦୦୦ ମାମଲାରେ ତାଙ୍କର ରାୟ ପ୍ରଦାନ କରିଛନ୍ତି। ସେଥିମଧ୍ୟରୁ ପ୍ରାୟ ୭୫,୦୦୦ ମାମଲାରେ ନାମ ବାଦ୍ ଦେବା ଭୁଲ୍ ବୋଲି ଜଣାପଡିଛି। ଏହାର ଅର୍ଥ ହେଉଛି ୯୦ ପ୍ରତିଶତ ନାମ ସଠିକ୍ ବୋଲି ଜଣାପଡିଛି। ଯଦି ଏହି ତଥ୍ୟକୁ ଏକ ନମୁନା ଭାବରେ ବିଚାର କରାଯାଏ, ତେବେ ପରିସ୍ଥିତି ବହୁତ ଗମ୍ଭୀର ହେବାକୁ ଯାଉଛି। ଗୋପାଳ ଶଙ୍କରନାରାୟଣନଙ୍କ ଅନୁଯାୟୀ, ରାଜ୍ୟରେ ଏସଆଇଆର ସହିତ ଜଡିତ ମୋଟ ୩୮ ଲକ୍ଷ ମାମଲା ଦାୟର କରାଯାଇଛି। ଏଥିମଧ୍ୟରୁ ୩୧ ଲକ୍ଷ ମାମଲା ସେମାନଙ୍କ ନାମ କାଟିଥିବା ପକ୍ଷରୁ ଏବଂ ୭ ଲକ୍ଷ ମାମଲା ନାମ ରଖିବାକୁ ଚାହୁଁଥିବା ଲୋକଙ୍କ ଦ୍ୱାରା ଦାୟର କରାଯାଇଥିଲା। ଏପର୍ଯ୍ୟନ୍ତ କେବଳ ୮୩,୦୦୦ ମାମଲାର ରାୟ ଆସିଛି। ତୃଣମୂଳ କଂଗ୍ରେସ ଦାବି କରୁଛି, ନିର୍ବାଚନରେ ବିଜେପି ୨ କୋଟି ୯୩ ଲକ୍ଷ ଭୋଟ ପାଇଥିଲା, ଯେତେବେଳେ ଟିଏମସି ୨ କୋଟି ୬୦ ଲକ୍ଷ ଭୋଟ ପାଇଥିଲା। ଏହାର ଅର୍ଥ ହେଉଛି ଟିଏମସି ବିଜେପି ତୁଳନାରେ ମାତ୍ର ୩୦ ଲକ୍ଷ କମ୍ ଭୋଟ ପାଇଥିଲା। ଏହି ସମୟରେ, ଏସଆଇଆରକୁ ନେଇ ୩୮ ଲକ୍ଷ ମାମଲା ଦାୟର କରାଯାଇଛି। ତୃଣମୂଳ କଂଗ୍ରେସ ସାଂସଦ ଏବଂ ବରିଷ୍ଠ ଆଇନଜୀବୀ କଲ୍ୟାଣ ବାନାର୍ଜୀଙ୍କ ଅନୁଯାୟୀ, ଏପରି ୩୧ଟି ଆସନ ଅଛି ଯେଉଁଠାରେ ବିଜୟର ବ୍ୟବଧାନ ଏସଆଇଆରରେ ଡିଲିଟ୍ ହୋଇଥିବା ଭୋଟ ସଂଖ୍ୟାଠାରୁ କମ୍। ବାଲି, ହେମତାବାଦ ଏବଂ ସାତଗଛିଆ ଏହିଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ। ତୃଣମୂଳ କଂଗ୍ରେସ ଦାବି କରୁଛି, କଟାଯାଇଥିବା ଭୋଟର ଟିଏମସି ସମର୍ଥକମାନଙ୍କର ଥିଲା। ଚଳିତ ବର୍ଷ ଏପ୍ରିଲ ୨୩ ତାରିଖରେ ଶୁଣାଣି ସମୟରେ, ଜଷ୍ଟିସ୍ ଜେ. ବାଗଚୀ କହିଥିଲେ, ଧରନ୍ତୁ ଏକ ବିଧାନସଭା ଆସନରେ ବିଜୟର ବ୍ୟବଧାନ ୨ ପ୍ରତିଶତ ଏବଂ ୧୫ ପ୍ରତିଶତ ଲୋକ ଭୋଟ୍ ଦେଇପାରିଲେ ନାହିଁ, ଏପରି ପରିସ୍ଥିତିରେ କ'ଣ ହୋଇପାରେ ? ସେ କହିଥିଲେ, ଆମକୁ ଏହାକୁ ଯାଞ୍ଚ୍ କରିବାକୁ ପଡିବ। ଶୁଣାଣି ସମୟରେ, ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ପଚାରିଲେ, କୋର୍ଟ ନୂଆ ନିର୍ବାଚନ ପାଇଁ ନିର୍ଦ୍ଦେଶ ଦେଇପାରିବେ କି ? ସୂର୍ଯ୍ୟକାନ୍ତ କହିଥିଲେ ଯେ ଏହି ମାମଲା ଉପରେ ବିଚାର କରାଯିବା ଆବଶ୍ୟକ। ତେବେ ସେ ପ୍ରଥମେ ଆବେଦନ ଦାଖଲ କରିବାକୁ କହିଥିଲେ। ସମ୍ବିଧାନର ଧାରା ୩୨୪ ଅନୁଯାୟୀ, ନିର୍ବାଚନ କମିସନଙ୍କ ପାଖରେ ନିର୍ବାଚନ ପରିଚାଳନା କରିବାର କ୍ଷମତା ଅଛି। ରାଷ୍ଟ୍ରପତିଙ୍କ ପାଖରେ ସରକାର ଭାଙ୍ଗିବାର କ୍ଷମତା ଅଛି। ଧାରା ୩୫୬ ଅନୁଯାୟୀ, ରାଜ୍ୟପାଳଙ୍କ ସୁପାରିଶରେ ରାଷ୍ଟ୍ରପତି ଏହି ନିଷ୍ପତ୍ତି ନିଅନ୍ତି। ତେବେ ଧାରା ୧୪୨ ଅନୁଯାୟୀ ସୁପ୍ରିମକୋର୍ଟର ସମ୍ପୂର୍ଣ୍ଣ ନ୍ୟାୟ ପ୍ରଦାନ କରିବାର କ୍ଷମତା ଅଛି। ଏହି ବ୍ୟବସ୍ଥା ଅନୁଯାୟୀ, ସୁପ୍ରିମକୋର୍ଟ ଯେକୌଣସି ବଡ଼ ନିଷ୍ପତ୍ତି ନେଇପାରିବେ, କିନ୍ତୁ ଏପର୍ଯ୍ୟନ୍ତ ଏପରି କୌଣସି ନିଷ୍ପତ୍ତି ନିଆଯାଇ ନାହିଁ। ନିର୍ବାଚନ କମିସନ ୨୦୨୬ ପଶ୍ଚିବଙ୍ଗ ନିର୍ବାଚନ ପୂର୍ବରୁ ଭୋଟର ତାଲିକା ସଂଶୋଧନ ପାଇଁ ଏସଆଇଆର ଅଭିଯାନ ଆରମ୍ଭ କରିଥିଲେ।

ଧ୍ୱନି ପ୍ରତିଧ୍ୱନି

# ଓଡ଼ିଶା-ଛତିଶଗଡ଼ ସୀମାନ୍ତ ଅଞ୍ଚଳରୁ ମାଓବାଦୀ ଡମ୍ପ ଠାବ

ମାଲକାନଗିରି , ୨୬/୮ (ନି.ପ୍ର): ଆତ୍ମସମର୍ପଣ କରିଥିବା ମାଓବାଦୀ ମାନଙ୍କୁ ପଚରାଉଚରା ଆଧାରରେ, ମାଲକାନଗିରି ଜିଲ୍ଲା ମାଥିଲି ଥାନା ସୀମା ଅନ୍ତର୍ଗତ ଚେରକୋଟଲା, କିରମିଟି, କଟୁଆପଦର , କଦଭାଟା ଜଙ୍ଗଲ ଅଞ୍ଚଳରେ ମାଲକାନଗିରିର ଡ଼ିଭିଏଫ ଜବାନ ମାନେ ଙ୍କ ଦ୍ୱାରା ସର୍ଚ୍ଚ ଅପରେସନ କରାଯାଇଥିଲା। ଏହି ଅଭିଯାନରେ ବସ୍ତର ଜିଲ୍ଲାର ଦରଭା ଥାନା ସୀମା ଏବଂ ସୁକମା ଜିଲ୍ଲା (ଛତିଶଗଡ଼)ର ପୁଷପାଲ ଥାନା ସୀମା ସହିତ ସୀମାନ୍ତବର୍ତ୍ତୀ ଉକ୍ତ ଅଞ୍ଚଳରେ ଆଜି ଭୋର ସମୟରେ ଏକ ପ୍ରମୁଖ ମାଓ ଡମ୍ପ ଠାବ କରାଯାଇଥିଲା। ଏହି ଡମ୍ପ ରୁ ଦେଶ ବନ୍ଧୁକ , ଆଇଇଡି, କ୍ଲେମର ମାଇନ, ଔଷଧ, ବ୍ୟାଟେରୀ, ମାଓ ପୋଷାକ, ପୁସ୍ତକ ସହ ବହୁ ପରିମାଣର ମାଓ ସାମଗ୍ରୀ ଜବତ କରାଯାଇଛି। ସନ୍ଦେହ କରାଯାଉଛି ଯେ ଏହି ସାମଗ୍ରୀଗୁଡ଼ିକ ସାଧାରଣ ନାଗରିକ ଏବଂ ସୁରକ୍ଷା ବାହିନୀକୁ ଟାର୍ଗେଟ କରିବା ପାଇଁ ଉଦ୍ଦିଷ୍ଟ ଥିଲା।ମାଲକାନଗିରି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଉଦ୍ଧାର ହୋଇଥିବା ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ଏବଂ ଅନ୍ୟାନ୍ୟ ଅପରାଧମୂଳକ ସାମଗ୍ରୀ ଆନ୍ଧ୍ର - ଓଡ଼ିଶା ବୋର୍ଡର ଯୋନାଲ କମିଟି ମାଓ କ୍ୟାଡରମାନଙ୍କର ବୋଲି ସନ୍ଦେହ କରାଯାଉଛି। କେନ୍ଦ୍ର ଗୃହମନ୍ତ୍ରୀଙ୍କ ଦ୍ୱାରା ନିର୍ଦ୍ଧାରିତ ଲକ୍ଷ୍ୟ ତାରିଖ ଅନୁଯାୟୀ ୩୧ ମାର୍ଚ୍ଚ ୨୦୨୬ ସୁଦ୍ଧା ମାଲକାନଗିରି ସମ୍ପୂର୍ଣ୍ଣ ନକ୍ସଲ ମୁକ୍ତ ହୋଇସାରିଛି। ଜାନୁଆରୀ ୨୦୨୫ ରୁ ୩୧ ମାର୍ଚ୍ଚ ୨୦୨୬ ମଧ୍ୟରେ ମାଲକାନଗିରି ଜିଲ୍ଲାରେ ୨ ଜଣ ନକ୍ସଲଙ୍କୁ ଗିରଫ କରାଯାଇଛି ଏବଂ ୨୩ ଜଣ ନକ୍ସଲ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏହା ଉଲ୍ଲେଖନୀୟ ଯେ ଜୁନ୍ ୨୦୨୬ ରେ ତିନୋଟି ପ୍ରମୁଖ ଡମ୍ପ ଉଦ୍ଧାର କରାଯାଇଥିଲା।

# ବାହାବଳପୁର ସାମୁଦ୍ରିକ ମୁହାଣ ବନ୍ୟା ଯୋଗୁଁ ପୋତିଯିବାରୁ ଯାନ୍ତ୍ରିକ ଡଙ୍ଗା କରିପାରୁନି ଯାତାୟାତ: ଭୋକ ଉପାସରେ ୨୩ ପଞ୍ଚାୟତର ମତ୍ସ୍ୟଜୀବୀ



ବସ୍ତା, ୨୬/୮ (ନି.ପ୍ର): ବାଲେଶ୍ୱର ଜିଲା ବାହାବଳପୁର ସାମୁଦ୍ରିକ ମୁହାଣ ସଂପ୍ରତି ଖୁବ୍ ବିପଦରେ ପଡିଛି। ଜଳକାରେ ଚଳିତ ବର୍ଷ ବାରମ୍ବାର ବନ୍ୟା ଯୋଗୁଁ ସମୁଦ୍ର ମୁହାଣ ପୋତି ଯିବାକୁ ବସିଲାଣି। ଜଳକା ଓ ପଞ୍ଚୁପଡ଼ା ନଦୀର ଉପର ମୁଣ୍ଡରେ ବାଲି ସବୁ ଟାଣି ହୋଇ ଆସି ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ଏବେବି ବାହାବଳପୁର, ଦୁବୁଲା ଗଡି, ଛନୁଆ, କୁରାଡ଼ିହା, ହଳଦୀପଦା ପଞ୍ଚୁପଡ଼ା,ସାର୍ଥା, ଆଳୁମେଦା, କଷାଫଳ ପ୍ରଭୃତି ପଞ୍ଚାୟତର ଅଧିକାଂଶ ଗାଁ ପାଣି ଘେରରେ ରହିଛି। ଲୋକେ ବଜାର ଘାଟ ବାହାରି ପାରୁ ନାହାନ୍ତି। ବିଶେଷ କରି ସୋଲପଟା ବାହାବଳ ପୁର ବନ୍ଦର ମଧ୍ୟରେ ବାର କିମି ରାସ୍ତାର ସୋଲପଟା ଚଟାଣ, ସୋଲପଟା ତେଲ ଟାଙ୍କି ରାସ୍ତା, ଛାନୁଆ ଚଟାଣ,ଚିର କୋଣି ହନୁମାନ ମନ୍ଦିର ଚଟାଣ ପ୍ରଭୃତିରେ ବନ୍ୟା ସ୍ରୋତ ଛୁଟୁଛି। ଦୀର୍ଘ ୫ ଦିନ ଧରି ସମଗ୍ର ଅଞ୍ଚଳ ଜଳମଗ୍ନ ହୋଇ ରହିଥିବା ବେଳେ ଆଜି ଯଦିଓ ପାଣି ଟିକିଏ କମିଛି ମାତ୍ର ଲୋକେ ଚଳ ପ୍ରଚଳ ହେବା ମୁସ୍କିଲ ହୋଇଯାଇଛି। ଖାସ କରି ମୁହାଣ ପୋତି ହୋଇ ଯିବାରୁ ଯନ୍ତ୍ର ଚାଳିତ ଡଙ୍ଗା ବା ଟ୍ରଲର ସମୁଦ୍ର ଭିତରକୁ ଯାଇ ପାରୁନାହିଁ କିମ୍ବା ବାହାର ଟ୍ରଲର ନଦୀ ଭିତରକୁ ଆସି ପାରୁ ନାହିଁ। ଯାହା ଫଳରେ ମାଛ ଧରିବା କାର୍ଯ୍ୟ ଏକଦମ ଠପ୍ ହୋଇ ଯାଇଛି। ଏଇଥିପାଇଁ ସଦର, ବାଲିଆପାଳ,ବସ୍ତା, ବ୍ଲକର ବାହାବଳପୁର, ଦୁବୁଲାଗଡି, ଛାନୁଆ,ସାର୍ଥା, ପଞ୍ଚୁପଡ଼ା, କଷାଫଳ, ଆଳୁମେଦା, ହଳଦୀ ପଦା, କୁରାଡ଼ିହା, ଶ୍ରୀରାମପୁର, ରସଲ ପୁର, ଜମ୍ବିରାଇ, ପଞ୍ଚୁପାଲି, ନୁଆଗା, ରଡେଇ, ସାହାଡା, କଇନଗିରି, ଇଡ଼ିଦା, କୁଣ୍ଡୁଲି, ବୋଲଙ୍ଗ, ସାଉଡ଼ି, ବଣିଆଡ଼ିହା, ପରାକ୍ଷି, ଗୋପୀନାଥପୁର ସମେତ ୨୩ ଟି ପଞ୍ଚାୟତର ମତ୍ସ୍ୟଜୀବୀ ଦୀର୍ଘ ଦିନ ହେଲା ଏକ ପ୍ରକାର ହାତ ବାନ୍ଧି ବସିଛନ୍ତି। ପ୍ରତି ବର୍ଷ ଗଙ୍ଗା ମାତା ପୂଜା ଉତ୍ସବ ସମୟରେ ମନ୍ତ୍ରୀ,ବିଧାୟକ ମାନେ ଅତିଥି ହୋଇ ଆସନ୍ତି। ସେମାନଙ୍କୁ ରାସ୍ତା, ଜେଟି ସମସ୍ୟା, ମୁହାଣ ଖନନ ଆଦି ସମ୍ପର୍କରେ ବାହାବଳପୁର ମତ୍ସ୍ୟଜୀବୀ ଟ୍ରଲର ସଂଘ ପକ୍ଷରୁ ଦିଆଯାଏ ।

# ପ୍ରଜ୍ଞାପଥ ପକ୍ଷରୁ ବାସୁଦେବପୁର ସାହିତ୍ୟ ମହୋତ୍ସବ ଅନୁଷ୍ଠିତ



ବାସୁଦେବପୁର, ୨୬/୮ (ନି.ପ୍ର): ବାସୁଦେବପୁର ସହରସ୍ଥିତ ରାଣୀ କୈଳାସ ଶିଖର କଲ୍ୟାଣ ମଣ୍ଡପ ପରିସରରେ ପ୍ରଜ୍ଞା ପଥ ପକ୍ଷରୁ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ସହଯୋଗରେ ବାସୁଦେବପୁର ସାହିତ୍ୟ ମହୋତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବିଶିଷ୍ଟ ନାରୀନେତ୍ରୀ ମମତା ଜେନା ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ଓଡ଼ିଶାର ବିଶିଷ୍ଟ କବି ଇଞ୍ଜିନିୟର ଅରୁଣ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ଉତ୍ସବକୁ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ସାହୁ ତାଙ୍କ ବକ୍ତବ୍ୟରେ କହିଲେ ସାହିତ୍ୟ ଓ କଳା ସଂସ୍କୃତି କ୍ଷେତ୍ରରେ ବାସୁଦେବପୁର ମାଟି ସମଗ୍ର ଓଡ଼ିଶାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ରକ୍ତତୀର୍ଥ ଇରମ,ଜାତୀୟ କବି ବାଞ୍ଛାନିଧି ମହାନ୍ତି, ବିଶିଷ୍ଟ ସାହିତ୍ୟିକ ଡକ୍ଟର ହୃଷୀକେଶ ପଣ୍ଡା, ଆଇ ଏ ଏସ ଓ ବହୁ ପ୍ରତିଭା ରାଜ୍ୟ ଓ ଜାତୀୟ ସ୍ତରରେ ଗୌରବ ଆଣି ଦେଇଛନ୍ତି। ଏହି ଉତ୍ସବରେ କୃଷି କବି ଅରୁଣ କୁମାର ପାତ୍ର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲା ବେଳେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ବିଶିଷ୍ଟ ଯୁବକବି ଶ୍ରୀଗୋବିନ୍ଦ ଓ ପ୍ରଜ୍ଞା ପଥର ସମ୍ପାଦକ କବି ଓ ଅଧିବକ୍ତା ପ୍ରଦୀପ କୁମାର ମହାନ୍ତି। ଏହି ଉତ୍ସବରେ ଅନୁଷ୍ଠାନର ମୁଖପତ୍ର ଆମ ଅକ୍ଷର ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହି ଉତ୍ସବରେ କବି ଇଞ୍ଜିନିୟର ପ୍ରସନ୍ନ କୁମାର ମହାନ୍ତି କବିତା ସମ୍ମାନରେ ଭାଗୀରଥି ସ୍ୱାଇଁ, ଗାଳ୍ପିକ ସୁଦର୍ଶନ ସାମଲ ଗଳ୍ପ ସମ୍ମାନରେ ଗଙ୍ଗାଧର ଘଡ଼େଇ ଓ କଳା ଗୌରବ ଗଗନ ବିହାରୀ ସେଠୀ କଳା ସମ୍ମାନରେ କରୁଣାକର ବାରିକ୍ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ଶିକ୍ଷାବିତ୍ ଗଙ୍ଗାଧର ଘଡେଇଙ୍କ ପୁସ୍ତକ ସାଉଁଟା ଫୁଲ ଉନ୍ମୋଚିତ ହୋଇଥିଲା। ଏହି ଉତ୍ସବରେ ରାଜ୍ୟ ସ୍ତରୀୟ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇ ଥିଲା। କବି ସନ୍ତୋଷ କୁମାର ଓଝା, କବି ଶାନ୍ତିଲତା ପଣ୍ଡା ପ୍ରମୁଖ କବିତା ସଂଯୋଜନା କରିଥିଲେ। କବି ସଞ୍ଜୟ ଜେନା, କବି କୈଳାସ ଚନ୍ଦ୍ର ନାଥ, ସମାଜସେବୀ ବିଦ୍ୟାଧର ଘଡ଼େଇ, ସୀତାରାଣୀ ଦାଶ, ଅଧ୍ୟାପକ ରାଜ କିଶୋର ବାରିକ, ଧର୍ମେନ୍ଦ୍ର ବେହେରା, ଗୌତମ ମହାରଣା, କୈଳାସ ଚନ୍ଦ୍ର ପାଢ଼ୀ, କବି ସୁଧାଂଶୁ ଶେଖର ମିଶ୍ର, ଅଶୋକ କୁମାର ସାହୁ, ରଞ୍ଜନ ମଲ୍ଲିକ, ନିରଞ୍ଜନ ସେଠୀ, କବି ପ୍ରଦୀପ କୁମାର ବେହେରା, ଯାମିନୀ କାନ୍ତ ପାଢ଼ୀ,ସସ୍ମିତା ବେହେରା,ରତ୍ନାକର ବାରିକ୍, କଲ୍ୟାଣୀ ନନ୍ଦ, ହୃଷିକେଶ ବାରିକ୍, ଝରଣା ଦାସ, ଟୁନି ଦାସ, ମଧୁସୂଦନ ଦାସ, ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି ପ୍ରମୁଖ କବିତା ପାଠ କରିଥିଲେ। କବି ସନ୍ତୋଷ କୁମାର ଓଝା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କବି ରଞ୍ଜନ କୁମାର ନାୟକ ମଞ୍ଚ ସଂଯୋଜନା କରିଥିଲେ। କବି କୈଳାସ ଚନ୍ଦ୍ର ନାଥ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସେପ୍ଟେମ୍ବରରେ ମୁକ୍ତିଲାଭ କରିବ ସୁଧାକର ବସନ୍ତ ନିର୍ଦ୍ଦେଶିତ ଓଡ଼ିଆ ଚଳଚ୍ଚିତ୍ର ‘ଏଇ ବୋଧେ ଭଲପାଇବା’

ଭୁବନେଶ୍ୱର, ୨୬/୮ (ନି.ପ୍ର): କିଛି ବର୍ଷର ବ୍ୟବଧାନ ପରେ ଏକ ନୂଆ ଓଡ଼ିଆ ଚଳଚ୍ଚିତ୍ରର ନିର୍ଦ୍ଦେଶନା ଭାର ସମ୍ଭାଳି ଫେରିଛନ୍ତି ସୁଧାକର ବସନ୍ତ । ପ୍ରେମ ଓ ଅନୁଭବକୁ ନେଇ ଏକ ସୁନ୍ଦର କାହାଣୀର ଓଡ଼ିଆ ଚଳଚ୍ଚିତ୍ର ‘ଏଇ ବୋଧେ ଭଲପାଇବା’ ନିର୍ଦ୍ଦେଶନା ମାଧ୍ୟମରେ ଫେରିଛନ୍ତି । ଯାହା ସେପଟ୍ଟେମ୍ବର ମାସରେ ମୁକ୍ତିଲାଭ କରିବାକୁ ଯାଉଛି । ମୁଖ୍ୟ ନାୟକ-ନାୟିକା ଭୂମିକାରେ ଦୀପକ-ଅନୁଭା ଅଭିନୟ କରିଛନ୍ତି । ନୃତ୍ୟ ସଂଯୋଜନା, ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଦେଇଛନ୍ତି ଲୋକପ୍ରିୟ ନିର୍ଦ୍ଦେଶକ ସୁଧାକର ବସନ୍ତ। କାହାଣୀ ଲେଖିଛନ୍ତି ରଞ୍ଜନ କୁମାର ଦାସ ଏବଂ ସଂଳାପ ଡଃ ରଜନୀ ରଞ୍ଜନ। ସଙ୍ଗୀତ ଦେଇଛନ୍ତି ସ୍ୱର୍ଗତ ଅଭିଜିତ୍ ମଜୁମଦାର୍ । ଗୀତ ଲେଖିଛନ୍ତି ଡଃ ନିର୍ମଳ ନାୟକ ଓ ରଞ୍ଜନ କୁମାର ଦାସ । ଡିଓପିରେ ଅଜିତ୍ ଓ ସମ୍ପାଦନା କରିଛନ୍ତି ରାଜେଶ ଦାଶ । ପ୍ରଚାର ଓ ପ୍ରସାର ଦାୟିତ୍ୱରେ ମିଡ଼ିଆ ପ୍ଲାନର ପ୍ରଣୟ ଜେଠୀ ଅଛନ୍ତି । ପ୍ରଯୋଜନା କରିଛନ୍ତି ଆଲେକଜାଣ୍ଡାର ଦାସ ଓ ସିଦ୍ଧାର୍ଥ ପାତ୍ର । ସ୍କଲ ମିଡିଆ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ନିର୍ମିତ ଏଇ ବୋଧେ ଭଲ ପାଇବା ଚଳଚ୍ଚିତ୍ର ଆସନ୍ତା ସେପଟ୍ଟେମ୍ବର ମାସରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ମିଳୁଛି। ତେବେ ବହୁତ ଦିନ ପରେ ଦୀପକ ଓ ଅନୁଭାଙ୍କୁ ବଡ଼ ପରଦା ଦର୍ଶକ ଦେଖିବାକୁ ପାଇବେ। ଚରିତ୍ର ଅନୁଯାୟୀ ଅଭିନୟରେ ଶ୍ରେଷ୍ଠତା ପ୍ରତିପାଦନ କରିଥିବା ଦୀପକ ଓ ଅନୁଭା ସିନେମାକୁ ନେଇ ବହୁତ ଆଶାବାଦୀ ଅଛନ୍ତି।


## AFFIDAVIT

By virtue of an affidavit before the executive Magistrate Balasore, I Smt. Namtia Pradhan, aged about 43 years, W/o- Sri Surendra Pradhan resident of vill. Biruan, P.o- Sergarh, P.s- Khantapada, Dist- Balasore, Odisha declare that my Aadhar Card No.750925598371, where in my name has been recoreded as Namita Pradhan and the same name also reflected in my V.I. Card, PAN Card, Bank Pass Book and the same name is my post Marriage name. At the time of completion of our marriage as per Hindu tradition in remote area my in-laws family called me as Rukmani Pradhan and they had deposited the money in my name as Rukmani Pradhan before LIC of India vide policy No. 582276568. That both the names Namita Pradhan and Rukmani Pradha, W/o Surendra Pradhan is same & one person. Henceforth I will be known as Namita Pradhan in all purpose.

**Namita Pradhan**


# ପ୍ରବଚକ ଭାଗବତ ପଣ୍ଡା ପାଇଲେ ଗୋସ୍ୱାମୀ ତୁଳସୀ ଦାସ ସମ୍ମାନ -୨୦୨୬



ବାରିପଦା , ୨୬/୮ (ନି.ପ୍ର): ରାଜ୍ୟ ସରକାରଙ୍କ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହଭାଗିତାରେ ନିଖିଳ ଉତ୍କଳ ପ୍ରବକ୍ତା ପରିଷଦ ଓଡ଼ିଶା ଓ ଶ୍ରୀଜଗନ୍ନାଥ ଭକ୍ତ ସମାଜ ଓଡ଼ିଶା ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସନ୍ଥ ଶ୍ରୀପାଦ ଗୋସ୍ୱାମୀ ତୁଳସୀ ଦାସ ଜୟନ୍ତୀ ମୋହୋତ୍ସବ ଓ ନବାଦୀନାତ୍ମକ ରମ ଚରିତ ମାନସ ପରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ମହାରୁଦ୍ର ପୀଠ ସାଲେପୁରର ଗୋପୀନାଥ ପୁରଠାରେ ପ୍ରବକ୍ତା ପରିଷଦର ସଭାପତି ପଣ୍ଡିତ ପଦ୍ମନାଭ ତ୍ରିପାଠୀଙ୍କ ସଭାପତିତ୍ୱରେ ଉଦଯାପିତ ହୋଇଯାଇଛି । ଉଦଯାପନ ସମାରୋହ ରେ ସନ୍ଥ ବ୍ରହ୍ମଚାରୀ ସନ୍ତୋଷ ଚୈତନ୍ୟ ମୁଖ୍ୟ ଅତିଥି , ତୁଳସୀ ଦାସ ଜୟନ୍ତୀ କମିଟିର ପରିଚାଳନା ମୁଖ୍ୟ ବିଜୟ କୁମାର ଦେବତା (ରାମାୟଣୀ) ମୁଖ୍ୟ ବକ୍ତା, ପ୍ରବକ୍ତା ପରିଷଦର ସମ୍ପାଦକ ପଣ୍ଡିତ ପ୍ରମୋଦ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଦୀର୍ଘ ୪୬ ବର୍ଷ ଧରି ଶ୍ରୀ ଜଗନ୍ନାଥ ସଂସ୍କୃତି କ୍ଷେତ୍ରରେ ଗବେଷଣା ଜାରି ରଖିଥିବା ଓ ସମଗ୍ର ଓଡ଼ିଶା ଏବଂ ଓଡ଼ିଶା ବାହାରେ ମଧ ରାମ କଥାର ପ୍ରବଚନ ଗଙ୍ଗା ପ୍ରବାହରେ ଜଣେ ପ୍ରଥିତ ଯଶା ସାଗ୍ମିକ କଥା ବ୍ୟାସ ହେତୁ ପ୍ରବାଚକ ଭାଗବତ ପଣ୍ଡାଙ୍କୁ ସମ୍ମାନ ଜନକ ଗୋସ୍ୱାମୀ ତୁଳସୀ ଦାସ ସମ୍ମାନ -୨୦୨୬ ପ୍ରଦାନ କରିଥିଲେ । ସମ୍ମାନ ସ୍ୱରୂପ ମାନ ପତ୍ର , ଶ୍ରୀ ଜଗନ୍ନାଥଙ୍କ ଫୋଟୋ , ଉତ୍ତରୀୟ, ପଦକ ଓ ପୁଷ୍ପମାଲ୍ୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଦୀର୍ଘ ୯ ଦିନ ଧରି ଚାଲିଥିବା ଏହି ମହୋତ୍ସବର ଉଦଯାପନ ସନ୍ଧ୍ୟାରେ ସମ୍ବର୍ଦ୍ଧନାର ଉତ୍ତର ଦେଇ ପ୍ରବାଚକ ଶ୍ରୀ ପଣ୍ଡା କହିଲେ ରାମାୟଣ କେବଳ ଏକ କାହାଣୀ ନୁହେଁ , ଏହା ଏକ ଆଚରଣୀୟ ଗ୍ରନ୍ଥ । ପୁରୁଷୋତ୍ତମ ଶ୍ରୀ ରାମଚନ୍ଦ୍ରଙ୍କ ଜୀବନାଦର୍ଶକୁ ସମସ୍ତେ ନିଜ ଜୀବନରେ, ପାରିବାରିକ ଜୀବନ ଭିତରେ , ସାମାଜିକ ଜୀବନ ତଥା ରାଷ୍ଟ୍ରୀୟ ଜୀବନରେ ଅନୁପାଳନ କଲେ ଏକ ସୁନ୍ଦର ସମାଜ ତିଆରି ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ । ମଞ୍ଚାସୀନ ଅତିଥିମାନେ ଶ୍ରୀରାମଙ୍କ ତ୍ୟାଗ ପୂତ ଜୀବନ, ଭରତଙ୍କ ମହନୀୟ ଚରିତ୍ର, ସୀତାଙ୍କର ପତି ପରାୟଣତା, ଲକ୍ଷ୍ମଣଙ୍କ ରାମଙ୍କୁ ନିସ୍ୱାର୍ଥପର ଭାବେ ଭଲ ପାଇବା ରାମଙ୍କର ସମ୍ମାନକୁ ସମାଜରେ ପ୍ରତିଷ୍ଠିତ କରାଇବାପାଇଁ ସବୁ ପ୍ରକାର ନିନ୍ଦା ଅପବାଦକୁ ସହ୍ୟ କରି ମାତା କୈକେୟୀ କିପରି ଜଣେ ମହନିୟା ନାରୀର ଭୂମିକା ନିଭାଇଛନ୍ତି ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ପରିଶେଷରେ କୋଷାଧକ୍ଷ ଅର୍ଜୁନ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ପରିବାରର ସମସ୍ତ ସଦସ୍ୟ ଖାଦ୍ୟ ସୁରକ୍ଷାରୁ ବଂଚିତ ଥିବାବେଳେ ପଲିଥିନ ତଳେ ବିତୁଛି ରାତି

ଉଦଳା , ୨୬/୮ (ନି.ପ୍ର): କପ୍ତିପଦା ବ୍ଲକର ମଝିଗଡ଼ିଆ ପଂଚାୟତ ଅନ୍ତର୍ଗତ ଟୁଲୁକବାଡ଼ି ଗ୍ରାମର ବାସିନ୍ଦା ବାସୁଦେବ ସିଂ ଓ ତାଙ୍କର ସହଧର୍ମିଣି ଗାର୍ଗି ସିଂଙ୍କ ପରିବାରର ସମସ୍ତ ସଦସ୍ୟ ଖାଦ୍ୟ ସୁରକ୍ଷାରୁ ବଂଚିତ ଥିବାର ଜଣାଇଛନ୍ତି । ଦିନମଜୁରିଆ ଭାବରେ କାମ କରି ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ଏହି ପରିବାରର ମୋଟ ସଦସ୍ୟ ୬ଜଣ ଅଟନ୍ତି । ସରକାର ଯୋଗାଇ ଦେଉଥିବା ମୁଣ୍ଡପିଛା ୫ କିଗ୍ରା ଚାଉଳ ପାଇପାରୁନଥିବାରୁ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର କଥା କହିଛନ୍ତି। ଆବାସ ଯୋଜନାରେ ଘର ମିଳିନଥିବାରୁ ପଲିଥିନ ତଳେ ରାତି କଟାଇବାକୁ ପରିବାରର ସଦସ୍ୟ ମାନେ ବାଧ ହୋଇଥିବାର କହିଛନ୍ତି । ସେହିପରି ପାଇଖାନା ଓ ପାଣି ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେବାକୁ ପଡୁଥିବାର ଜଣାଇଛନ୍ତି । ଏ ବାବଦରେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ବାରମ୍ବାର ଗୁହାରି ଜଣାଇଥିଲେ ମଧ କେହି ଶୁଣୁ ନଥିବାର ଅଭିଯୋଗ କରିଛନ୍ତି । ବିଭାଗୀୟ କର୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।


BETNOTI COLLEGE OF NURSING
COLLEGE ROAD, BETNOTI, MAYURBHANJ
Approved by: Health & Family Welfare Department, Govt. of Odisha, Bhubaneswar
(Recognised by : Odisha Nursing Council, Bhubaneswar)
(Affiliated to ODISHA UNIVERSITY OF HEALTH SCIENCES, BBSR, ODISHA)
Course Offer : ADMISSION OPEN : 2026-27
B.Sc. Nursing (4 Years Degree Course)
Eligibility : +2 Science with Biology (Mark 45% & 40% for SC/ST Students)
100% Placement
BETNOTI SCHOOL OF NURSING
G.N.M. 3 YEARS DIPLOMA COURSE
Eligibility : +2 Arts/ Science/ Commerce
A.N.M. 2 YEARS COURSE (Mark 40% & 35% for SC/ST Students)
Eligibility : +2 Arts/ Science/ Commerce
(Clinical Training at D.H.H. & P.R.M. Medical College, Baripada)
FACILITIES : Most Experienced Faculties, In Campus Girl's Hostel, Canteen, well Equipped, Laboratories, Library, Smart, Class Rooms, Separate, Boy's Hostel & Free Wi-fi.
STIPEND FOR SC/ST/OBC & SEBC STUDENTS
Contact for Admission:
7008973851, 8455087373, 9861373681


# ମହିଳା ସରପଞ୍ଚଙ୍କ ଫଟୋ ପୋଷ୍ଟ କରି ଅଶ୍ଳୀଳ ମନ୍ତବ୍ୟ ଦେବା ଘଟଣା

## ଡିଏସପିଙ୍କ ପ୍ରତିଶୃତି ପରେ ଧାରଣାରୁ ଉଠିଲା ଯୁବ କଂଗ୍ରେସ



ବାଲିଆପାଳ , ୨୬/୮ (ନି.ପ୍ର): ବାଲିଆପାଳ ବ୍ଲକ ନୂଆଗାଁ ପଞ୍ଚାୟତର ମହିଳା ସରପଞ୍ଚଙ୍କ ଫଟୋକୁ ସୋସିଆଲ ମିଡିଆରେ ପୋଷ୍ଟ କରି ଅଶାଳୀନ ମନ୍ତବ୍ୟ ଲେଖିଥିବା ସୋସିଆଲ ମିଡ଼ିଆ ବ୍ଲଗର ପିଣ୍ଟୁ ପ୍ରଧାନ ଓରଫ ଯଶୋବନ୍ତ ପ୍ରଧାନଙ୍କ ଗିରଫ ଦାବିରେ ଯୁବ କଂଗ୍ରେସ ପକ୍ଷରୁ ବାଲିଆପାଳ ଥାନା ସମ୍ମୁଖରେ ଅହୋରାତ୍ର ଧାରଣାରେ ମଙ୍ଗଳବାର ଠାରୁ ବସିଥିଲେ। ଆଜି ମଧ୍ୟାହ୍ନରେ ବାଲେଶ୍ୱର ଡିଏସପି ଚାନ୍ଦମଣି ସିଂ ଧାରଣା ସ୍ଥଳରେ ପହଞ୍ଚି ଯୁବ କଂଗ୍ରେସର ସମସ୍ତ ଅଭିଯୋଗ ଶୁଣିବା ପରେ ପ୍ରକୃତ ଦୋଷୀ ବିରୁଦ୍ଧରେ ତଦନ୍ତ କରି ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ ଏବଂ ଯୁବ କଂଗ୍ରେସର କର୍ମକର୍ତ୍ତା ମାନଙ୍କ ନାମରେ ବିଜେପି ନେତା ରବିନ୍ଦ୍ର ନାଥ ଅଣ୍ଡିଆ ଏବଂ ତାଙ୍କ କର୍ମକର୍ତ୍ତା ମାନଙ୍କ ଦ୍ୱାରା ବାଲିଆପାଳ ଥାନାରେ ଦିଆଯାଇଥିବା ଏତଲା ଆଧାରରେ ହୋଇଥିବା ମିଥ୍ୟା କେଶକୁ ତଦନ୍ତ କରି ଖାରଜ କରିବା ସହିତ ଅଭିଯୁକ୍ତ ପିଣ୍ଟୁ ପ୍ରଧାନର ସୋସିଆଲ ମିଡ଼ିଆ ଆକାଉଣ୍ଟ କୁ ବନ୍ଦ କରିବା ଭଳି ଦାବି ସବୁକୁ ଶୁଣିବା ପରେ ତଦନ୍ତ କରାଯାଇ ଆସନ୍ତା ୬ଦିନ ମଧ୍ୟରେ ଆଇନ ଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶୃତି ଦେବା ପରେ ଯୁବ କଂଗ୍ରେସ କର୍ମକର୍ତ୍ତା ମାନେ ଅହୋରାତ୍ର ଧାରଣା ପ୍ରତ୍ୟାହାର କରିଛନ୍ତି। ଏହି ସମୟରେ ବାଲିଆପାଳ ଥାନା ଅଧିକାରୀ ସାଲଖାନ ମୁର୍ମୁ, କଂଗ୍ରେସ ନେତା ବିଜନ ନାୟକ, କଂଗ୍ରେସ ବ୍ଲକ ସଭାପତି ମୂରଲୀ ମୋହନ ସାହୁ, କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ବିଶ୍ୱାଳ, ବ୍ଲକ ଅଧକ୍ଷା ରଞ୍ଜିତା ନାୟକ, ରବିନାରାୟଣ ମହାନ୍ତି ଦେଉଳା ପଞ୍ଚାୟତର ସରପଞ୍ଚ ସରୋଜ କୁମାର ପିଳା, ଜଗତିପୁର ସମିତି ସଦସ୍ୟ ଶାନ୍ତନୁ ମହାପାତ୍ର, ବାଲିଆପାଳ ବ୍ଲକ ସଂଖ୍ୟାଲଘୁ ସେଲର ସଭାପତି ସେକ କମିରୁଦ୍ଦିନ, ଯୁବ କଂଗ୍ରେସ ନେତା ଚନ୍ଦନ ରାଜ, ହୃଷିକେଶ ପଣ୍ଡା, କେଦାର ମହାନ୍ତି, ସୁଶାନ୍ତ ପାତ୍ର, ପ୍ରଶାନ୍ତ ଦାସ, ସୁଜୟ ପରିଡ଼ା, ନିମାଇଁ ବିଶ୍ୱାଳ, ସେକ ବାବୁ,ଅଜୟ ପାତ୍ରଙ୍କ ସମେତ ବହୁ ଯୁବକଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।


## AFFIDAVIT

By virtue of an affidavit before the executive Magistrate Basudevpur, I Subhalakshmi Samal, aged about 41 yrs. W/o- Kartik Samal, resident at- Balibindha, Po- Bhairabpur, P.s- Basudevpur, Dist- Bhadra declare that my name is Subhalakshmi Samal W/o- Kartik Samal which is mentioned in my Aadhaar Card vide No- 261379856043 & PNB Bank passbook bearing A/c No- 14992191068446, but imy name Binati Samal W/o- Kartik Chandra Samal has been mentioned in my LIC Policy bond vide policy No. - 598122312. That both the names Subhalakshmi Samal W/o- Kartik Chandra Samal & Binati Samal W/o- Kartik Chandra Samal is same & one person. Henceforth I will be known as Binati Samal in all purpose.

**Binati Samal**



❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida